ବର୍ଷ-୨୫, ସଂଖ୍ୟା-୪୫
ଭୁବନେଶ୍ୱର
୧୫, ଫେବୃଆରୀ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 45
Bhubaneswar
15 February, 2025, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




ରିଲିଜ୍ ହେଲା 'ଛାଭା'

# ଭାରତକୁ ମିଳିବ ଏଫ-୩୫ ଯୁଦ୍ଧ ବିମାନ

**ୱାଶିଂଟନ,୧୪।୨(ପିଆଇବି):** ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଠାରେ ହୋଇଥିବା ଐତିହାସିକ ସାକ୍ଷାତ ପରେ ମିଳିତ ପ୍ରେସମିଟରେ ଗୁରୁତ୍ୱପୂର୍ଣ୍ଣ ସାମରିକ ଘୋଷଣା କରିଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହିତ ପ୍ରେସମିଟରେ ଏହି ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ, ଆମେରିକା ଭାରତକୁ ଅତ୍ୟାଧୁନିକ ଏଫ-୩୫ ଯୁଦ୍ଧ ବିମାନ ବିକ୍ରି କରିବାକୁ ନିଷ୍ପତି ନେଇଛି । ଭାରତକୁ ଅତ୍ୟାଧୁନିକ ଷ୍ଟିଲ୍ଥ ବିମାନ ବିଶିଷ୍ଟ ଦେଶର କ୍ଲବରେ ସାମିଲ କରିବା ଏହାର ଉଦ୍ଦେଶ୍ୟ ଅଟେ । ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ବେଶ୍ ସୌହାର୍ଦ୍ଦ୍ୟପୂର୍ଣ୍ଣ ସାକ୍ଷାତ ପରେ ହୋଇଥିବା ମିଳିତ ପ୍ରେସମିଟରେ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ, ଚଳିତ ବର୍ଷ ଆମେରିକା ଭାରତରେ ସୈନ୍ୟ ବିକ୍ରିକୁ ଅନେକ ଆରବ ଡଲାରରେ ପହଂଚାଯିବ । ଆମେ ଭାରତକୁ ଏଫ-୩୫ ଷ୍ଟିଲ୍ଥ ଯୁଦ୍ଧ ବିମାନ ଦେବାର ରାସ୍ତା ଖୋଲିଛୁ । ଆମେରିକା ରାଷ୍ଟ୍ରପତି କହିଛନ୍ତି ଯେ, ଭାରତରେ ଆମେରିକା ଦ୍ରୁତଗତିରେ ସୈନ୍ୟ ବ୍ୟାପାର ବଢାଇବ ।

ଆଜି ରାଷ୍ଟ୍ରପତି ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ସହଯୋଗର ପ୍ରମୁଖ ସ୍ତମ୍ଭ ଗୁଡ଼ିକରେ ପରିବର୍ତ୍ତନ ଆଣିବା ପାଇଁ ଏକ ନୂତନ ପଦକ୍ଷେପ - ଏକବିଂଶ ଶତାବ୍ଦୀ ପାଇଁ ସାମରିକ ଭାଗିଦାରୀ, ତ୍ୱରିତ ବାଣିଜ୍ୟ ଏବଂ ପ୍ରଯୁକ୍ତି ବିଦ୍ୟା ପାଇଁ ଉତ୍ସାହଜନକ ସୁଯୋଗ ର ଶୁଭାରମ୍ଭ କରିଛନ୍ତି। ଏହି ପଦକ୍ଷେପ ଅନୁସାରେ, ସେମାନେ ପାରସ୍ପରିକ ଲାଭଦାୟକ ଭାଗିଦାରୀ ପାଇଁ ବିଶ୍ୱାସର ସ୍ତର ପ୍ରଦର୍ଶନ କରିବା ଲାଗି ଚଳିତ ବର୍ଷ ପ୍ରାରମ୍ଭିକ ଫଳାଫଳ ସହିତ ଏକ ଫଳାଫଳ-ଭିତ୍ତିକ ଏଜେଣ୍ଡା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଆମେରିକା - ଭାରତ ରଣନୈତିକ ସ୍ୱାର୍ଥର ଗଭୀର ସମନ୍ୱୟ ଉପରେ ଆଲୋକପାତ କରି ନେତାମାନେ ଏକାଧିକ କ୍ଷେତ୍ରରେ ଗତିଶୀଳ ପ୍ରତିରକ୍ଷା ଭାଗିଦାରୀ ପ୍ରତି ସେମାନଙ୍କର ଅତୁଟ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ପ୍ରତିରକ୍ଷା ସମ୍ପର୍କକୁ ଆହୁରି ଆଗକୁ ବଢ଼ାଇବା ପାଇଁ ଚଳିତ ବର୍ଷ ଏକବିଂଶ ଶତାବ୍ଦୀରେ ଆମେରିକା - ଭାରତ ପ୍ରମୁଖ ପ୍ରତିରକ୍ଷା ଭାଗିଦାରୀ ପାଇଁ ଏକ ନୂତନ ଦଶ ବର୍ଷିଆ ଫ୍ରେମୱାର୍କ ସ୍ୱାକ୍ଷରିତ କରିବାକୁ ଦୁଇ ନେତା ଘୋଷଣା କରିଛନ୍ତି।



ସି୧୩୦ଜେ ସୁପର ହର୍କୁଲେସ୍, ସି୧୭ ଗ୍ଲୋବମାଷ୍ଟର-୩, ପି୮ଆଇ ପୋସାଇଡନ୍ ବିମାନ ; ସିଏଚ୍ ୪୭ଏଫ୍ ଚିନୁକ୍, ଏମ୍ଏଚ୍ ୬୦ଆର୍ ସିହକ୍ ଏବଂ ଏଏଚ୍ ୬୪ଇ ଆପାଚି; ହାର୍ପୁନ୍ ଆଣ୍ଟି-ସିପ୍ କ୍ଷେପଣାସ୍ତ୍ର; ଏମ୭୭୭ ହାଓ୍ୱାଇଜର୍; ଏବଂ ଏମକ୍ୟୁ୯ବି ସମେତ ଭାରତର ତାଲିକାରେ ଆଜି ପର୍ଯ୍ୟନ୍ତ ଆମେରିକା ଉତ୍ପାଦିତ ପ୍ରତିରକ୍ଷା ସାମଗ୍ରୀର ଗୁରୁତ୍ୱପୂର୍ଣ୍ଣ ମିଶ୍ରଣକୁ ଉଭୟ ନେତା ସ୍ୱାଗତ କରିଥିଲେ। ଏହା ଆମେରିକା ଭାରତ ସହିତ ପ୍ରତିରକ୍ଷା ବିକ୍ରୟ ଏବଂ ସହ-ଉତ୍ପାଦନକୁ ବିସ୍ତାର କରିବ ଯାହା ଦ୍ୱାରା ଆନ୍ତଃକାର୍ଯ୍ୟକ୍ଷମତା ଏବଂ ପ୍ରତିରକ୍ଷା ଶିଳ୍ପ ସହଯୋଗକୁ ସୁଦୃଢ଼ କରାଯିବ ବୋଲି ଏହି ନେତାମାନେ ଦୃଢୋକ୍ତି ପ୍ରକାଶ କରିଥିଲେ । ଭାରତର ପ୍ରତିରକ୍ଷା ଆବଶ୍ୟକତାକୁ ଦ୍ରୁତ ଗତିରେ ପୂରଣ କରିବା ପାଇଁ ଚଳିତ ବର୍ଷ ଭାରତରେ ଜାଭେଲିନ ଆଣ୍ଟି-ଟ୍ୟାଙ୍କ ଗାଇଡେଡ୍ ମିସାଇଲ ଏବଂ ଷ୍ଟ୍ରାଇକର ଇନଫାଣ୍ଟ୍ରି କମ୍ବାଟ୍ ଯାନ ପାଇଁ ନୂତନ କ୍ରୟ ଏବଂ ସହ-ଉତ୍ପାଦନ ବ୍ୟବସ୍ଥା କରିବାକୁ ସେମାନେ ଯୋଜନା ଘୋଷଣା କରିଛନ୍ତି। ବିକ୍ରୟ ସର୍ତ୍ତାବଳୀ ଉପରେ ସହମତି ପରେ ଭାରତ ମହାସାଗରୀୟ କ୍ଷେତ୍ରରେ ଭାରତର ସାମୁଦ୍ରିକ ତଦାରଖକୁ ବୃଦ୍ଧି କରିବା ପାଇଁ ଅତିରିକ୍ତ ୬ଟି ପି-୮ଆଇ ମେରିଟାଇମ୍ ପାଟ୍ରୋଲିଂ ବିମାନ କ୍ରୟ ଶେଷ ହେବ ବୋଲି ସେମାନେ ଆଶା ରଖିଛନ୍ତି।

ରଣନୈତିକ ବାଣିଜ୍ୟ ପ୍ରାଧିକରଣ - ୧ (ଏସଟିଏ୧) ଅନୁମୋଦନ ସହିତ ଭାରତ ଏକ ପ୍ରମୁଖ ପ୍ରତିରକ୍ଷା ସହଯୋଗୀ ଏବଂ କ୍ୱାଡ୍ ର ଏକ ପ୍ରମୁଖ ଅଂଶୀଦାର ବୋଲି ସ୍ୱୀକାର କରି ଆମେରିକା ଏବଂ ଭାରତ ପ୍ରତିରକ୍ଷା ବାଣିଜ୍ୟ, ପ୍ରଯୁକ୍ତି ବିନିମୟ ଏବଂ ରକ୍ଷଣାବେକ୍ଷଣ, ଅତିରିକ୍ତ ଯୋଗାଣ ଏବଂ ଆମେରିକା ଦ୍ୱାରା ପ୍ରଦାନ କରାଯାଇଥିବା ପ୍ରତିରକ୍ଷା ବ୍ୟବସ୍ଥାର ଦେଶ ଭିତରେ ମରାମତି ଏବଂ ପୁନରୁଦ୍ଧାର ପାଇଁ ଇଂଟରନ୍ୟାସନାଲ୍ ଟ୍ରାଫିକ୍ ଇନ୍ ଆର୍ମସ ରେଗୁଲେସନ୍ (ଆଇଟିଏଆର) ସମେତ ନିଜ ନିଜ ଅସ୍ତ୍ରଶସ୍ତ୍ର ହସ୍ତାନ୍ତର ନିୟମାବଳୀର ସମୀକ୍ଷା କରିବେ। ଏହି ନେତାମାନେ ସେମାନଙ୍କ କ୍ରୟ ପ୍ରଣାଳୀକୁ ଉତ୍ତମ ଭାବରେ ସମନ୍ୱିତ କରିବା ଏବଂ ପ୍ରତିରକ୍ଷା ସାମଗ୍ରୀ ଏବଂ ସେବାର ପାରସ୍ପରିକ ଯୋଗାଣକୁ ସକ୍ଷମ କରିବା ପାଇଁ ପାରସ୍ପରିକ ପ୍ରତିରକ୍ଷା କ୍ରୟ (ଆରଡିପି) ଚୁକ୍ତି ପାଇଁ ଚଳିତ ବର୍ଷ ଆଲୋଚନା ଆରମ୍ଭ କରିବାକୁ ଆହ୍ୱାନ ଦେଇଛନ୍ତି। ମହାକାଶ, ବାୟୁ ପ୍ରତିରକ୍ଷା, କ୍ଷେପଣାସ୍ତ୍ର, ସାମୁଦ୍ରିକ ଏବଂ ସମୁଦ୍ର ତଳେ ଥିବା ପ୍ରଯୁକ୍ତି କ୍ଷେତ୍ରରେ ପ୍ରତିରକ୍ଷା ପ୍ରଯୁକ୍ତି (ପୃ-୭)

## ସୁନିତାଙ୍କ ଫେରିବା ବାଟ ଫିଟିଲା

ୱାଶିଂଟନ,୧୪।୨: ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍)ରେ ଦୀର୍ଘ ୮ ମାସରୁ ଉର୍ଦ୍ଧ୍ୱ ସମୟ ରହିବା ପରେ ନାସା ମହାକାଶଚାରୀ ସୁନୀତା ୱିଲିୟମ୍ସ ଏବଂ ବୁଚ୍ ୱିଲ୍‌ମୋର ମାର୍ଚ୍ଚ ୧୯ରେ ପୃଥିବୀକୁ ଫେରିବେ। ମହାକାଶରୁ



ସେମାନଙ୍କ ସୂଚନା ଅନୁଯାୟୀ ମାର୍ଚ୍ଚ ୧୨ରେ କ୍ରିଉ-୧୦ ମିଶନ ମାର୍ଚ୍ଚ ୧୨ରେ ପୃଥିବୀରୁ ଲଞ୍ଚ୍ କରିବ। ସେଥିରେ ଯାଇଥିବା ମହାକାଶଚାରୀଙ୍କୁ ଉଭୟ ସୁନୀତା ଏବଂ ବୁଚ୍ କାର୍ଯ୍ୟ ହସ୍ତାନ୍ତର କରିବା ପରେ ମାର୍ଚ୍ଚ ୧୯ରେ ଡ୍ରାଗନ୍

ସ୍ପେସ୍‌କ୍ରାଫ୍ଟରେ ପୃଥିବୀକୁ ଫେରିବେ। ସମ୍ପ୍ରତି ସୁନୀତା ଉକ୍ତ ଉଡ଼ନ୍ତା ଲାବରେଟୋରିର କମାଣ୍ଡର ରହିଥିବାବେଳେ ମାର୍ଚ୍ଚ ୧୨ରେ ଯିବାକୁ ଥିବା ଅନ୍ୟ ଜଣେ ମହାକାଶଚାରୀ ଏହି ଦାୟିତ୍ୱ ସମ୍ଭାଳିବେ। ଦାୟିତ୍ୱ ହସ୍ତାନ୍ତର କାର୍ଯ୍ୟ ସପ୍ତାହେ ଲାଗିବ ବୋଲି ବୁଚ୍ ଏକ ଗଣମାଧ୍ୟମକୁ କହିଛନ୍ତି। ଗତବର୍ଷ ଜୁନ୍‌ରେ ସୁନୀତା ଏବଂ ବୁଚ୍ ବୋଇଂର ଷ୍ଟାର୍‌ଲାଇନର କ୍ୟାପ୍‌ସୁଲ୍‌ରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯାଇଥିଲେ ।ଉକ୍ତ ମହାକାଶ ଯାନରେ ବୈଷୟିକ ତ୍ରୁଟି ଦେଖାଦେବାରୁ ସେମାନେ ୮ ମାସରୁ ଉର୍ଦ୍ଧ୍ୱ ସମୟ ହେଲା ସେଠାରେ ଫସିରହିଛନ୍ତି ।।ସନ୍ତା ମାସରେ ସେମାନଙ୍କ ପୃଥିବୀ ଫେରିବା ପ୍ରତୀକ୍ଷାର ଅନ୍ତ ହେବାକୁ ଯାଉଛି।

## ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ବକେୟା ପାଇବେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍

ଭୁବନେଶ୍ୱା,୧୪।୨(ମହାଭାରତ): ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିଭାଷଣ ରଖିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟରତ କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କ ନିମନ୍ତେ ନୂଆ ଯୋଜନା ଲକ୍ଷପତି ଦିଦି ସହାୟିକା ଯୋଜନା ଘୋଷଣା କରିଛନ୍ତି। ଏହାସହିତ ସେମାନଙ୍କର ବକେୟା ଥିବା ୧୦ମାସର ଦରମା ମଧ୍ୟ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ପ୍ରାୟ ୬୨ହଜାରରୁ ଅଧିକ ସିଆରପି,ଏମବିକେ, ପ୍ରାଣୀ ମିତ୍ର ଓ ବ୍ୟାଙ୍କ ମିତ୍ରଙ୍କ ଭଳି କମ୍ୟୁନିଟି ସପୋର୍ଟ ଷ୍ଟାଫମାନେ ୨୦୨୪ ଏପ୍ରିଲମାସଠୁ ନିଜର ବକେୟା ଦରମା ପାଇବା ଅପେକ୍ଷାରେ ରହିଛନ୍ତି ।

ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଘୋଷଣା କରି କହିଛନ୍ତି ଯେ, ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ଓଡିଶା ଜୀବିକା ମିଶନ ୨୦୧୨ ମସିହା ଅପ୍ରେଲ ୧ ତାରିଖରୁ କାର୍ଯ୍ୟକାରୀ ହେଉଅଛି। ଏହି ଯୋଜନାର ଆଭିମୁଖ୍ୟ ଅନୁଯାୟୀ ଗ୍ରାମୀଣ ପରିବାରମାନଙ୍କର ଜୀବନ ଜୀବିକାରେ ଉନ୍ନତି ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ପରିବାରର ମହିଳାମାନଙ୍କୁ ସାମିଲ କରାଯାଉଅଛି। ପୁନର୍ବାର ଏହି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବିଭିନ୍ନ ସାମାଜିକ ତଥା ଅର୍ଥନୈତିକ ସହାୟତା ପ୍ରଦାନ କରିବା ପାଇଁ ସେମାନଙ୍କୁ ଗ୍ରାମ ଓ ପଞ୍ଚାୟତସ୍ତରରେ ସଂଗଠିତ କରାଯାଉଅଛି। ଏହି ସ୍ୱୟଂ ସହାୟକ ଗୋଷ୍ଠୀ, ଆଞ୍ଚଳିକ



ମଞ୍ଚ ଏବଂ ଗ୍ରାମ ପଞ୍ଚାୟତ ସଂଘ ଗୁଡିକୁ ସୁଦୃଢ ଓ ସଶକ୍ତ କରିବା ପାଇଁ କମ୍ୟୁନିଟି ସପୋର୍ଟ ଷ୍ଟାଫ ମାନଙ୍କୁ ଗ୍ରାମ ପଞ୍ଚାୟତ ସ୍ତରୀୟ ସଂଘ ଦ୍ୱାରା ନିଯୁକ୍ତି ଦିଆଯାଇଥିଲା ।କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କ ମଧ୍ୟରେ କମ୍ୟୁନିଟି ରିସୋର୍ସ ପର୍ସନ୍ ଫର କମ୍ୟୁନିଟି ମୋବିଲାଇଜେସନ୍ (ସିଆରପି-ସିଏମ) ମାଷ୍ଟର ବୁକ କିପର (ଏମବିକେ) ବ୍ୟାଙ୍କ ମିତ୍ର ଓ ପ୍ରାଣୀ ମିତ୍ର ଅନ୍ତର୍ଭୁକ୍ତ ଅଟନ୍ତି । ରାଜ୍ୟରେ ମୋଟ ୬୨,୩୪୧ ଜଣ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ନିଯୁକ୍ତ କରାଯାଇଥିଲା ।ଓଡିଶା ଜୀବିକା ମିଶନର ପତ୍ର ସଂଖ୍ୟା ୫୭୪, ତାରିଖ ୨୫.୦୨.୨୦୧୯ରେ କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କର ପାରିଶ୍ରମିକ ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା । ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ ଏହି କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କର ପାରିଶ୍ରମିକ ବାବଦକୁ ଗ୍ରାମ ପଞ୍ଚାୟତସ୍ତରୀୟ ସଂଘମାନଙ୍କୁ ୨୦୧୯ ଏପ୍ରିଲ ୧ ତାରିଖଠାରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ହାରରେ ପାଣ୍ଠି ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଥିଲା । ନିଯୁକ୍ତିର ପ୍ରଥମ ତିନି ବର୍ଷ ୧୦୦ ପ୍ରତିଶତ, ଚତୁର୍ଥ ବର୍ଷରେ ୭୫ ପ୍ରତିଶତ ଓ ପଞ୍ଚମ ବର୍ଷରେ ୫୦ ପ୍ରତିଶତ ହିସାବରେ ପାଣ୍ଠି ପ୍ରଦାନ କରିବାର ବ୍ୟବସ୍ଥା ରହିଥିଲା। କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କର ପାରିଶ୍ରମିକ ବାବଦକୁ ଚତୁର୍ଥ ବର୍ଷରେ ୨୫ ପ୍ରତିଶତ, ପଞ୍ଚମ ବର୍ଷରେ ୫୦ ପ୍ରତିଶତ ଏବଂ ପଞ୍ଚମ ବର୍ଷ ପରେ ସମୁଦାୟ ୧୦୦ ପ୍ରତିଶତ ପାଣ୍ଠି ପଞ୍ଚାୟତସ୍ତରୀୟ ସଂଘମାନେ ନିର୍ଦ୍ଦେଶାବଳୀ ଅନୁଯାୟୀ ବହନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ।ମାତ୍ର ଏହା ପରିଲକ୍ଷିତ ହେଉଅଛି ଯେ, ବିଗତ ସରକାରଙ୍କ ଇଚ୍ଛା ଶକ୍ତିର ଅଭାବ ଯୋଗୁ ଜିପିଏଲ୍ଏଫ ମାନେ ସ୍ୱୟଂ ସମ୍ପୂର୍ଣ୍ଣ ହୋଇ ପାରି ନାହାନ୍ତି । ତେଣୁ, କମ୍ୟୁନିଟି ସପୋର୍ଟ ଷ୍ଟାଫମାନେ ଦଶ ମାସ ଧରି ପାରିଶ୍ରମିକ ପାଇ ପାରିନାହାନ୍ତି।ଆମ ସରକାର ମା'ମାନଙ୍କର ସମସ୍ୟା ପ୍ରତି ସମ୍ବେଦନଶୀଳ ଅଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କର ଆର୍ଥିକ ଅଭିବୃଦ୍ଧି କରାଇବା ଲକ୍ଷ୍ୟ ନେଇ ଲକ୍ଷପତି ଦିଦି ଯୋଜନା କାର୍ଯ୍ୟକାରୀ ହେଉଅଛି । ଏହି ଯୋଜନାରେ ଅଧିକରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟାଙ୍କୁ ବାର୍ଷିକ ଏକ ଲକ୍ଷ ଟଙ୍କାର ରୋଜଗାରକ୍ଷମ କରାଇବା ପାଇଁ ପ୍ରୟାସ କରାଯାଉଅଛି । ରାଜ୍ୟ ସରକାର ୨୦୨୭ ମସିହା ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାପାଇଁ ଲକ୍ଷ୍ୟ ରଖିଛନ୍ତି। ଏତଦ୍ ବ୍ୟତୀତ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରି ସମୃଦ୍ଧ ଓଡିଶା ଗଢିବା ଆମ ସରକାରଙ୍କ ଉଦ୍ଦେଶ୍ୟ । ଏଥିପାଇଁ କମ୍ୟୁନିଟି ସପୋର୍ଟ ଷ୍ଟାଫ ମା' ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।ତେଣୁ, ସେମାନଙ୍କର ସମସ୍ୟାର ସମାଧାନ କରିବା ପାଇଁ, ଆମ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ଲକ୍ଷପତି ଦିଦି ସହାୟିକା ଯୋଜନା ନାମକ ଏକ ନୂତନ ଯୋଜନା ମୁଁ ଘୋଷଣା କରୁଛି । ଏହି ଯୋଜନା ମାଧ୍ୟମରେ କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କର ପାରିଶ୍ରମିକ ବାବଦ ଅର୍ଥ ବର୍ତ୍ତମାନ ପାଇଁ ସରକାର ବହନ କରିବେ।

## ଅଷ୍ଟମ ପିଲାଙ୍କୁ ଜଣାନାହିଁ ଗଣିତ

**ଭୁବନେଶ୍ୱର,୧୪।୨(ମହାଭାରତ) :** ବିଧାନସଭାର ବଜେଟ୍ ଅଧିବେଶନର ଦ୍ୱିତୀୟ ଦିନରେ ଆଜି ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର ରାଜ୍ୟରେ ଅଷ୍ଟମ ଶ୍ରେଣୀ ପିଲାଙ୍କ ଗଣିତ ଜ୍ଞାନ କେତେ ରହିଛି, ସେନେଇ ଜାଣିବାକୁ ଚାହିଁଥିଲେ। ଅସର ରିପୋର୍ଟ ଅନୁଯାୟୀ ରାଜ୍ୟରେ ଅଷ୍ଟମ ଶ୍ରେଣୀ ପିଲା ଠିକ୍ ଭାବରେ ହରଣ ଗୁଣନ, ଫେଡ଼ାଣ କରି ପାରୁ ନାହାନ୍ତି। ଏଥିପାଇଁ ଶିକ୍ଷା ବ୍ୟବସ୍ଥା ଦିଗରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ କଣ ପଦକ୍ଷେପ ନେଇଛନ୍ତି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ପ୍ରଶ୍ନ କରିଥିଲେ।

ବାଲିଗୁଡ଼ା ବିଧାୟକଙ୍କର ପ୍ରଶ୍ନରେ ଗଣଶିକ୍ଷା ମନ୍ତ୍ରୀ ଉତ୍ତର ଦେଇଥିଲେ ଯେ, ୨୦୨୪-୨୫ ଆର୍ଥିକ ବର୍ଷରୁ ୨୦୨୮-୨୯ ବର୍ଷ ମଧ୍ୟରେ ୬୭୯୪ ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୧୧,୯୩୯.୪୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କେବଳ ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନାରେ ଖର୍ଚ୍ଚ ବାବଦକୁ ୧୦୦ କୋଟି ଟଙ୍କା ବ୍ୟୟବରାଦ ରହିଛି। ଯୋଜନା ପାଇଁ ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ଏବେ ସରକାରଙ୍କ ବିଚାରରେ ରହିଛି। ସେହିଭଳି ବନ୍ଦ ହୋଇଥିବାକୁ ସ୍କୁଲକୁ ପୁନଃ ଖୋଲିବାକୁ ପ୍ରସ୍ତାବ ପରେ ରାଜ୍ୟସ୍ତରୀୟ ତଥା ଜିଲ୍ଲା ସ୍ତରୀୟ କମିଟି ଦ୍ୱାରା ଯାଞ୍ଚ କରାଯାଇ ଉପଯୁକ୍ତ ପଦକ୍ଷେପ ନେବାର ବ୍ୟବସ୍ଥା ରହିଛି ।ରାଜ୍ୟରେ ସମସ୍ତ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୬,୦୦୯ କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ସେହି ଅନୁଦାନ ପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ୧୭୯୮ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ସରକାରୀ ଉଚ୍ଚ ବିଦ୍ୟାଳୟରେ ୬୦୨୫ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୩୭୫ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ସରକାରୀ ଅନୁଦାନ ପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୦୬୧ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ଏବେ ୧୭ଟି ଜିଲ୍ଲାରେ ୨୧ଟି ଭାଷାରେ ଶିକ୍ଷାଦାନ କରାଯାଉଛି। ଏହି ସବୁ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ୩୧୮୮ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ଖାଲି ସେତିକି ନୁହେଁ, ୧୪୩ ଶିକ୍ଷା ସ୍ୱେଚ୍ଛାସେବୀମାନଙ୍କୁ ବି ନିଯୁକ୍ତ କରାଯାଇଛି। ଅସର ରିପୋର୍ଟ ଅନୁଯାୟୀ ଅଷ୍ଟମ ଶ୍ରେଣୀ ପିଲା ଫେଡାଣ-ହରଣ ଜାଣି ନାହାନ୍ତି। ୬୮.୫ ପ୍ରତିଶତ ପିଲା ଜାଣି ନାହାନ୍ତି ଫେଡ଼ାଣ ଏବଂ ୪୫.୮ ପ୍ରତିଶତ ପିଲା ଜାଣି ନାହାନ୍ତି ହରଣ। ଏହି ସଂଖ୍ୟା ପ୍ରତି ବର୍ଷ ବିବି ଚାଲିଛି। ଏହାକୁ ନେଇ କଣ ପଦକ୍ଷେପ ନିଆଯାଉଛି ତାହାକୁ ନେଇ ଉତ୍ତର ଚାହିଁଥିଲେ ବିଧାୟକ ଚକ୍ରମଣି କହଁର। ୨୦୧୪ରେ ୬୩.୪ ପ୍ରତିଶତ ପିଲା ଫେଡ଼ାଣ ଜାଣି ନଥିବା ବେଳେ ୨୦୨୪ରେ ୬୯.୫ ପ୍ରତିଶତ ପିଲା ଫେଡାଣ ଜାଣି ନଥିବା ରିପୋର୍ଟ ଆସିଛି।

ସେହିପରି ୨୦୧୪ରେ ୩୭.୯ ପ୍ରତିଶତ ପିଲା ହରଣ ଜାଣି ନଥିବା ବେଳେ ୨୦୨୪ରେ ତାହା ବଢ଼ିକି ୪୫.୮ ପ୍ରତିଶତରେ ପହଁଚିଛି। ବିଧାୟକ ଚକ୍ରମଣି କହଁର ପ୍ରଶ୍ନରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଲିଖିତ ଉତ୍ତର ରଖିଥିଲେ।

## ମହିଳାଙ୍କୁ ଚାପି ଦେଲା ମୋ ବସ୍

**ଭୁବନେଶ୍ୱର,୧୪।୨(ମହାଭାରତ):** ପୁଣି ମୋ ବସ୍ ନେଇଛି। ଜୀବନ ଶୁକ୍ରବାର ରାତିରେ ତମାଣ୍ଡୋ ଥାନା ଅଞ୍ଚଳର ଓଭରବ୍ରିଜ୍ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ସ୍କୁଟି ସହ ୧୦୦ ମିଟର ପର୍ଯ୍ୟନ୍ତ ଜଣେ ମହିଳାଙ୍କୁ ବସ୍‌ଟି ଘୋଷାଡ଼ି ନେବା ଯୋଗୁ ଘଟଣାସ୍ଥଳରେ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଛି। ସେହିଭଳି ଅନ୍ୟ ୩ଜଣ ମଧ୍ୟ ଗୁରୁତର ହୋଇଛନ୍ତି। ଏହି ଦୁର୍ଘଟଣା ପରେ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା ଉତ୍ତ୍ୟକ୍ତ ଲୋକେ ଡ୍ରାଇଭରଙ୍କୁ ମାଡ଼ ମାରିବା ପରେ ପୋଲିସ ହେପାଜତକୁ ଦେଇଛନ୍ତି। ସୂଚନାନୁଯାୟୀ, ୩୩ଏସ୍ ମୋ ବସ୍(ନଂ ୦୨ ବିଜେ ୯୪୧୦) ଡିଏନ୍ ରେଗାଲିଆ। ଓଭରବ୍ରିଜ୍ ନିକଟରେ ଦୁର୍ଘଟଣା ଘଟାଇଛି ଏଥିରେ ଜଣେ ମହିଳାଙ୍କ ଚକା ତଳେ ଫସି ମୃତ୍ୟୁ ଘଟିଥିବା ବେଳେ ଆଉ ୩ ଗୁରୁତର ହୋଇଛନ୍ତି। ଗୁରୁତରମାନଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ଡ୍ରାଇଭରଜଣଙ୍କ ମଦ୍ୟପାନ କରିଥିବାରୁ ଦୁର୍ଘଟଣା ଘଟାଇଥିବା ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ପୋଲିସ ବସ୍‌ଟିକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

## ହଟ୍ଟଗୋଳ ଯୋଗୁଁ ଚାଲିପାରିଲାନି ଗୃହ

ଭୁବନେଶ୍ୱର,୧୪।୨(ମହାଭାରତ): ବିଧାନସଭା ବଜେଟ୍ ଅଧିବେଶନର ଆଜି ଦ୍ୱିତୀୟ ଦିବସରେ ବିଧାନସଭା ଗୃହରେ ଅଚଳାବସ୍ଥା ଦେଖାଦେଇଛି। ପ୍ରବଳ ହଟ୍ଟଗୋଳ କାରଣରୁ ଦୁଇ ଦୁଇ ଥର ଗୃହକୁ ମୁଲତବୀ ଘୋଷଣା କରିଛନ୍ତି ବାଚସ୍ପତି ସୁରମା ପାଢୀ।



ଆଜି ବିଧାନସଭା ଆରମ୍ଭରୁ ହିଁ ବିରୋଧୀ ପ୍ରବଳ ହଟ୍ଟଗୋଳ ଓ ନାରାବାଜି କରିଥିଲେ। ଉଭୟ ବିଜେଡି ଓ କଂଗ୍ରେସ ଗୃହ ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଅଭିଯୋଗ କରି କଂଗ୍ରେସ ହୋ ହାଲ୍ଲା କରିଥିବାବେଳେ ଏପଟେ ଚାଷୀ ମାରଣ ନୀତି ଓ କଟନୀ ଛଟନୀ ଅଭିଯୋଗରେ ବିଜେଡି ବିଧାୟକଙ୍କ ବିକ୍ଷୋଭ ଦେଖିବାକୁ ମିଳିଥିଲା। ଫଳରେ ଚାଲିପାରି ନଥିଲା ଗୃହକାର୍ଯ୍ୟ ଏହାପରେ ଗୃହକୁ ମଧ୍ୟାହ୍ନ ୧୨ଟା ଯାଏଁ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ତେବେ ହୋହାଲ୍ଲା ଭିତରେ ବାଚସ୍ପତି ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନଙ୍କୁ ନିଜ ନିଜ ସ୍ଥାନକୁ ଯିବା ଲାଗି ଏକାଧିକ ବାର ନିବେଦନ କରିଥିଲେ ହେଲେ। ସେଥିପ୍ରତି ସେମାନେ କର୍ଣ୍ଣପାତ କରିନଥିଲେ । ଏହାପରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ମଧ୍ୟାହ୍ନ ୧୨ଟା ଯାଏ ମୁଲତବୀ ଘୋଷଣା କରିଥିଲେ । ପୁନର୍ବାର ସମାନ ସ୍ଥିତି ଉପୁଜିବାରୁ ଗୃହକୁ ବାଚସ୍ପତି ଅପରାହ୍ଣ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

## ଘର ବାହୁଡ଼ା ପାଇଁ ଭକ୍ତଙ୍କ ଅପିଲ୍

ଭୁବନେଶ୍ୱର,୧୪।୨(ମହାଭାରତ): କଂଗ୍ରେସ ହାଇକମାଣ୍ଡ ପ୍ରଥମେ ଓଡ଼ିଶା କଂଗ୍ରେସ ପାଇଁ ସଭାପତି ଘୋଷଣା କରିବା ପରେ ଆଜି ନୂଆ ରାଜ୍ୟ ପ୍ରଭାରୀଙ୍କ ନାମ ଘୋଷଣା କରିଛନ୍ତି। ଅଜୟ କୁମାର ଲଲ୍ଲୁଙ୍କୁ ଏହି



ଦାୟିତ୍ୱ ମିଳିଛି। ସେହିପରି ନୂଆ ପିସିସି ସଭାପତି ଭକ୍ତ ଚରଣ ଦାସ ଦାୟିତ୍ୱ ନେବା ପରେ ଆଜି ବଡ଼ ନିଷ୍ପତ୍ତି ନେଇଛନ୍ତି। ପୂର୍ବ ବହିଷ୍କାର ଏବଂ ନିଲମ୍ବନ ଆଦେଶ ପ୍ରତ୍ୟାହୃତ କରିଛନ୍ତି ଏଥି ସହିତ ସେ ଦଳ ଛାଡ଼ିଥିବା ନେତାଙ୍କୁ ଦଳକୁ ଫେରିବାକୁ ଅନୁରୋଧ କରିଛନ୍ତି।

ସାମାଜିକ ଗଣମାଧ୍ୟମ ଏକ୍ସରେ ଟୁଇଟ୍ କରି ଶ୍ରୀ ଦାସ ଲେଖିଛନ୍ତି ଯେଉଁମାନଙ୍କୁ କେଣସି ନା କେଣସି ପରିସ୍ଥିତିରେ ଦଳରୁ ନିଲମ୍ବନ କରାଯାଇଥିଲା, ତାହାକୁ ପ୍ରତ୍ୟାହାର କରିଦିଆଯାଇଛି। ବିଭିନ୍ନ ସମୟରେ କୌଣସି କାରଣରୁ ଯେଉଁମାନେ ଦଳ ଛାଡ଼ି ଚାଲି ଯାଇଛନ୍ତି, ସେମାନେ ପୁନର୍ବାର କଂଗ୍ରେସ ଦଳକୁ ଫେରି ଆସିବାକୁ ଆମେ ନିବେଦନ କରୁଛୁ ।ଯଦି ସେମାନେ କଂଗ୍ରେସ ଦଳର ନୀତି ଓ ଆଦର୍ଶ ପ୍ରତି ଆସ୍ଥା ପ୍ରକଟ କରି ଯୋଗଦାନ କରିବାକୁ ଇଚ୍ଛୁକ, ସେମାନଙ୍କୁ କଂଗ୍ରେସ ଦଳ ତରଫରୁ ସମ୍ମାନର ସହ ସ୍ୱାଗତ କରାଯିବ। ନୂଆ ପିସିସି ସଭାପତି ଭକ୍ତ ଚରଣ ଦାସ ପୂର୍ବ ବହିଷ୍କାର ଏବଂ ନିଲମ୍ବନ ଆଦେଶ ପ୍ରତ୍ୟାହୃତ କରିଛନ୍ତି। ଏଥି ସହିତ ସେ ଦଳ ଛାଡ଼ିଥିବା ନେତାଙ୍କୁ ଦଳକୁ ଫେରିବାକୁ ଅନୁରୋଧ କରିଛନ୍ତି ।

## ଅରୁଣ ସାହୁଙ୍କୁ ଅସ୍ମିତାର ଅର୍ଥ ବୁଝାଇଲେ ସୂର୍ଯ୍ୟବଂଶୀ ସୂରଜ

ଭୁବନେଶ୍ୱର,୧୪।୨(ମହାଭାରତ): ଅରୁଣ ସାହୁଙ୍କୁ ଅସ୍ମିତାର ଅର୍ଥ ବୁଝାଇଲେ ସୂର୍ଯ୍ୟବଂଶୀ ସୂରଜ । ଚଳନ୍ତି ଓଡ଼ିଆ ଅଭିଧାନକୁ ୨୦୧୭ ରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଅଧିନସ୍ଥ ଓଡ଼ିଆ ଏକାଡେମୀ ପ୍ରକାଶିତ କରିଥିଲା । ୨୦୨୦ ମସିହାରେ ଏହାକୁ ପୁନଃ ପ୍ରକାଶିତ କରାଯାଇଥିଲା । ସେ ସମୟର ସରକାର ଯାହା ଅସ୍ମିତାର ଅର୍ଥ ବୁଝିଥିଲେ, ଆମେ ତାକୁ ତାହା ଆମ ସରକାର କୋଟ କରିଛନ୍ତି । ବିଧାୟକ ଅରୁଣ ସାହୁଙ୍କ ମୋ ଠାରୁ ଅଧିକ ଜ୍ଞାନ ଓ ଅଭିଜ୍ଞତା ରହିଛି । ଓଡ଼ିଆ ଅସ୍ମିତାକୁ ଯଦି ବ୍ୟାଖ୍ୟା କରିବା, ଏହା କେବଳ କାଗଜରେ ଲେଖିବା ସମ୍ଭବ ନୁହେଁ. ଓଡ଼ିଆ ଭାଷା ଓ ସଂସ୍କୃତିରେ ରହିବା ହେଉଛି ଓଡ଼ିଆ ଅସ୍ମିତା । ଭବିଷ୍ୟତ ଖୋଜିବା ଏହି ଅସ୍ମିତା । ଅସ୍ମିତା ଆଧାରରେ ସରକାର ଗଠନ ହୋଇଛି । ଏହା ରାଜନୈତିକ ପ୍ରସଙ୍ଗ ନୁହେଁ । ପ୍ରତି ଓଡ଼ିଆର ଭାବାବେଗ ସହ ଏହା ଜଡିତ । ଅସ୍ମିତା ସଂକୁଚିତ ବିଷୟବସ୍ତୁ ନୁହେଁ । ଅସ୍ତିତ୍ୱ ପ୍ରଦର୍ଶନ କରିବା ହିଁ ଅସ୍ମିତା ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ।

## ମହିମା ପୀଠରେ ମୁଖ୍ୟମନ୍ତ୍ରୀ : ନିର୍ମାଣ ହେବ ଭବ୍ୟ ମନ୍ଦିର

ଭୁବନେଶ୍ୱର,୧୪।୨(ମହାଭାରତ) ବିଶ୍ୱକୁ ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟର ବାର୍ତ୍ତା ଦେଇ ପ୍ରଗତିର ପଥ ଦେଖାଉଛି। ମହିମା ଧର୍ମ ଏ ଧର୍ମର ସନ୍ଥ ଭୀମ ଭୋଇଙ୍କ ରଚନା ବିଶ୍ୱକୁ ଅନୁପ୍ରାଣିତ କରିଛି। ଶାନ୍ତି, ପ୍ରଗତି ସହିତ ଜଗତକଲ୍ୟାଣ ପାଇଁ ଭୀମ ଭୋଇଙ୍କ କାଳଜୟୀ ବାର୍ତ୍ତା ବେଶ୍ ମହତ୍ୱ ରଖେ ବୋଲି ଆଜି ଢ଼େଙ୍କାନାଳ ଯୋରନ୍ଦା ମହିମା ପୀଠ ପରିଦର୍ଶନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ପବିତ୍ର ପୀଠକୁ ଆସି ମୁଁ ନିଜକୁ ଧନ୍ୟ ମନେକରୁଛି। ମହିମା ପୀଠର ବିକାଶ ପାଇଁ ମହିମା ସାଧୁ, ମହିମା ଧର୍ମାବଲମ୍ବୀ, ଅଞ୍ଚଳବାସୀ ଦାବୀ କରିଆସୁଥିଲେ। ପୀଠର ବିକାଶ ପାଇଁ ପୂର୍ବ ସରକାର ଘୋଷଣା କରିଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇନାହିଁ। ତାସହିତ ଭିତରର ଅନେକ ଅଂଶକୁ ମଧ୍ୟ ଭଙ୍ଗା ଯାଇଛି। ତେଣୁ ଏଠାରେ ଏକ ଭବ୍ୟ ମନ୍ଦିର ନିର୍ମାଣ ହେବା ସହ ଏହାକୁ ଏକ ବିଶ୍ୱସ୍ତରୀୟ କ୍ଷେତ୍ରରେ ପରିଣତ କରାଯିବ। ଏଥିପାଇଁ ଏକ ନୂଆ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ସେ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମହିମା ପୀଠର ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ପ୍ରକାଶ କରି ସେ କହିଥିଲେ ଯେ ନୂଆ ରିପୋର୍ଟ ଅନୁଯାୟୀ ଅର୍ଥ ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯୋରନ୍ଦା ଅଞ୍ଚଳର ସାମଗ୍ରୀକ ବିକାଶ ପାଇଁ ଦାବି ରହିଛି। ବ୍ଲକ, ଏନଏସି ଗଠନ, ସ୍ଥାନୀୟ



ଫାଣ୍ଡିକୁ ଥାନାରେ ପରିଣତ କରିବା, ପାନୀୟ ଜଳର ସୁବିଧା, ବାଇପାସ୍ ରାସ୍ତା ନିର୍ମାଣ ଆଦି ବିଭିନ୍ନ ପ୍ରସ୍ତାବ ଉପରେ ଫୋକସ୍ କରାଯିବ ବୋଲି ସେ କହିଥିଲେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବର୍ତ୍ତମାନ ଯୋରନ୍ଦାରୁ ପୁରୀକୁ ଗୋଟିଏ ମାତ୍ର ବସ୍ ଚାଲୁଛି ଆଗାମୀ ଦିନରେ ଆହୁରି ଅଧିକ ବସ୍ ଚଳାଚଳ କରିବାର ବ୍ୟବସ୍ଥା କରାଯିବ।

ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କ ନିକଟରେ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଲେ ଯେ, ଆମ ସରକାର ଯାହା କଥା ଦେଇଥିଲେ ତାହା ପୂରଣ କରୁଛନ୍ତି। ସୁଭଦ୍ରା ଯୋଜନାରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହ ଚାଷୀଙ୍କ ଉନ୍ନତି ପାଇଁ ଧାନର ସହାୟକ ମୂଲ୍ୟ ୩୧୦୦ ଟଙ୍କା କରାଯାଇଛି। ଓଡିଆ ଅସ୍ମିତାକୁ ପ୍ରାଥମିକତା ଦିଆଯାଇ ଏହାର ସୁରକ୍ଷା ଓ ପ୍ରସାର ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଅସ୍ମିତାର ସୁରକ୍ଷା ପ୍ରଗତିଶୀଳ ରାଜ୍ୟ ଗଠନ କରେ। ଏଣୁ ଆମ ସରକାର ସେହି ଦିଗରେ କାର୍ଯ୍ୟ କରୁଛନ୍ତି। ଏହିକ୍ରମରେ ସମସ୍ତ ମଠ ମନ୍ଦିରର ଉନ୍ନତି କରାଯିବ ବୋଲି ସେ କହିଥିଲେ ।ଜିଲ୍ଲାକୁ ଶିଳ୍ପ ସମୃଦ୍ଧ କରିବାକୁ ପ୍ରୟାସ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି ।ମୁଖ୍ୟମନ୍ତ୍ରୀ ଆଜି ସନ୍ଧ୍ୟାରେ ମହିମା ପୀଠରେ ପହଞ୍ଚି ଥିଲେ। ପ୍ରଥମେ ଧୂନି ମନ୍ଦିରରେ ଅଲେଖ ସ୍ୱାମୀଙ୍କ ଆଶୀର୍ବାଦ ନେଇଥିଲେ। ପରେ ଭଜନ ମଣ୍ଡପରେ ପହଞ୍ଚି ମହିମା ସାଧୁଙ୍କ ସହ ଆଲୋଚନା କରିଥିଲେ। ବକଳ ଧାରୀ ମହିମା ସମାଜର ସାଧୁମାନଙ୍କ ସହ ମୁଖ୍ୟମନ୍ତ୍ରୀ ପୀଠର ଉନ୍ନତିକରଣ ସଂପର୍କରେ ଆଲୋଚନା କରିଥିଲେ। ସାଧୁମାନଙ୍କ ସହ ମୁଖ୍ୟମନ୍ତ୍ରୀ ପ୍ରସାଦ ସେବନ କରିଥିଲେ। ପ୍ରସାଦ ସେବନ ପରେ ଶୂନ୍ୟ ମନ୍ଦିରକୁ ଯାଇ ସେଠାରେ ଝାଡ଼ ଦୀପ ପ୍ରଜ୍ୱଳନ ଦେଖିବା ସହ ମହିମା ସାଧୁ ସନ୍ଥଙ୍କ ଆଶୀର୍ବାଦ ନେଇଥିଲେ। ଶୂନ୍ୟ ମନ୍ଦିର ଚତୁଃପାର୍ଶ୍ୱ ବୁଲି ଅଲେଖ ପରଂବ୍ରହ୍ମଙ୍କ ଆଶୀର୍ବାଦ ନେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ସହ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସାଂସଦ ରୁଦ୍ର ନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତ୍ରୁଘନ ଜେନା, ହିନ୍ଦୋଳ ବିଧାୟିକା ଶ୍ରୀମତୀ ସୀମାରାଣୀ ନାୟକ, ବକଳଧାରୀ ମହିମା ସମାଜର ବାବା ନିତ୍ୟାନନ୍ଦ ଦାସ, କୌପିନ ଧାରୀ ମହିମା ସମାଜର ବାବା ରଘୁନାଥ ଦାସ, ବାବା ସୁଶାନ୍ତ ଦାସ, ବାବା ଅନାମ ଦାସ, ବାବା ଅବିନାଶ ଦାସ ଉପସ୍ଥିତ ଥିଲେ। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଧନ୍ୟବାଦ ଦେଇଥିଲେ।

# କାଜୁ ପନିର



ଆବଶ୍ୟକ ସାମଗ୍ରୀ: ପନିର , କାଜୁ ପେଷ୍ଟ, ପିଆଜ ରସୁଣ ପେଷ୍ଟ, ଏକ ଛୋଟ ଚାମଚ ଅଦା ଓ କଞ୍ଚାଲଙ୍କା ପେଷ୍ଟ,ଏକ ବଡ଼ ଚାମଚ ଟମୋଟୋ ପ୍ୟୁରି, ହଳଦୀ, ଧନିଆ ପାଉଡର, କାଶ୍ମୀରି ଲଙ୍କା ପାଉଡର, ଏକ ବଡ଼ ଚାମଚ କ୍ରିମ୍, ଜିରା, ଗରମମସଲା, ଲୁଣ ସ୍ୱାଦ ଅନୁସାରେ, ଧନିଆପତ୍ର, ଭଜା ହୋଇଥିବା କାଜୁ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ପନିରକୁ ଛୋଟ ଛୋଟ ଆକାରରେ କାଟିଦିଅନ୍ତୁ। କମ୍ ଆଞ୍ଚରେ ତେଲ ଗରମ କରନ୍ତୁ। ତେଲ ଗରମ ହେଲା ପରେ କଟା ପିଆଜକୁ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଯେତେବେଳେ ପିଆଜ ଭାଜି ହୋଇଯିବ ତାକୁ ଏକ ପ୍ଲେଟକୁ କାଢ଼ି ଥଣ୍ଡା ହେବାକୁ ଛାଡ଼ିଦିଅନ୍ତୁ। ପିଆଜ ଥଣ୍ଡା ହେଲା ପରେ ତାକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। କଡେଇରେ ଜିରା, ପିଆଜ ପେଷ୍ଟ, ଅଦା କଞ୍ଚାଲଙ୍କା ପେଷ୍ଟ ଓ ରସୁଣ ପେଷ୍ଟ ପକାଇ କଷନ୍ତୁ। ମସଲା କଷି ହୋଇଗଲା ପରେ ଟମାଟୋ ପ୍ୟୁରି ପକାନ୍ତୁ। ଟମାଟୋ ପ୍ୟୁରି ଭଲଭାବେ କଷି ହେଲା ପରେ ହଳଦୀ, ଧନିଆ ପାଉଡର, କାଶ୍ମୀର ମିର୍ଚ୍ଚ ଗୁଣ୍ଡ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ମସଲା ଭଲଭାବେ କଷି ହୋଇଗଲା ପରେ ସେଥିରେ କ୍ରିମ୍, କାଜୁ ପେଷ୍ଟ, ଲୁଣ ପକାଇ ୨ରୁ ୩ ମିନିଟ୍ ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ପରେ ପାଣି ଦେଇ ତାକୁ କିଛି ସମୟ ଫୁଟିବାକୁ ଦିଅନ୍ତୁ। ଏହି ଗ୍ରେଭି ଫୁଟିବା ମାତ୍ରେ କଟା ପନିରକୁ ପକାଇ ୨ରୁ ୩ ମିନିଟ୍ ପର୍ଯ୍ୟନ୍ତ ଫୁଟାଇ ଚୁଲା ବନ୍ଦ କରିଦିଅନ୍ତୁ। ଆଞ୍ଚ ବନ୍ଦ କରିବା ମାତ୍ରେ ଗରମମସଲା ମିଶାନ୍ତୁ। ଏବେ ଆପଣଙ୍କ କାଜୁ ପନିର ପ୍ରସ୍ତୁତ ହୋଇଗଲା । ପରେ ସେଥିରେ କଟା ଧନିଆପତ୍ର ପକାଇ ତାକୁ ଗାର୍ନିସ କରିସାରିବା ପରେ ପରଷନ୍ତୁ।

ଖବର

# ମୁରଲୀଙ୍କ ଛନ୍ଦରେ ନାଚିଲେ ଦୁଷ୍ମନ୍ତ-ଅର୍ଲିନ ଅଙ୍କିତା



ବେଶ୍ କିଛି ଦିନର ବ୍ୟବଧାନରେ ପୁଣି ନୃତ୍ୟ ନିର୍ଦ୍ଦେଶକ ଭାବେ ଏସ୍ କେ ମୁରଲୀଧରନ୍ ସକ୍ରିୟ ହୋଇଛନ୍ତି। ଓଲିଉଡରେ ପ୍ରାୟ ୩୦ ବର୍ଷ ଧରି ସକ୍ରିୟ ଥିବା ମୁରଲୀଧରନ୍ ଏଯାବତ ଶତାଧିକ ଓଡ଼ିଆ ସିନେମାରେ ନୃତ୍ୟ ନିର୍ଦ୍ଦେଶନା ଦେଇସାରିଛନ୍ତି। ଏଥିସହ ମୁରଲୀଧରନ୍ ନିର୍ଦ୍ଦେଶକ ଭାବେ 'ଛାତି ଚିରିଦେଲେ ତୁ', 'ନେଇ ଯାରେ ମେଘ ମତେ', ଆକାଶେ କି ରଙ୍ଗ ଲାଗିଲା', 'ସ୍ମାଇଲ୍ ପ୍ଲିଜ୍', 'ଟାର୍ଗେଟ୍', 'ନୂଆ ନୂଆ ପ୍ରେମରେ' ଓ 'ପ୍ରେମ ତୋର ନଟି ନଟି' ସମେତ ବେଶ୍ କେତୋଟି ଓଡ଼ିଆ ଛବି ନିର୍ମାଣ କରିଛନ୍ତି। କିଛି ଦିନର ବ୍ୟବଧାନରେ ଓଲିଉଡରେ ନୃତ୍ୟ ନିର୍ଦ୍ଦେଶକ ଭାବେ ପୁଣି ସକ୍ରିୟ ହୋଇଛନ୍ତି ଏସ୍ କେ ମୁରଲୀଧରନ୍। ସଂପ୍ରତି 'ରାକେଟ୍' ଜରିଆରେ ସେ ନୃତ୍ୟ ନିର୍ଦ୍ଦେଶନାକୁ ଫେରିଛନ୍ତି। ନିର୍ଦ୍ଦେଶକ ଭାବେ ଲମ୍ବା ଇନିଂସ ପରେ ସଂଗ୍ରାମ ମହାନ୍ତିଙ୍କ ନିର୍ଦ୍ଦେଶିତ 'ରାକେଟ୍'ର ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ମୁରଲୀଧରନ୍। ଏହାର ଦୁଇଟି ଗୀତର ସୁଟିଂ କୋରାପୁଟ ଓ ଜୟପୁରର ବିଭିନ୍ନ ଲୋକେସନରେ କରାଯାଇଛି। ଆଉ ଏ ଦୁଇଟି ଗୀତ ନାୟକ ଦୁଷ୍ମନ୍ତ ଓ ନାୟିକା ଅର୍ଲିନ ଅଙ୍କିତାଙ୍କ ଉପରେ ଚିତ୍ରିତ ହୋଇଛି। ଏଥିମଧ୍ୟରୁ ଗୋଟିଏ ହେଲା ହ୍ୟୁମାନ ସାଗର ଓ ଦୀପ୍ତିରେଖା ଗାଇଥିବା 'ତୋ ଦେହର ବାସ୍ନା'। ଅରୁଣ ମନ୍ତ୍ରୀ ଏହି ରୋମାଣ୍ଟିକ୍ ନମ୍ବରର ଗୀତିକାର। ସେହିପରି ସବିଶେଷ ଓ ଅନନ୍ୟା ଶ୍ରୀତମ୍ ନନ୍ଦଙ୍କ କଣ୍ଠରେ ରେକର୍ଡ ହୋଇଥିବା ବସନ୍ତରାଜ ସାମଲଙ୍କ ରଚିତ ଗୀତ 'ତୁ ଥିଲେ..'ରେ ମୁରଲୀଧନ୍‌ଙ୍କ ଛନ୍ଦରେ ନାୟକ ଓ ନାୟିକା ଝୁମିଛନ୍ତି। ସିନେମାର ଅନ୍ୟ ଏକ ଗୀତ 'ତୁ ଆମ ହସ'ର ବି ଦୃଶ୍ୟାୟନ କରାଯାଇଛି। ବିଜୟ ମଲ୍ଲଙ୍କ ରଚିତ ଏହି ଗୀତକୁ ଗାଇଛନ୍ତି ଶ୍ରୀଚରଣ ଓ ପ୍ରଜ୍ଞା। ଏହି ଗୀତ ଦୃଶ୍ୟରେ ଅଭିନୟ କରିଛନ୍ତି ସିନେମାର ଅନ୍ୟତମ ନାୟିକା ନମ୍ରତା ଥାପ୍ପା। ପ୍ରେମ ଆନନ୍ଦ ଏହାର ସଂଗୀତକାର। ଗତାନୁଗତିକ ଶୈଳୀରୁ ଟିକେ ଭିନ୍ନ ଧାରାରେ ନୃତ୍ୟ ସଂଯୋଜନା କରିଥିବା ନେଇ ସୂଚନା ଦେଇଛନ୍ତି ଏସ୍ କେ ମୁରଲୀଧରନ୍।

# ଶୁଭ ବୃକ୍ଷ



ଗୃହର ବିଭିନ୍ନ ସ୍ଥାନରେ ଛୋଟ ଛୋଟ ବୃକ୍ଷ ଲଗାଇଲେ ଧନ ଏବଂ ଐଶ୍ୱର୍ଯ୍ୟ ବୃଦ୍ଧି ହେବା ସହ ପରିବାରରେ ଶାନ୍ତି ବିରାଜମାନ କରିଥାଏ। ଉତ୍ତରପୂର୍ବ ଦିଗରେ ତୁଳସୀ ଗଛ ଲଗାଇଲେ ଘରେ ଲକ୍ଷ୍ମୀ ବିରାଜମାନ କରିଥାନ୍ତି । ପୂର୍ବ ଦିଗରେ ଫୁଲ ଗଛ, ସବୁଜ ଘାସ, ମୌସୁମୀ ଗଛ ଲଗାଇବା ଦ୍ୱାରା ପରିବାର ଲୋକେ ରୋଗରୁ ମୁକ୍ତ ହୋଇଥାନ୍ତି । ପାନ, ଚନ୍ଦନ, ହଳଦୀ, ଲେମ୍ବୁ ଆଦି ଗଛ ପଶ୍ଚିମ-ଉତ୍ତରକୋଣରେ ରଖିଲେ ପରିବାର ଲୋକଙ୍କ ମଧ୍ୟରେ ସ୍ନେହ ବୃଦ୍ଧି ହୋଇଥାଏ । ଦକ୍ଷିଣ-ପଶ୍ଚିମ କୋଣରେ କୁଣ୍ଡରେ କୌଣସି ଭାରୀ ଗଛ ଲଗାଇଲେ ଘରେ ସକାରାତ୍ମକ ବୃଦ୍ଧି ହେବା ସହ ଗୃହକର୍ତ୍ତା ଦୁଃଖରୁ ମୁକ୍ତି ପାଇଥାନ୍ତି । ପଳାସ, ନାଗକେଶକର, ଅରିଷ୍ଟ, ସମୀ ଆଦି ବୃକ୍ଷ ଲଗାଇବା ଦ୍ୱାରା ଘରେ ଶୁଭତା ବିରାଜମାନ କରିଥାଏ । ଘରୁ ବାହାରିବା ସମୟରେ ଡାହାଣ ପାର୍ଶ୍ୱରେ ସମୀ ଗଛ ଦେଖି କାର୍ଯ୍ୟାରମ୍ଭ କରିବା ଶୁଭ ଫଳ ପ୍ରାପ୍ତି ହୋଇଥାଏ । ଘରେ କୁଣ୍ଡରେ ଚମ୍ପା, ଜସ୍ମିନ୍, ଗୋଲାପ ଆଦି ବୃକ୍ଷ ଲଗାଇବା ଦ୍ୱାରା ଉତ୍ତମ ଫଳ ପ୍ରାପ୍ତି ହୋଇଥାଏ । ହେଲେ ଘର ଭିତରେ କଳା ଗୋଲାପ କିମ୍ବା ଲାଲ୍ ଗେଣ୍ଡୁ ଲଗାଇବା ଉଚିତ୍ ନୁହେଁ । ଅଧ୍ୟୟନ କକ୍ଷରେ ଧଳା ରଙ୍ଗର ଫୁଲ ଗଛ ଲଗାଇଲେ ସ୍ମରଣ ଶକ୍ତିରେ ବୃଦ୍ଧି ହୋଇଥାଏ । ଶୟନ କକ୍ଷରେ କୌଣସି ଗଛ ଲଗାଇବା ଉଚିତ୍ ନୁହେଁ ।

# ଲେମ୍ବୁ ଜୁସ୍ ପିଇଲେ ବଢ଼ିବ ରୋଗ ପ୍ରତିରୋଧକ ଶକ୍ତି



ଲେମ୍ବୁରେ ବହୁ ଔଷଧୀୟ ଗୁଣ ରହିଛି। ମଣିଷ ଶରୀରରେ ଜଳୀୟ ଅଂଶ ବୃଦ୍ଧିରେ ଲେମ୍ବୁ ପାଣି ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ। ଆମେ କେଉଁ କାଳରୁ ଏହି ଉପାୟକୁ ପ୍ରୟୋଗ କରି ଆସୁଛୁ। ଘରେ ଘରେ ପରିଚିତ ଏହି ଲେମ୍ବୁ ପାଣି ଏବେ କରୋନା ବିରୋଧୀ ଲଢେଇରେ ଗେମ ଚେଞ୍ଜର ସାବ୍ୟସ୍ତ ହେଉଛି। ବିଶେଷଜ୍ଞଙ୍କ ମତରେ ପ୍ରତିଦିନ ସକାଳେ ଉଷୁମ୍ ପାଣିରେ ଲେମ୍ବୁ ଓ ଲୁଣ ମିଶାଇ ପିଇଲେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଥାଏ। ଯାହା ମହାମାରୀ କରୋନାକୁ ମାତ୍ ଦେବାରେ ସକ୍ଷମ ହୋଇଥାଏ। ସମଗ୍ର ବିଶ୍ୱ କରୋନା ମାୟା ଜାଲରେ ଛନ୍ଦି ହୋଇ ପଡ଼ିଥିବା ବେଳେ ଲେମ୍ବୁ ପାଣିର ଉପକାରୀତା ସମ୍ପର୍କରେ ନୋଏଡା ସ୍ଥିତ ଫୋରଟ୍ସି ହସ୍ପିଟାଲର ମୁଖ୍ୟ ଡାକ୍ତର ନମୀତା ନାଦାର ଏହି ସୂଚନା ଦେଇଛନ୍ତି। ତାଙ୍କ ମତରେ ପ୍ରତିଦିନ ସକାଳେ ଉଷୁମ୍ ପାଣିରେ ଲେମ୍ବୁ ଓ ଲୁଣ ମିଶାଇ ପିଇଲେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଥାଏ। ଯାହା ଯେକୌଣସି ବିଦେଶୀ ଭୂତାଣୁ ବିରୋଧରେ ଲଢ଼େଇ କରିବାକୁ ସକ୍ଷମ।

କେମିତି ପ୍ରସ୍ତୁତ କରିବେ ଲେମ୍ବୁ ସର୍ବତ:ପ୍ରଥମେ ଗୋଟିଏ ଗ୍ଲାସ ଉଷୁମ ପାଣିରେ ଏକରୁ ଦୁଇ ଋମଚ ଲେମ୍ବୁ ରସ ମିଶାଇବେ। ପରେ ସେଥିରେ ଗୋଟିଏ ଋମଚର ଏକ ଚତୁର୍ଥାଂଶ ସମୁଦ୍ର ଲୁଣ ମିଶାଇବେ। ଦିନକୁ ଦୁଇ ଥର ଏହି ପାଣି ପିଇଲେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇବ। ଲେମ୍ବୁ ପାଣି ଶରୀରକୁ ଭିଟାମିନ୍ ସି ଯୋଗାଇଥାଏ। ଡାକ୍ତର ନମୀତା ନାଦାରଙ୍କ କହିବା ଅନୁସାରେ ଲେମ୍ବୁ ପାଣି ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିଥାଏ। ଏହା ଥଣ୍ଡା ଓ ବିଭିନ୍ନ ଭାଇରାଲ୍ ଜ୍ୱର ବିରୋଧରେ ଲଢ଼େଇ କରିଥାଏ। ଏଥିରେ ଭିଟାମିନ୍-ସି ଓ ଆଣ୍ଟିଅକ୍ସିଡେଣ୍ଟ ରହିଛି, ଯାହା ଶରୀର ପାଇଁ ବହୁ ଉପକାରୀ। ଯଦି ନିୟମିତ ଭାବରେ ଲେମ୍ବୁ ଖାଉଥିବା ଓ ଲେମ୍ବୁ ପାଣି ପିଉଥିବେ, ତା'ହେଲେ ଜଣେ ବ୍ୟକ୍ତିର ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏହା ହୃଦରୋଗ ସମସ୍ୟାକୁ ବି ହ୍ରାସ କରିଥାଏ। କିଡନୀ ଷ୍ଟୋନ୍ ବିରୋଧୀ ଲଢ଼େଇରେ ଲେମ୍ବୁ ପାଣି ସଞ୍ଜିବନୀ ସାବ୍ୟସ୍ତ ହୋଇଥାଏ। ଆପଣ ଏହି ଲେମ୍ବୁ ପାଣିକୁ ସକାଳେ ପିଇ ପାରିବେ। ସେହିପରି ଏହାକୁ ଗ୍ରୀନ ଟି' ଆକାରରେ ଦିନରେ ଯେତେବେଳେ ଇଚ୍ଛା ସେତେବେଳେ ମଧ୍ୟ ପିଇ ପାରିବେ ବୋଲି ଡାକ୍ତର କହିଛନ୍ତି।

# ମହର୍ଷି ବଶିଷ୍ଠଙ୍କ ଉଦାରତା



ଦିଗବିଜୟ ପରେ ରାଜା କୌଶିକ ରାଜଧାନୀ ଅଭିମୁଖେ ଫେରୁଥିଲେ। ବାଟରେ ବ୍ରହ୍ମଜ୍ଞାନୀ ମହର୍ଷି ବଶିଷ୍ଠଙ୍କ ଆଶ୍ରମ ପଡ଼ିଲା। ଭାବିଲେ, ମହାମୁନିଙ୍କ ଦର୍ଶନ କରିଦେଇଯିବେ। ଆଶ୍ରମ ଦ୍ୱାର ଦେଶରେ ପହଞ୍ଚିବା ପରେ ବଶିଷ୍ଠ ତାଙ୍କୁ ଭିତରକୁ ଆସି ଅନ୍ନ ଗ୍ରହଣ କରିବା ଲାଗି ଅନୁରୋଧ କଲେ। କୌଶିକ କହିଲେ, ମୁଁ ଏକା ନାହିଁ । ମୋ ସହିତ ଲକ୍ଷ ଲକ୍ଷ ସୈନ୍ୟ ହାତୀ, ଘୋଡ଼ା ରହିଛନ୍ତି । ଆପଣଙ୍କୁ ଅସୁବିଧା ହେବ। ବଶିଷ୍ଠ କହିଲେ, କିଛି ଅସୁବିଧା ନାହିଁ ! ଆପଣ ଆସନ୍ତୁ। ବଶିଷ୍ଠଙ୍କ ନିକଟରେ ଗୋମାତା କାମଧେନୁଙ୍କ ବାଛୁରୀ ନନ୍ଦିନୀ ଥିଲେ। ସେ କୌଶିକଙ୍କ ସମସ୍ତ ସେନାବାହିନୀ ଓ ହାତୀଘୋଡ଼ା ପାଇଁ ଖାଦ୍ୟ ଯୋଗାଡ଼ କରିଦେଲେ। ଏହା ଦେଖି ରାଜା କୌଶିକ ଆଶ୍ଚର୍ଯ୍ୟ ହେଲେ। ଯିବା ବେଳେ ଋଷି ବଶିଷ୍ଠ ତାଙ୍କୁ ଉପହାର ଯାଚିଲେ। ରାଜା କହିଲେ, ଆପଣ ଯଦି କିଛି ଦେବାକୁ ଚାହୁଁଛନ୍ତି, ତା'ହେଲେ ମୋତେ ଏହି ନନ୍ଦିନୀ ଗୋମାତାଙ୍କୁ ଦିଅନ୍ତୁ। କିନ୍ତୁ ବଶିଷ୍ଠ କହିଲେ, ଆପଣ ରାଜା ! ଆପଣଙ୍କ ପାଖରେ ସମସ୍ତ ସମ୍ବଳ ରହିଛି। ମୁଁ ଋଷି ! ସବୁକିଛି ତ୍ୟାଗ କରି ସନ୍ନ୍ୟାସୀ ଜୀବନଯାପନ କରୁଛି । ତେଣୁ ମୋର ସମ୍ବଳ ହେଉଛନ୍ତି ଏହି ନନ୍ଦିନୀ ଗୋମାତା। ତେଣୁ ମୁଁ ଏହାଙ୍କୁ ଆପଣଙ୍କୁ ଦେଇପାରିବି ନାହିଁ । ତା'ଛଡ଼ା ଗୋମାତା ନନ୍ଦିନୀ ଆପଣଙ୍କ ରାଜ୍ୟରେ ରହିଲେ ହୁଏତ' ଅନ୍ୟ କେଉଁ ରାଜା ଆପଣଙ୍କ ରାଜ୍ୟ ଉପରେ ଆକ୍ରମଣ କରିପାରନ୍ତି। ବଶିଷ୍ଠ ଏପରି ଅନେକ ବୁଝାଇଲେ ସୁଦ୍ଧା କୌଶିକ ବୁଝିଲେ ନାହିଁ। ସେ ବଳପୂର୍ବକ ନନ୍ଦିନୀଙ୍କୁ ନେଇଯିବା ଲାଗି ପ୍ରୟାସ କଲେ। ହେଲେ ନନ୍ଦିନୀଙ୍କ ଶରୀରରୁ ଲକ୍ଷ ଲକ୍ଷ ସୈନ୍ୟ ବାହାରିଲେ। ସେମାନେ କୌଶିକଙ୍କ ସେନାବାହିନୀର ବିନାଶ କଲେ। କୌଶିକଙ୍କୁ ପରାଜିତ ହୋଇ ଫେରିଯିବାକୁ ପଡ଼ିଲା। ଏହି ଘଟଣା କୌଶିକଙ୍କ ମନରେ ଗଭୀର ରେଖାପାତ କଲା। ସେ ରାଜ୍ୟସିଂହାସନ ତ୍ୟାଗ କରି କଠୋର ତପସ୍ୟା କଲେ। ବଶିଷ୍ଠଙ୍କ ପରି ବ୍ରହ୍ମଜ୍ଞାନୀ ହେବା ଲାଗି ତାଙ୍କ ମନରେ ଇଚ୍ଛା ଜାଗ୍ରତ ହେଲା। ସିଦ୍ଧି ପ୍ରାପ୍ତ କରିବା ପରେ ସେ ପୁଣି ବଶିଷ୍ଠଙ୍କ ଆଶ୍ରମକୁ ଫେରିଲେ। ସେତେବେଳେ ସେ ବିଶ୍ୱାମିତ୍ରଙ୍କ ନାମରେ ପରିଚିତ ହୋଇସାରିଥିଲେ। ସିଦ୍ଧି ମିଳିଥିଲା କିନ୍ତୁ ଅହଂକାର ଯାଇନଥିଲା। ବଶିଷ୍ଠଙ୍କ ଆଶ୍ରମରୁ ପୁଣି ନନ୍ଦିନୀଙ୍କୁ ନେବା ଲାଗି ପ୍ରୟାସ କଲେ। ବଶିଷ୍ଠଙ୍କ ପୁତ୍ରମାନଙ୍କ ସହ ତାଙ୍କର ମୁହାଁମୁହିଁ ହେଲା। କୌଶିକ ସମସ୍ତଙ୍କୁ ହତ୍ୟା କଲେ। ବଶିଷ୍ଠ ଓ ତାଙ୍କ ପତ୍ନୀ ଜୀବନରେ ଦୁଃଖର କଳାବାଦଲ ଘୋଟି ଆସିଲା। ତଥାପି ଉଦାର, କ୍ଷମାଶୀଳ ବଶିଷ୍ଠ କୌଣସି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ। ବିଶ୍ୱାମିତ୍ରଙ୍କୁ ଏଥର ମଧ୍ୟ ଖାଲି ହାତରେ ଫେରିଯାଇଥିଲେ। କାରଣ ସେତେବେଳକୁ ଗୋ-ମାତା ନନ୍ଦିନୀ ସ୍ୱର୍ଗପୁରୀକୁ ଚାଲିଯାଇଥିଲେ। ଅନ୍ୟପଟେ ବିଶ୍ୱାମିତ୍ରଙ୍କ ଏହି କୃତକର୍ମକୁ ଦେବତା, ଋଷି-ମୁନି ସମସ୍ତେ ବିରୋଧ କଲେ। ବିଶ୍ୱାମିତ୍ରଙ୍କ ଚେତା ପଶିଲା। ଅହଂକାରବଶତଃ ମହର୍ଷି ବଶିଷ୍ଠଙ୍କର ସେ ଯେଉଁ କ୍ଷତି କରିଛନ୍ତି ତା'ର ପ୍ରାୟଶ୍ଚିତ କରିବା ଲାଗି ସେ ପୁଣିଥରେ ତପସ୍ୟା କରିବା ଲାଗି ନିଷ୍ପତ୍ତି ନେଲେ। ହଜାର ହଜାର ବର୍ଷ ପର୍ଯ୍ୟନ୍ତ କଠୋର ତପସ୍ୟା ଚାଲିଲା। ତାଙ୍କର ତପଶକ୍ତି ଏତେ ପ୍ରଖର ହୋଇଗଲା ତା'ର ପ୍ରଭାବ ତିନି ପୁରରେ ବ୍ୟାପିଗଲା। ଶେଷରେ ବିଶ୍ୱାମିତ୍ର ତପଭଙ୍ଗ କରି ମହର୍ଷି ବଶିଷ୍ଠଙ୍କୁ କ୍ଷମା ଯାଚନା କରିବା ଲାଗି ମନସ୍ଥ କଲେ। ତେଣୁ ସେ ବଶିଷ୍ଠ ମୁନିଙ୍କ ଆଶ୍ରମ ଅଭିମୁଖେ ଚାଲିଲେ । ସେଠାରେ ପହଞ୍ଚିବା ସମୟରେ ସନ୍ଧ୍ୟା ହୋଇସାରିଥିଲା। ଆଶ୍ରମରେ ମହର୍ଷି ବଶିଷ୍ଠ ଏବଂ ପତ୍ନୀ ଅରୁନ୍ଧତୀ ବସିଥିଲେ। ଅରୁନ୍ଧତୀ କହୁଥିଲେ, ସ୍ୱାମୀ! ଆଜି ଆକାଶରେ ଚନ୍ଦ୍ରଙ୍କ ଆଲୋକ କେତେ ସୁନ୍ଦର ଦିଶୁଛି। ଘନ ଅନ୍ଧାର ରାତ୍ରୀ ଚନ୍ଦ୍ରଙ୍କ ଆଲୋକରେ ଆଲୋକିତ ହୋଇ ଉଠୁଛି। ଚତୁର୍ଦ୍ଦିଗ ପ୍ରକାଶମାନ ହୋଇଉଠୁଛି । ତାଙ୍କ କଥା ଶୁଣି ମହର୍ଷି ବଶିଷ୍ଠ କହିଲେ, ନା ଦେବୀ! ପ୍ରକାଶ ଦେଖିବାର ଅଛି ତ' ମହର୍ଷି ବିଶ୍ୱାମିତ୍ରଙ୍କ ତପସ୍ୟାର ପ୍ରକାଶକୁ ଦେଖ। ଯାହା ଏବେ ତିନି ପୁରରେ ବ୍ୟାପିଯାଇଛି। ମହର୍ଷି ବଶିଷ୍ଠଙ୍କ ଉପମା ଶୁଣି ବିଶ୍ୱାମିତ୍ର ତୁରନ୍ତ ଯାଇ ତାଙ୍କ ପାଦ ତଳେ ପଡ଼ିଗଲେ। ସେ କରିଥିବା ପାପ ପାଇଁ ତାଙ୍କୁ କଠୋରରୁ କଠୋରତମ ଦଣ୍ଡ ଦେବା ଲାଗି ପ୍ରାର୍ଥନା କଲେ। ମହର୍ଷି ବଶିଷ୍ଠ କିନ୍ତୁ ତାଙ୍କୁ କ୍ଷମା ଦେଲେ। ଅନ୍ୟପଟେ ତପଶକ୍ତି ପାଇଁ ତାଙ୍କୁ ବ୍ରହ୍ମର୍ଷି ପଦବୀ ପ୍ରଦାନ କଲେ ।

# ତ୍ୱଚ୍ଚ କୁଂଚନ ଦୂର କରିବ ନଡିଆ ତେଲ

ସାଧାରଣତଃ ବୟସ ବଢ଼ିବା ସହ ଧୀରେ ଧୀରେ ସୌନ୍ଦର୍ଯ୍ୟ ମଧ୍ୟ ହ୍ରାସ ପାଇଥାଏ। ବିଶେଷ କରି ଏହାର ପ୍ରଭାବ ମୁଖ୍ୟତଃ ମୁହଁରେ ପ୍ରଥମେ ଦେଖାଯାଇଥାଏ। ଆଖି ତଳ କଳା ପଡିବା, ଚର୍ମ କୁଂଚନ ବା ରିଙ୍କଲ୍ସ



ହେବା ଭଳି ସମସ୍ୟା ଆସିଥାଏ । ଏହି ସମସ୍ୟାକୁ ଦୂର କରିବା ପାଇଁ ଅନେକ ଲୋକେ ଡାକ୍ତରଙ୍କ ସହାୟତା ନେଇଥାନ୍ତି। ତେବେ କମ୍ ଖର୍ଚ୍ଚରେ ମଧ୍ୟ ଘରୋଇ ଉପଚାରରେ ଏହି ସମସ୍ୟାରୁ ମୁକ୍ତି ମିଳିପାରିବ।

■ ଗୋଟିଏ ଋମଚ ଦହି ସହ ଗୋଟିଏ ଋମଚ ମହୁ ମିଶାନ୍ତୁ । ଏଥିରେ କିଛି ବୁନ୍ଦା ଗୋଲାପ ଜଳ ପକାଇ ଏକ ମିଶ୍ରଣ ତିଆରି କରନ୍ତୁ। ଏହାକୁ ୨୦ ମିନିଟ ଯାଏଁ ମୁହଁରେ ଲଗାଇ ରଖନ୍ତୁ। ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହା ଦ୍ୱାରା ମୁହଁରୁ ରିଙ୍କଲ୍ସ ଦୂର ହେବା ସହ ତ୍ୱଚ୍ଚ ସଫା ହୋଇଯାଇଥାଏ।

■ ଗୋଟିଏ ଋମଚ ନଡିଆ ତେଲରେ ଗୋଟିଏ ଚୁଟକି ହଳଦି ପାଉଡର ମିଶାନ୍ତୁ। ଏହି ମିଶ୍ରଣକୁ ରିଙ୍କଲ୍ସ ହୋଇଥିବା ସ୍ଥାନରେ ଲଗାଇ ୨୦ ମିନିଟ୍ ପର୍ଯ୍ୟନ୍ତ ଛାଡି ଦିଅନ୍ତୁ। ଏହାପରେ ଧୋଇ ଦିଅନ୍ତୁ।। ତେଲରେ ମୁହଁର ମାଲିସ କରନ୍ତୁ । ସକାଳୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ତ୍ୱଚ୍ଚ ହାଇଡ୍ରେଟ ହେବା ସହ ରିଙ୍କଲ୍ସ ଦୂର ହୋଇଥାଏ।

■ ଏଲୋବେରା ଜେଲ, ଦହି ଏବଂ କାକୁଡି ରସକୁ ଏକାଠି ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ୨୦ ମିନିଟ ଯାଏଁ ମାଲିସ କରି ଧୋଇ ଦିଅନ୍ତୁ।

■ ଦହିରେ କାକୁଡି ରସ ମିଶାଇ ୨୦ ମିନିଟ ପର୍ଯ୍ୟନ୍ତ ମୁହଁରେ ଏହି ପେଷ୍ଟକୁ ଲଗାଇ ରଖନ୍ତୁ। ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ସପ୍ତାହ ଭିତରେ ୨ ରୁ ୩ ଥର ଏହି ଉପାୟକୁ କରନ୍ତୁ। ଏହାଦ୍ୱାରା ତ୍ୱଚ୍ଚର ଉଜ୍ଜ୍ୱଳତା ବଢ଼ିବା ସହ ମୁହଁରେ ପଡିଥିବା କୁଂଚନ ବା ରିଙ୍କଲ୍ସ ମଧ୍ୟ ଧୀରେ ଧୀରେ କମିଯିବ।

### ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫ ଉଦ୍‌ଘାଟିତ

# ଓଡ଼ିଶାର ପ୍ରଗତିକୁ ଦ୍ୱିଗୁଣିତ କରିବ ମତ୍ସ୍ୟ ଓ କୃଷି ଭିତ୍ତିକ ଅର୍ଥନୀତି

**ଭୁବନେଶ୍ୱର,୧୪/୦୨(ମହାଭାରତ):** ମତ୍ସ୍ୟଚାଷୀ ଓ ପ୍ରାଣିପାଳକଙ୍କ ସମୃଦ୍ଧିର ମହାକୁମ୍ଭ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫ ଉଦଘାଟିତ ହୋଇଯାଇଛି। ସ୍ଥାନୀୟ ବରମୁଣ୍ଡା ବିଜୁ ପଟ୍ଟନାୟକ ପଡ଼ିଆ ଠାରେ ଆୟୋଜିତ ଏହି ତିନି ଦିନିଆ। ସମାବେଶରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମାନ୍ୟବର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏହାର ଉଦଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ମତ୍ସ୍ୟ ଓ ପ୍ରାଣିପାଳନ ଭିତ୍ତିକ କୃଷି ଅର୍ଥନୀତି ଓଡ଼ିଶାର ପ୍ରଗତିକୁ ବହୁଗୁଣିତ କରିବାରେ ସହାୟକ ହେବ।



ସମ୍ମାନନୀୟ ଅତିଥି ଭାବେ ମାନ୍ୟବର ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସମାବେଶରେ ଯୋଗ ଦେଇ କହିଛନ୍ତି, ବିକଶିତ ଓଡ଼ିଶା ଗଠନରେ ମତ୍ସ୍ୟଚାଷୀ ଓ ପ୍ରାଣିପାଳକମାନେ ସାରଥି ସାଜିବେ ଯ଼ ଜୀବନ୍ତ ପ୍ରଦର୍ଶନୀରୁ ପ୍ରତ୍ୟକ୍ଷ ଉପଲବ୍ଧି ଆହରଣ, ନୂତନ ଜ୍ଞାନ କୌଶଳ ସମ୍ପର୍କରେ ଜ୍ଞାନାର୍ଜନ, ବିଶେଷଜ୍ଞଙ୍କ ଠାରୁ ମାର୍ଗଦର୍ଶନ, ସଫଳ ଚାଷୀଙ୍କ ସହ ଭାବ ବିନିମୟ ଦ୍ୱାରା ପ୍ରେରିତ ହୋଇ ଚାଷୀମାନେ ଏହାକୁ କର୍ମ କ୍ଷେତ୍ରରେ ପ୍ରୟୋଗ କଲେ ସେମାନଙ୍କ ସାମାଜିକ-ଆର୍ଥିକ ସଶକ୍ତିକରଣ ହୋଇପାରିବ ବୋଲି କହିଛନ୍ତି । ଚାଷୀଙ୍କ ଆୟ ଦୁଇ ଗୁଣା କରିବା ହେଉଛି ଆମ ସରକାରଙ୍କ ଲକ୍ଷ୍ୟ ବୋଲି ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି ।

୨୦୨୫ ବର୍ଷ ପାଇଁ ଥିମ ରହିଛି ମତ୍ସ୍ୟ ଓ ପ୍ରାଣିପାଳନ, ଜୀବନଜୀବିକା ଜୈବସନ୍ତୁଳନ। ମୋଟ ୧୦ଟି ଇଣ୍ଟରାକ୍ଟିଭ୍ ପ୍ୟାନେଲ୍ ଆଲୋଚନାଚକ୍ର ଆୟୋଜନ ହୋଇଛି। ମନ୍ତ୍ରୀଙ୍କୁ ପଚରନ୍ତୁ କାର୍ଯ୍ୟକ୍ରମରେ ସିଧାସଳଖ ଉତ୍ତର ରଖିବେ ବିଭାଗୀୟ ମନ୍ତ୍ରୀ ଗୋକୁଳନନ୍ଦ ମଲ୍ଲିକ। ୨ଟି ହ୍ୟାଙ୍ଗର୍ ରେ ପ୍ରାୟ ୨୦୦ ଟି ଷ୍ଟଲ୍ ରେ ମତ୍ସ୍ୟ, ପ୍ରାଣିପାଳନ, ବିଭିନ୍ନ ବିଭାଗ ଓ କମ୍ପାନୀର ଉତ୍ପାଦ ପ୍ରଦର୍ଶିତ ହୋଇଛି। ସେହିପରି ୨ଟି ଖୋଲା ହ୍ୟାଙ୍ଗରରେ ଜୀବନ୍ତ ପ୍ରାଣୀ ଓ ମତ୍ସ୍ୟ ପ୍ରଦର୍ଶନୀ କରାଯାଇଛି।

ସମାବେଶରେ ଆକର୍ଷଣର କେନ୍ଦ୍ର ସାଜିଛି ରାଜସ୍ଥାନର ମଇଁଷି ଷଣ୍ଢ 'ଭୀମ' । ଆନ୍ଧ୍ରପ୍ରଦେଶର 'ପୁଙ୍ଗାନୁର' ଗାଈ ସମାବେଶର ଅନ୍ୟତମ ଆକର୍ଷଣ ସାଜିଛି । 'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା' ବୁଲିବାକୁ ଆସି ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିକାଶ କ୍ଷେତ୍ରରେ ଆଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ସମ୍ପର୍କରେ ଜ୍ଞାନ ଆହରଣ କରିବାକୁ କହିଛନ୍ତି ବିଭାଗୀୟ ମନ୍ତ୍ରୀ ସମସ୍ତଙ୍କୁ ନିବେଦନ କରିଛନ୍ତି।

ଏହି ଉଦଘାଟନ ସମାରୋହରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଏମପେଡାର ଅଧ୍ୟକ୍ଷ ଡି ଭି ସ୍ୱାମୀ, ୱାର୍ଲ୍ଡଫିସର ମହାନିର୍ଦ୍ଦେଶକ ଡକ୍ଟର ଏସାମ ୟାସିନ ମହମ୍ମଦ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ଜିଲ୍ଲାରୁ ଯୋଗ ଦେଇଥିବା ମତ୍ସ୍ୟଚାଷୀ, ପ୍ରାଣିପାଳକ ପ୍ରମୁଖ ଉପସ୍ଥିତ ଥିଲେ। ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲମ୍ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ଶ୍ରୀ ବିଜୟ ଅମୃତା କୁଲାଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ।

ଆସନ୍ତାକାଲି 'ଡଗ ସୋ' ପ୍ରଦର୍ଶନ ହେବ। ଏଥିରେ ବିଭିନ୍ନ ପ୍ରଜାତିର କୁକୁରଙ୍କୁ ପ୍ରଦର୍ଶିତ କରାଯିବ। ସେହିପରି ରବିବାର ଦିନ 'ମନ୍ତ୍ରୀଙ୍କୁ ପଚରନ୍ତୁ' କାର୍ଯ୍ୟକ୍ରମରେ ମତ୍ସ୍ୟଚାଷୀ ଓ ପ୍ରାଣିପାଳକମାନେ ସେମାନଙ୍କ ମନରେ ଥିବା ପ୍ରଶ୍ନ ପଚାରିପାରିବେ। ସାଧାରଣ ଲୋକଙ୍କ ସମସ୍ତ ପ୍ରଶ୍ନର ଉତ୍ତର ରଖିବେ ମାନ୍ୟବର ମନ୍ତ୍ରୀ ଶ୍ରୀ ଗୋକୁଳନନ୍ଦ ମଲ୍ଲିକ।

# ଆୟୁଷ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନକୁ କଂଗ୍ରେସର ସମର୍ଥନ

**ଭୁବନେଶ୍ୱର,୧୪/୦୨ (ମହାଭାରତ):** ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଆନ୍ଦୋଳନରତ ଆୟୁଷ ଡାକ୍ତରଙ୍କ ଦାବିକୁ ସମର୍ଥନ ଜଣାଇଛି ଯୁବ କଂଗ୍ରେସ। ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଶ୍ରୀ ରଞ୍ଜିତ ପାତ୍ର କହିଛନ୍ତି ଯେ ଆୟୁଷ ଛାତ୍ରଙ୍କ ପ୍ରତି ଅନ୍ୟାୟ କରାଯାଇଛି। ସରକାର ତୁରନ୍ତ ତାଙ୍କ ଦାବିକୁ ସମର୍ଥନ କରନ୍ତୁ। ପୂର୍ବତନ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ତଥା ଭୁବନେଶ୍ୱର ଲୋକସଭା ସାଂସଦ ପ୍ରାର୍ଥୀ ଶ୍ରୀ ୟାସିର ନୱାଜ କହିଥିଲେ ଯେ ଛାତ୍ରମାନଙ୍କର ଅଭିଯୋଗ ଅନୁଯାୟୀ ଆୟୁଷର ନିର୍ଦ୍ଦେଶକ ପ୍ରେମଜିତ୍ ନାୟକ, ନୋଡାଲ ଅଫିସର ଡା. ପ୍ରମୋଦ ବିହାରୀ ପ୍ରଧାନ ଏବଂ ସେକ୍ସନ ଅଫିସର ପ୍ରମୋଦ ନାଥ ଶର୍ମା ଓଡ଼ିଶାରେ ଆୟୁଷର ଉନ୍ନତି କ୍ଷେତ୍ରରେ ବାଧକ ସାଜିଛନ୍ତି। ପୂର୍ବତନ ପିସିସି ସାଧାରଣ ସମ୍ପାଦକ ମନୋଜ ବିଶ୍ୱାଳ କହିଛନ୍ତି ଯେ ବାରମ୍ବାର ଅନୁରୋଧ ସତ୍ତ୍ୱେ ନିର୍ଦ୍ଦିଷ୍ଟ ନୀତି ନିର୍ଦ୍ଧାରଣ ଭିତ୍ତିଭୂମିର ଉନ୍ନତ ଏବଂ ଛାତ୍ରମାନଙ୍କର ସ୍ୱାର୍ଥ ପ୍ରତି ଉଦାସୀନ ମନୋଭାବ ପୋଷଣ କରାଯାଉଛି। ଯାହାଫଳରେ ଆୟୁଷ ଉପରେ ନିର୍ଭରଶୀଳ ଛାତ୍ର ଶିକ୍ଷକ ଏବଂ ରୋଗୀ ଅସୁବିଧାରେ ପଡୁଛନ୍ତି। ଛାତ୍ର ଛାତ୍ରୀମାନେ କିପରି ଷ୍ଟାଇପେଣ୍ଡ ପାଇପାରିବେନି, ତା'ର ଷଡ଼ଯନ୍ତ୍ର ମଧ୍ୟ ନିର୍ଦ୍ଦେଶକ କରୁଛନ୍ତି।

ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ ଆୟୁଷ ନିର୍ଦ୍ଦେଶାଳୟରେ ପିସି କାରବାର ଚାଲିଛି। ଦୁର୍ନୀତି ଗ୍ରସ୍ତ, ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ନିର୍ଦ୍ଦେଶକ ସେମାନଙ୍କ ଉପରୁ ଅଭିଯୋଗକୁ ପ୍ରତ୍ୟାହାର କରିନେଉଛନ୍ତି। ରାଜ୍ୟ ବାହାରର ଆୟୁର୍ବେଦ କମ୍ପାନୀଙ୍କ ଠାରୁ ଅନୁଗୃହୀତ ହୋଇ ସେମାନଙ୍କୁ ଟେଣ୍ଡର ଜିତିବା ପାଇଁ ସହଯୋଗ କରୁଛନ୍ତି। ଓଡ଼ିଶାରେ ଆୟୁଷ ବ୍ୟବସ୍ଥା ଦିନକୁ ଦିନ ରସାତଳ ହୋଇପଡୁଥିବା ସ୍ଥଳେ, ବିଜେପି ସରକାର ଏହାକୁ ପରିପୁଷ୍ଟ କରିବାକୁ କୌଣସି ପଦକ୍ଷେପ ନେଉନାହାନ୍ତି। ଛାତ୍ର ଛାତ୍ରୀମାନଙ୍କ ଦାବିକୁ ବିଚାରକୁ ନେବାକୁ ଯୁବ କଂଗ୍ରେସ ଦାବି କରିଛନ୍ତି।

# ଓଡ଼ିଶା ସାମ୍ବାଦିକ ୟୁନିୟନର ବାର୍ଷିକ ଉତ୍ସବ

**ଭୁବନେଶ୍ୱର, ୧୪।୨ (ମହାଭାରତ):** ସମାଜ ଗଠନରେ ସାମ୍ବାଦିକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଣୁ ସଠିକ ତଥ୍ୟ ପରିବେଷଣ କରିବା ଜଣେ ସାମ୍ବାଦିକର ନୈତିକ କର୍ତ୍ତବ୍ୟ, ସେହିଭଳି ସାମ୍ବାଦିକ ମାନଙ୍କର ସୁରକ୍ଷା ଏବଂ କଲ୍ୟାଣ ପାଇଁ ସରକାରୀ ସ୍ତରରେ ପ୍ରୟାସ ଲୋଡ଼ା ବୋଲି ଆଜି ଭୁବନେଶ୍ୱର ଜୟଦେବ ଭବନ ଠାରେ ଅନୁଷ୍ଠିତ ଓଡିଶା ସାମ୍ବାଦିକ ସଂଘ (ଓଜେୟୁ)ର ପଞ୍ଚଦଶ ବାର୍ଷିକ ସାଧାରଣ ପରିଷଦ ବୈଠକ ତଥା ବାର୍ଷିକ ସମ୍ମିଳନୀର ଉଦଘାଟନୀ ଉତ୍ସବରେ ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସ୍କୁଲ ଏବଂ ଗଣ ଶିକ୍ଷା, ଅନୁସୂଚିତ ଜାତି ଜନଜାତି ଉନ୍ନୟନ, ସଂଖ୍ୟା ଲଘୁ ଏବଂ ପଛୁଆ। ବର୍ଗ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଘରୋଇ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼.କୃଷ୍ଣଚନ୍ଦ୍ର ମହାପାତ୍ର ନିଜର ବକ୍ତବ୍ୟରେ କହିଛନ୍ତି।




ସମ୍ମାନିତ ଅତିଥି ଭାବରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ ଯୋଗଦେଇ ସାମ୍ବାଦିକ ମାନେ ସମାଜର ଜାଗ୍ରତ ପ୍ରହାରୀ ବୋଲି କହିଥିଲେ।ଅଜେୟୁର ରାଜ୍ୟ ସଭାପତି ଶଶୀ ଭୂଷଣ ପ୍ରହରାଜଙ୍କ ସଭାପତିତ୍ୱ କରିଥିଲେ। ଏହି ଉପଲକ୍ଷେ ସଂଘର ସ୍ମରଣିକା ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା।ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇ ମୂଲ୍ୟବୋଧ ଭିତ୍ତିକ ସାମ୍ବାଦିକତା ମାଧ୍ୟମରେ ଏକ ବିକଶିତ ରାଷ୍ଟ୍ର ଗଠନ ସମ୍ଭବ ବୋଲି କହିଥିଲେ।ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ଭଞ୍ଜସେନାର ଅଧକ୍ଷ ସଂଜୀବ କୁମାର ରାଉତ, ପ୍ରମୁଖ ଯୋଗ ଦେଇଥିଲେ।

# ଏସଜିଟି ବିଶ୍ୱବିଦ୍ୟାଳୟରେ 'ଚାନସେଲର ଲାଇବ୍ରେରୀ' କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ

**ଗୁରୁଗ୍ରାମ/ହରିୟାଣା/ ଭୁବନେଶ୍ୱର,୧୪।୨(ମହାଭାରତ):** ଆଗାମୀ ଦିନରେ ସମଗ୍ର ଭାରତବର୍ଷରେ ଭବିଷ୍ୟତର ଆବଶ୍ୟକତାକୁ ମ୍ୟାପିଂ କରି ଭାରତର ପ୍ରଗତିକୁ ତ୍ୱରାନ୍ୱିତ କରାଇବାରେ ବିଶ୍ୱବିଦ୍ୟାଳୟର ବଡ଼ ଭୂମିକା ରହିବ ବୋଲି ଶୁକ୍ରବାର ଗୁରୁଗ୍ରାମ ସ୍ଥିତ ଏସଜିଟି ବିଶ୍ୱବିଦ୍ୟାଳୟର ୧୧ତମ ସମାବର୍ତ୍ତନ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଐତିହାସିକ ଏବଂ ସାଂସ୍କୃତିକ ସହର ଗୁରୁଗ୍ରାମରେ ସ୍ଥାପିତ ଏହି ବିଶ୍ୱବିଦ୍ୟାଳୟର ସମାରୋହରେ ଡିଗ୍ରୀ ଏବଂ ସ୍ୱର୍ଣ୍ଣ ପଦକ ପାଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ଯେ ଏହି ସମାବର୍ତ୍ତନ ସମାରୋହ ଯୁବବର୍ଗଙ୍କ ପାଠ ପଢିବାର ଶେଷ ପାହାଚ ନୁହେଁ, ବରଂ ସେମାନଙ୍କ କ୍ୟାରିୟର, ପରିବାର, ଦେଶ ଓ ସମାଜ ପ୍ରତି ନୂଆ ଦାୟିତ୍ୱର ଆରମ୍ଭ । ଚଳିତ ଶତାବ୍ଦୀରେ ବିଶ୍ୱରେ ଉଭା ହୋଇଥିବା ପ୍ରତ୍ୟେକ ନୂଆ ଆର୍ଥିକ ହବ୍ ସ୍ତରରେ କୌଣସି ନା କୌଣସି ବିଶ୍ୱବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ଆଗାମୀ ବର୍ଷଗୁଡ଼ିକରେ ଭାରତ ବିଶ୍ୱରେ ଏକ ମହାଶକ୍ତି ଭାବରେ ଉଭା ହେବ ଏବଂ ସେହି ସମୟରେ ଏସଜିଟି ଭଳି ବିଶ୍ୱବିଦ୍ୟାଳୟ ଭବିଷ୍ୟତର ଆବଶ୍ୟକତାକୁ ମ୍ୟାପିଂ କରି ଭାରତର ପ୍ରଗତିକୁ ଆହୁରି ତ୍ୱରାନ୍ୱିତ କରିବ ।



ଏସଜିଟି ବିଶ୍ୱବିଦ୍ୟାଳୟରେ 'ଚାନସେଲର ଲାଇବ୍ରେରୀ'ର ଶୁଭାରମ୍ଭକୁ ପ୍ରଶଂସା କରି ସେ କହିଛନ୍ତି ଯେ ଭାରତୀୟ ଜ୍ଞାନ ପରମ୍ପରା ଅନୁଯାୟୀ, ଆମ ଯୁବପିଢ଼ିଙ୍କୁ ଗଢ଼ି ତୋଳିବା ପାଇଁ ଏସଜିଟି ବିଶ୍ୱବିଦ୍ୟାଳୟର 'ଚାନସେଲର ଲାଇବ୍ରେରୀ' ଶୁଭାରମ୍ଭ ସ୍ୱାଗତଯୋଗ୍ୟ । ଏହି ପାଠାଗାର ଜରିଆରେ କୁଳାଧିପତି ପଦ୍ମଭୂଷଣ ରାମ ବାହାଦୁର ରାୟ ସାମାଜିକ ଜୀବନରେ ନିଜର ସବୁଠାରୁ ବଡ ସମ୍ପତ୍ତି ଦାନ କରିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାକୁ ହେଲେ ଆମକୁ ଆମ ପିଲାମାନଙ୍କର ବ୍ୟକ୍ତିଗତ ବିକାଶର ରୋଡମ୍ୟାପ ଉପରେ ମଧ୍ୟ ଧ୍ୟାନ ଦେବାକୁ ପଡିବ । ଭାରତ ଶିଳ୍ପ ବିପ୍ଳବ ୪.୦ର ନେତୃତ୍ୱ ନେବା ଦରକାର ଏବଂ ଆମ ବିଶ୍ୱବିଦ୍ୟାଳୟଗୁଡ଼ିକ ଏହି ଦାୟିତ୍ୱ ନେବା ଉଚିତ୍ । ଭାରତର ଯୁବପିଢ଼ି ଉଚ୍ଚାଭିଳାଷୀ । ଆଜି ଆମେ ସର୍ଭିସ ଏବଂ ବିନିର୍ମାଣ କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରିଛୁ । ଆଗାମୀ ଦିନରେ ଆମକୁ ଡିପଟେକ୍ ସମେତ ନୂତନ ଜ୍ଞାନକୌଶଳ ଉପରେ ଆମର ହାତକୁ ମଜଭୂତ୍ କରିବାକୁ ହେବ । ଆମ ବିଶ୍ୱବିଦ୍ୟାଳୟ ଗୁଡ଼ିକ ବିଶ୍ୱ ସମସ୍ୟାର ସମାଧାନ ଅନ୍ୱେଷଣ କରିବା ସହ ନୂଆ ଟେକ୍ନୋଲୋଜି, ନବସୃଜନର ସଂସ୍କୃତି ଏବଂ ୱେଲଥ୍ କ୍ରିଏସନକୁ ପ୍ରୋତ୍ସାହିତ କରିବାକୁ ହେବ । ଆଗାମୀ ଦିନରେ ଭାରତ ବିଶ୍ୱ କଲ୍ୟାଣର ଦାୟିତ୍ୱ ନେବ । ଜାତୀୟ ଶିକ୍ଷା ନୀତିରେ ଏଥିପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି ଏବଂ ଏସଜିଟି ଭଳି ବିଶ୍ୱବିଦ୍ୟାଳୟ ଏହାର ସଫଳ ପ୍ରୟୋଗଶାଳା ହେବ ।

## ବାଦ୍ ପଡ଼ିଥିବା ଚାଷୀ ଚିହ୍ନଟ ହେବେ

**ଭୁବନେଶ୍ୱର, ୧୪।୨ (ମହାଭାରତ) :** ବାଦ୍ ପଡିଥିବା ଚାଷୀଙ୍କୁ ପୁଣି ଥରେ ଚିହ୍ନଟ କରାଯାଇ କ୍ଷତିପୂରଣ ଦିଆଯିବ। ବାତ୍ୟା ଓ ଅଦିନିଆ। ବର୍ଷାରେ କ୍ଷତିଗ୍ରସ୍ତ ଚାଷୀ ଯଦି ଚିହ୍ନଟ ହୋଇ ବାଦ୍ ପଡ଼ିଛନ୍ତି ତେବେ ତାଙ୍କୁ ଏବେ ବି କ୍ଷତି ପୂରଣ ମିଳିବ ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। କେହି ବି କ୍ଷତି ପୂରଣ ପାଇବାରୁ ବଞ୍ଚିତ ହେବେ ନାହିଁ ବୋଲି ମନ୍ତ୍ରୀ ମତ ରଖିଛନ୍ତି। ମନ୍ତ୍ରୀ କହିଛନ୍ତି, ଚିହ୍ନଟ ହୋଇ ବାଦ୍ ପଡ଼ିଥିବା ଚାଷୀଙ୍କୁ କ୍ଷତି ପୂରଣ ଦେବୁ। ଏଥିରେ କିଛି ଅସୁବିଧା ନାହିଁ । ସର୍ଭେ ଅନୁଯାୟୀ, ଯାହା ବି ସବୁ ଆବଶ୍ୟକ ଥିଲା ତାହା ବିଭାଗ ପକ୍ଷରୁ ପୂରଣ କରାଯାଇଛି।

# ନନ୍ଦନକାନନ ପ୍ରବେଶ ଓ ପ୍ରସ୍ଥାନ ପଥରେ ପରିବର୍ତ୍ତନ

**ଭୁବନେଶ୍ୱର, ୧୪।୨ (ମହାଭାରତ) :** ପରିବର୍ତ୍ତନ ହେଲା ନନ୍ଦନକାନନର ପ୍ରବେଶ ଓ ପ୍ରସ୍ଥାନ ପଥ। ନନ୍ଦନକାନନର ଉନ୍ନତିମୂଳକ କାର୍ଯ୍ୟ ଚାଲୁଥିବା ଯୋଗୁଁ ପର୍ଯ୍ୟଟକମାନଙ୍କ ପାଇଁ ପ୍ରବେଶ ଏବଂ ପ୍ରସ୍ଥାନ ପଥରେ ପରିବର୍ତ୍ତନ କରାଯାଇଛି। ଫଳରେ ପର୍ଯ୍ୟଟକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି।

ପୂର୍ବରୁ ପର୍ଯ୍ୟଟକମାନେ ନନ୍ଦନକାନନ ମୁଖ୍ୟ ଫାଟକ ଦେଇ ସମ୍ମୁଖରେ ଥିବା ଟିକେଟ କାଉଣ୍ଟରରେ ଟିକେଟ କରି ପ୍ରବେଶ କରୁଥିଲେ। ବର୍ତ୍ତମାନ ଏହି ମାର୍ଗ ପରିବର୍ତ୍ତନ ହୋଇଛି। ପୂର୍ବରୁ ଗୋଟିଏ ମାର୍ଗରେ ଆସି ଜୀବଜନ୍ତୁଙ୍କୁ ସଠିକ୍ ଭାବେ ଦେଖି ସେହି ମାର୍ଗରେ ଫେରୁଥିଲେ। ଏଥିରେ ବ୍ୟାଟେରୀ ଚାଳିତ ଗାଡ଼ି, ସଫାରୀ ଆଦି ଟିକେଟ ପାଇଁ ପର୍ଯ୍ୟଟକଙ୍କୁ କୌଣସି ଅସୁବିଧା ହେବାକୁ ପଡୁନଥିଲା।

କିନ୍ତୁ ନନ୍ଦନକାନନର କାଞ୍ଜିଆ। ଲେକ ସଂଲଗ୍ନରେ ଡ୍ରେନ ନିର୍ମାଣ ପାଇଁ ହେଉଥିବା କାର୍ଯ୍ୟ ଯୋଗୁଁ ପର୍ଯ୍ୟଟକ କିଛି ମାତ୍ରାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ବର୍ଷା ଦିନେ କାଞ୍ଜିଆର ଜଳସ୍ତର ବୃଦ୍ଧି ପାଇ ନନ୍ଦନକାନନ ମଧ୍ୟରେ ପ୍ରବେଶ କରୁଥିବାରୁ ଏହାର ସମାଧାନ ପାଇଁ ଏହି ସମସ୍ତ କାର୍ଯ୍ୟକୁ ଆସନ୍ତା ମୌସୁମୀ ଆଗମନ ପୂର୍ବରୁ ସାରିବା ପାଇଁ ଯୋଜନା ରଖିଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ଫଳରେ ବିକଳ୍ପ ଭାବରେ ନନ୍ଦନକାନନର ବହୁତଳ ପାର୍କିଂ ପାର୍ଶ୍ୱରେ ନିର୍ମାଣ ହୋଇଥିବା ପ୍ରସ୍ଥାନ ପଥରେ ବର୍ତ୍ତମାନ ଏହି ଅସ୍ଥାୟୀ ପ୍ରବେଶ ଓ ପ୍ରସ୍ଥାନ ମାର୍ଗ କରାଯାଇଛି।

# ରଥଯାତ୍ରାକୁ ଶୃଙ୍ଖଳିତ କରିବା ନେଇ ପୋଲିସ ପ୍ରସ୍ତୁତି

**ଭୁବନେଶ୍ୱର, ୧୪।୨ (ମହାଭାରତ):** ଚଳିତ ବର୍ଷ ଜୁନ ମାସ ୨୭ ତାରିଖରେ ପୁରୀରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି । ଏହି ରଥଯାତ୍ରାକୁ ଶୃଙ୍ଖଳିତ ଏବଂ ବ୍ୟବସ୍ଥିତ ଭାବେ ଆୟୋଜନ କରିବା ନିମନ୍ତେ ଆଜି ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ରଥଯାତ୍ରାରେ ସମ୍ଭାବ୍ୟ ଭିଡ଼ ନିୟନ୍ତ୍ରଣ ଏବଂ ଗତ ବର୍ଷ ସମ୍ମୁଖୀନ ହୋଇଥିବା ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି ଏବେ ଠାରୁ ବ୍ୟାପକ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ କରିବା ନିମନ୍ତେ ଡିଜିପି ଶ୍ରୀ ଖୁରାନିଆ। ବରିଷ୍ଠ ପୋଲିସ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ଜଗନ୍ନାଥ ମନ୍ଦିର ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ରୀତିନୀତି ବିଭିନ୍ନ ତାରିଖରେ ପାଳନ କରାଯିବ। ଏହି ଉପଲକ୍ଷେ ଦେଶ ବିଦେଶରୁ ଲକ୍ଷାଧିକ ଭକ୍ତ ପୁରୀରେ ସମାଗମ ହେବେ ଓ ଏହାସହ ବହୁ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଦେଖିବାକୁ ଆଗମନର ସମ୍ଭାବନା ରହିଛି।

ଏହାପରେ ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଉତ୍ତରା ଛକ ଠାରୁ ପୁରୀ ପର୍ଯ୍ୟନ୍ତ ସିସିଟିଭିର ଲଗାଇବା, ଟ୍ରାଫିକ ସମସ୍ୟାର ସୁପରିଚାଳନା, ଦଳା ଚକଟା ଭଳି ପରିସ୍ଥିତିକୁ ଏଡାଇବା ନିମନ୍ତେ ସଜାଗ ତଥା ସ୍ୱତନ୍ତ୍ର ବ୍ୟବସ୍ଥା, ଗାଡି ପାର୍କିଂ, ଅତି ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ପାଇଁ ସ୍ୱତନ୍ତ୍ର ହେଲିପ୍ୟାଡ଼, ପୋଲିସ ଫୋର୍ସଙ୍କ ରହଣି ନିମନ୍ତେ ସ୍ୱତନ୍ତ୍ର ସୁବିଧା, ଶୃଙ୍ଖଳିତ ରଥଟଣା, ବ୍ୟାରିକେଡ଼ ବ୍ୟବସ୍ଥା, ଜିଲ୍ଲା ପ୍ରଶାସନ ସହ ମିଶି ବିଭିନ୍ନ ଅସୁବିଧାର ଆଶୁ ସମାଧାନ ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ସୁବିଧା ଇତ୍ୟାଦି ସମ୍ପର୍କରେ ଡିଜିପି ବିସ୍ତୃତ ଭାବେ ଆଲୋଚନା କରିଥିଲେ।ଏହି ବୈଠକରେ ଡିଜିପି (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ନିର୍ଦ୍ଦେଶକ (ଏସସିଆରବି) ଡ଼ଃ ସନ୍ତୋଷ ଲାଲ, ଏଡିଜିପି (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜିପି (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଏଡିଜିପି (ମୁଖ୍ୟାଳୟ) ଦୟାଲ ଗଙ୍ଗୱାର, ଏଡିଜିପି (ଏସଏପି) ରାଜେଶ କୁମାର, ଆଇଜିପି (ଟ୍ରେନିଂ) ଶ୍ରୀ ଅନୁପ କୁମାର ସାହୁ, ଡିଆଇଜିପି (ଅପରେସନ) ଅଖିଳେଶ୍ୱର ସିଂ, ଡିଆଇଜିପି (କେନ୍ଦ୍ରାଞ୍ଚଳ) ଚରଣ ସିଂ ମିନା, ଡିଆଇଜିପି(ଏସଆଇଡବ୍ଲୁ) ଡ଼ଃ କନୱର ବିଶାଲ ସିଂ, ଡିସିପି (ଭୁବନେଶ୍ୱର) ପିନାକ ମିଶ୍ର, ଏଆଇଜିପି (ମୁଖ୍ୟାଳୟ) ଯୁଗଳ କିଶୋର କୁମାର ବନୋଥ, ଏଆଇଜିପି (ମୁଖ୍ୟାଳୟ) ବିବେକାନନ୍ଦ ଶର୍ମା ଏବଂ ପୁରୀ ଏସପି ଭିନିତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍ସରେ ଏଚପିବି ରେଡିଓଲୋଜି ପାଠ୍ୟକ୍ରମ

**ଭୁବନେଶ୍ୱର, ୧୪/୦୨ (ମହାଭାରତ) :** ଭାରତର ପ୍ରଥମ ହେପାଟୋ-ପାନକ୍ରିଏଟୋ-ବିଲିଆରି (ଏଚପିବି) ରେଡିଓଲୋଜି ପାଠ୍ୟକ୍ରମକୁ ସଫଳତାର ସହିତ ଆୟୋଜନ କରି ଏମ୍ସ ଭୁବନେଶ୍ୱର ଚିକିତ୍ସା ବିଜ୍ଞାନ, ଶିକ୍ଷା ଏବଂ ତାଲିମ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଏବଂ ରେଡିଓ-ଡାଇଗ୍ନୋସିସ୍ ବିଭାଗ ଦ୍ୱାରା ପରିଚାଳିତ, ଏହି ପାଠ୍ୟକ୍ରମ ଆନ୍ତର୍ଜାତୀୟ ହେପାଟୋ-ପାନକ୍ରିଏଟୋ-ବିଲିଆରି ଆସୋସିଏସନ୍ (ଆଇଏଚପିବିଏ)-ଭାରତୀୟ ଶାଖା ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।



ଜଟିଳ ଏଚପିବି ସର୍ଜିକାଲ୍ ଆନାଟୋମିର ବୁଝାମଣାକୁ ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଥିବା ଏହି ପାଠ୍ୟକ୍ରମ ଏଚପିବି ରୋଗରେ ଅଲ୍ଟ୍ରାସୋନୋଗ୍ରାଫି, ସିଟି ସ୍କାନ୍, ଏମଆରଆଇ, ଏବଂ ପେଟ୍ ସିଟି ସ୍କାନ୍ ପ୍ରୟୋଗ ସମ୍ବନ୍ଧରେ ଗଭୀର ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲା। ଯେକୌଣସି ଜଟିଳ ରୋଗର ସଠିକ୍ ନିରୂପଣ, ଅସ୍ତ୍ରୋପଚାର ନିମନ୍ତେ ସଫଳ ଯୋଜନା ଏବଂ ଅସ୍ତ୍ରୋପଚାର ପରବର୍ତ୍ତୀ ଅବସ୍ଥାରେ ଉତ୍ସାହଜନକ ଫଳାଫଳ ମିଳିବା ଏହି ପାଠ୍ୟକ୍ରମର ମୂଳ ଲକ୍ଷ୍ୟ ଭାବେ ବିବେଚନା କରାଯାଇଥାଏ।

ଏଚପିବି ରୋଗରେ ରେଡିଓଲୋଜିକାଲ୍ ବ୍ୟାଖ୍ୟାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି, ଏହି ବ୍ୟାପକ ପାଠ୍ୟକ୍ରମ ସାରା ଦେଶରୁ ଆସିଥିବା ଏଚପିବି ଶଲ୍ୟଚିକିତ୍ସା ପ୍ରଶିକ୍ଷାର୍ଥୀ ଏବଂ ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ବିସ୍ତୃତ ତାଲିମ ପ୍ରଦାନ କରିଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଏଚପିବି ରେଡିଓଲୋଜିର ମୌଳିକ ତତ୍ତ୍ୱଗୁଡ଼ିକୁ ତିନୋଟି ଅନଲାଇନ୍ ଅଧିବେଶନରେ ତାଲିମ ପ୍ରଦାନ ସହିତ ଦୁଇ ଦିନିଆ। ପ୍ରାକ୍ଟିକାଲ ତାଲିମ ଅନୁଷ୍ଠିତ ହୋଇଥିଲା।ଏଚପିବି ଏବଂ ଯକୃତ ପ୍ରତିରୋପଣ ଅସ୍ତ୍ରୋପଚାର, ଏଚପିବି ଇଣ୍ଟରଭେନସନାଲ୍ ରେଡିଓଲୋଜି ଏବଂ ଉନ୍ନତ ଇମେଜିଂ କୌଶଳ ବାବଦରେ ପ୍ରସିଦ୍ଧ ବିଶେଷଜ୍ଞମାନେ ଅତ୍ୟନ୍ତ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଏକ ସ୍ୱତନ୍ତ୍ର ଲାଇଭ୍ ଅଧିବେଶନରେ ରିଅଲ୍-ଟାଇମ୍ ଇଣ୍ଟରଭେନସନାଲ୍ ପ୍ରକ୍ରିୟା ପ୍ରଦର୍ଶିତ ହୋଇଥିଲା, ଯାହା ପ୍ରଶିକ୍ଷାର୍ଥୀମାନଙ୍କୁ ଅତ୍ୟାଧୁନିକ କୌଶଳର ବ୍ୟବହାରିକ ଏକ୍ସପୋଜର ପ୍ରଦାନ କରିଥିଲା।

ଏହି ମର୍ଯ୍ୟାଦାଜନକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଯୋଗ ଦେଇଥିଲେ। ଉପସ୍ଥିତ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଆଇଏଚପିବିଏ-ଇଣ୍ଡିଆର ସମ୍ପାଦକ ଡ. ବିଜୁ ପୋଟ୍ଟାକଟ୍, ଆଇଏଚପିବିଏ-ଇଣ୍ଡିଆର ପୂର୍ବତନ ସଭାପତି ଡ. ସଞ୍ଜୟ ଗୋଭିଲ୍, ଡ. ନୈମିଶ ମେହେତା, ଏମ୍ସ ଭୁବନେଶ୍ୱର ରେଡିଓଡାଇଗ୍ନୋସିସ୍ ବିଭାଗ ମୁଖ୍ୟ ଡ. ସୁପ୍ରଭା ନାୟକ, ଡ. ଅଶୋକ କୁମାର ଜେନା, ଡିଡିଏ ଅଭିଜିତ ସରକାର ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ କମିଟି ଅଧ୍ୟକ୍ଷ ଡ. ବ୍ରହ୍ମଦତ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ସଂଗଠନ ସମ୍ପାଦକ ଡ. ରଞ୍ଜନ କୁମାର ପଟେଲ, ଡ. ତାରାପ୍ରସାଦ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଏହି ପ୍ରଥମ ପଦକ୍ଷେପ ଭାରତରେ ଏଚପିବି ଶଲ୍ୟଚିକିତ୍ସା ତାଲିମର ମାନକୁ ଉନ୍ନତ କରିବା ସହିତ ଚିକିତ୍ସକ ମାନଙ୍କୁ ଉନ୍ନତ ରେଡିଓଲୋଜିକାଲ୍ ବ୍ୟାଖ୍ୟା ଦକ୍ଷତାର ଅଧିକାରୀ କରିବ ବୋଲି ଆଶା କରାଯାଉଛି।

## ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ଭାବବିନିମୟ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧୪।୨ (ମହାଭାରତ):** ଓଡ଼ିଶା ବିଜ୍ଞାନ ଏକାଡେମୀ ଦ୍ୱାରା ବିଜ୍ଞାନ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କୁ ନେଇ ଭାବବିନିମୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସିରିପୁରସ୍ଥିତ ଇମେଜ୍ ପରିସରରେ ଆୟୋଜିତ ତିନିଦିନିଆ। ଏହି ଭାବବିନିମୟ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ବିଜ୍ଞାନ ସମ୍ବନ୍ଧୀୟ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। 'ଆମ ପରିବେଶ ଓ ଆମ ଜୀବନ' ଉପରେ ଛାତ୍ରଛାତ୍ରୀମାନେ ଚିତ୍ର ଆଙ୍କିଥିବା ବେଳେ 'ବିଜ୍ଞାନ ଓ ଆଧ୍ୟାତ୍ମିକତା ପରସ୍ପରର ପରିପନ୍ଥୀ' ଶୀର୍ଷକ ଉପରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିସହ ବିଭିନ୍ନ ବିଜ୍ଞାନ ପ୍ରାସଙ୍ଗିକ ବିଷୟବସ୍ତୁ ଓ କ୍ଷେତ୍ରସ୍ତରୀୟ ପରିଦର୍ଶନ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ଜ୍ଞାନବୃଦ୍ଧି କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି। ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରୁ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ଭାଗ ନେଉଛନ୍ତି।

# କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଭେଟିଲେ ବରଗଡ଼ ସାଂସଦ

**ବରଗଡ଼,୧୪।୨(ମହାଭାରତ):** ବରଗଡ଼ ଲୋକ ସଭା ଏମପି ପ୍ରଦୀପ ପୁରୋହିତ ଆଜି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିଛନ୍ତି। ରେଳମନ୍ତ୍ରୀଙ୍କଠାରେ ସେ ବିଭିନ୍ନ ଦାବି ରଖିବା ସହିତ ତାଙ୍କୁ ଏକ ଦାବିପତ୍ର ସେ ପ୍ରଦାନ କରିଛନ୍ତି। ବରଗଡ଼ରୁ ଭୁବନେଶ୍ୱରକୁ ଇଣ୍ଟରସିଟି ଟ୍ରେନ ଚଳାଚଳ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ରହିଛି। ଫଳରେ ବରଗଡ଼ରୁ ଭୁବନେଶ୍ୱରକୁ ପ୍ରତିଦିନ ସକାଳୁ ଇଣ୍ଟରସିଟି ଟ୍ରେନ ଚଳାଚଳ ପାଇଁ ପ୍ରଦୀପ ଦାବି କରିଛନ୍ତି। ସେହିପରି ବରଗଡ଼ ରୋଡ୍ ଏବଂ ବଲାଙ୍ଗିର ଷ୍ଟେଶନ ପୂର୍ବତଟ ରେଳବାଇର ସମ୍ବଲପୁର ଡିଭିଜନ ଅଧିନରେ ରହିଛି। ବରଗଡ଼ ରୋଡ୍/ବଲାଙ୍ଗିରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଏକ ନୂଆ। ଟ୍ରେନ ଚଳାଚଳ କରାଯାଉ କିମ୍ବା ୧୮୦୩/୩୦୪ ପୁରୀ-ସମ୍ବଲପୁର-ପୁରୀ ଇଣ୍ଟରସିଟିକୁ ବରଗଡ଼/ବଲାଙ୍ଗିର ପର୍ଯ୍ୟନ୍ତ ୨-ରେକ୍ ଟ୍ରେନଭାବେ ପରିବର୍ତ୍ତନ କରାଯାଉ ବୋଲି ପ୍ରଦୀପ ଦାବି କରିଛନ୍ତି।

ପଶ୍ଚିମ ଓଡ଼ିଶାବାସୀଙ୍କ ଭାବାବେଗକୁ ବିଚାର କରି ଏବଂ ଏହି ଅଞ୍ଚଳର ପୁରୁଣା ଦାବି ସମୂହକୁ ପୂରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ରେଳମନ୍ତ୍ରୀଙ୍କଠାରେ ଦାବି ରଖିଛନ୍ତି। ଏହା ସହିତ ବରଗଡ଼-ନୂଆପଡ଼ା ରେଳପଥ ନିର୍ମାଣ କାର୍ଯ୍ୟରେ ତ୍ୱରିତ ପଦକ୍ଷେପ ନେବା ସହିତ ପାଇକମାଳ ରେଳ ଷ୍ଟେଶନର ନାମ ପରିବର୍ତ୍ତନ କରି ନୃସିଂହନାଥ ରେଳ ଷ୍ଟେଶନ କରିବାକୁ ପ୍ରଦୀପ ପ୍ରସ୍ତାବ ଦେଇଛନ୍ତି। ସେହିପରି ଜନଶତାବ୍ଦୀ ଏକ୍ସପ୍ରେସକୁ ଝାରସୁଗୁଡ଼ା ପର୍ଯ୍ୟନ୍ତ ସମ୍ପ୍ରସାରଣ ସହିତ ହାତିଆ-ଝାରସୁଗୁଡ଼ା ପାସେଞ୍ଜର ଟ୍ରେନକୁ ରାୟଗଡ଼ ଏବଂ କୋଭିଡ୍ ସମୟରେ ବନ୍ଦ ହୋଇଥିବା ନିଜାମୁଦ୍ଦିନ-ରାୟଗଡ଼ ଗୋଣ୍ଡୱାନା ଏକ୍ସପ୍ରେସ ଟ୍ରେନକୁ ପୁନଃ ଚଳାଚଳ କରିବା ପାଇଁ ରେଳମନ୍ତ୍ରୀଙ୍କଠାରେ ପ୍ରଦୀପ ଦାବି ରଖିଛନ୍ତି। ରେଳମନ୍ତ୍ରୀଙ୍କଠାରେ ପ୍ରଦୀପ ଏହି ଦାବି ରଖିବା ସମୟରେ କେନ୍ଦ୍ରମନ୍ତ୍ରୀ ରବନ୍ନି ସିଂ ବିଟ୍ଟୁ ମଧ୍ୟ ସେଠରେ ଉପସ୍ଥିତ ଥିଲେ।



# ଆରବିଆଇ ପାଇଁ ଚ୍ୟାଲେଞ୍ଜ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଶେଷରେ ରେପୋରେଟ୍ ୨୫ ବେସିକ୍ ପଏଂଟ ହ୍ରାସ କରି ବହୁ ଆକାଙ୍କ୍ଷିତ ସୁଧହାର ପାଇଁ ନିଷ୍ପତି ଗ୍ରହଣ କରିବା ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ। ପ୍ରାୟ ପାଂଚ ବର୍ଷ ପରେ ରିଜର୍ଭବ୍ୟାଙ୍କ ରେପେରରେଟ୍ ୨୫ ବେସିକ ପଏଂଟ ହ୍ରାସ କରିବା ଦ୍ୱାରା ତାହା ୬.୨୫ ପ୍ରତିଶତକୁ ଖସି ଆସିଛି। ତେବେ ଆର୍ଥୀକ ଅଭିବୃଦ୍ଧି ଓ ମୁଦ୍ରାସ୍ଫୀତି ମଧ୍ୟରେ ଭାରସାମ୍ୟ ରଖିବା ପାଇଁ ଆରବିଆଇ ମୋନେଟାରୀ ପଲିସ କମିଟି (ଏମପିସି) ଏହି ନିଷ୍ପତି ଗ୍ରହଣ କରିଛି। କେବଳ ଏତିକି ନୁହେଁ, ଯେତେବେଳେ ଭାରତର ଅର୍ଥନୀତି ମନ୍ଥର ହେଉଛି, ସେତିକି ବେଳେ ଏହି ନିଷ୍ପତି ଆସିଛି। କହିବା ବାହୁଲ୍ୟ ଯେ, ୨୦୨୩-୨୪ ଆର୍ଥୀକ ବର୍ଷରେ ଭାରତର ଅଭିବୃଦ୍ଧି ୬.୭ ପ୍ରତିଶତ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏବେ ମୁଦ୍ରାସ୍ଫୀତି ଅନୁକୂଳ ସ୍ଥିତିରେ ୪ ପ୍ରତିଶତରେ ରହିଥିବାବେଳେ ଅଭିବୃଦ୍ଧି ଉପରେ ଆରବିଆଇ ଗୁରୁତ୍ୱ ପ୍ରଦାନ କରିଛି। ଆରବିଆଇର ଏହି ପଦକ୍ଷେପ ଶିଳ୍ପ ସମୁଦାୟ ସ୍ୱାଗତ କରିଥିବାବେଳେ ଋଣ ହାର ଏବେ ବି ଅନିଶ୍ଚିତ ଅବସ୍ଥାରେ ରହିଛି। ଆରବିଆଇର ସୁଧ ହାର(ରେପୋରେଟ୍) ହ୍ରାସ ପରେ ଗାଡି ଓ ଗୃହ ଋଣ ହ୍ରାସ ପାଇବ। ଅନ୍ୟପକ୍ଷରେ ସଂଚୟ ଜମା ଉପରେ ସୁଧ ହ୍ରାସ ପାଇବ। ବିଶେଷ କରି ଏହା ଦ୍ୱାରା ବରିଷ୍ଠ ନାଗରିକ ମାନେ ପ୍ରଭାବିତ ହେବେ। ଏହା ନିସନ୍ଦେହ ଯେ, ବିଶ୍ୱ ପ୍ରତିକୂଳ ପରିସ୍ଥିତି ଅଭିବୃଦ୍ଧିକୁ ପ୍ରଭାବିତ କରିଚାଲିଛି ଏବଂ ନିମ୍ନଗାମୀ ହେବାର ବିପଦ ସୃଷ୍ଟି କରୁଛି। ବିଶ୍ୱରେ ଉଦୀୟମାନ ବଜାରଗୁଡ଼ିକରେ ପୁଞ୍ଜି ପ୍ରବାହ ହ୍ରାସ, ମୁଦ୍ରାର ତୀବ୍ର ମୂଲ୍ୟ ହ୍ରାସ ଏବଂ କଠୋର ପରିସ୍ଥିତି ଦେଖାଦେଇଛି। ତେଣୁ ବିଶ୍ୱ ପ୍ରତିକୂଳ ପରିସ୍ଥିତି ଅଭିବୃଦ୍ଧି ଉପରେ ଚାପ ପକାଇବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ରେପୋରେଟ୍ ହ୍ରାସ ଦ୍ୱାରା କେବଳ ବ୍ୟାଙ୍କ ଋଣ ଉପରେ କମ୍ ସୁଧ ନେବ ନାହିଁ, ବିଭିନ୍ନ ଜମା ଯୋଜନା ଉପରେ ମଧ୍ୟ କମ୍ ସୁଧ ପ୍ରଦାନ କରିବ। ଏଥିଲାଗି କେନ୍ଦ୍ର ସରକାର କ୍ଷୁଦ୍ର ସଂଚୟ ଯୋଜନାର ସୁଧ ହ୍ରାସ କରିବା ପାଇଁ ନିଷ୍ପତି ନେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ବିଶେଷ କରି ପିପିଏଫ, ଏନଏସସି, କିଷାନ ବିକାଶ ପତ୍ର ଓ ସୁକନ୍ୟା ସମୃଦ୍ଧି ଆକାଉଂଟ ପରି କ୍ଷୁଦ୍ର ସଂଚୟ ଯୋଜନା ଉପରେ ସୁଧ ହ୍ରାସ କରିବା ଆଶଙ୍କାକୁ ଉଜ୍ଜୀବତ କରିଛି। ତେବେ ଆର୍ଥୀକ ବିଶେଷଜ୍ଞମାନେ ମତ ଦିଅନ୍ତି ଯେ, କେନ୍ଦ୍ର ଅର୍ଥମନ୍ତ୍ରଣାଳୟ ବ୍ୟାଙ୍କ ସ୍ଥାୟୀ ଜମା ଉପରେ ସୁଧ ହ୍ରାସ କରିବା ପୂର୍ବରୁ ନିବେଷକମାନେ ସ୍ଥାୟୀ ଜମା ଆକାଉଂଟ ଖୋଲିବା ଜରୁରୀ। ଆରବିଆଇର ନୂତନ ଗଭର୍ଣ୍ଣର ସଂଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମୁଦ୍ରାନୀତି କମିଟି ବୈଠକରେ ଡଃ ନଗେଶ କୁମାର, ସୌଗତ ଭଟ୍ଟାଚାର୍ଯ୍ୟ, ପ୍ରଫେସର ରାମ ସିଂହ, ଡଃ ରାଜୀବ ରଂଜନ ଏବଂ ଏମ.ରାଜେଶ୍ୱର ରାଓଙ୍କ ଉପସ୍ଥିତିରେ ଅନୁମୋଦିତ ନିଷ୍ପତିରେ କେବଳ ରେପୋରେଟ୍ ହ୍ରାସ ନୁହେଁ, ଆର୍ଥୀକ କାରବାରରେ ସାଇବର ସୁରକ୍ଷାକୁ ବ୍ୟାପକ କରିବା ପାଇଁ ନିଷ୍ପତି ହୋଇଛି। ସେହିପରି ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ପ୍ରଶାସନର ଭାରତ ସମେତ କେତେକ ରାଷ୍ଟ୍ରପତି ଉପରେ ଆମଦାନୀ ଜନିତ ୨୫ ପ୍ରତିଶତ ଶୁଳ୍କ ଲାଗୁ ନିଶ୍ଚିତ ଭାବେ କେବଳ ଦେଶର ଅର୍ଥନୀତିକୁ ପ୍ରଭାବିତ କରିବ ନାହିଁ, ବିଭିନ୍ନ ସାମଗ୍ରୀ ଉପରେ ଦରଦାମ ବୃଦ୍ଧି ଘଟାଇବ। ଏହା ସତ୍ୟ ଯେ, ଦେଶରେ ମୁଦ୍ରାସ୍ଫୀତି ଉପରମୁହାଁ ହୋଇଥିବାବେଳେ ଏବେ ଋତୁଭିତିକ ପରିବା ଉତ୍ପାଦନ ଚାହିଦା ଅନୁପାତରେ ଯଥେଷ୍ଟ ଅଧିକ ଥିବାର ସୂଚନା ରହିଛି। ଏହାର ପ୍ରଭାବରେ ଲୋକଙ୍କ କ୍ରୟ କରିବାର ସମର୍ଥ ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି ଏବଂ ସ୍ଥିତି କ୍ରମଶଃ ମନ୍ଥର ଆଡକୁ ଗତି କରୁଛି। ଏଭଳି ଏକ ସ୍ଥିତିରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ମାଲହୋତ୍ରାଙ୍କ ପାଇଁ ଏକ ବଡ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଏଭଳି ଏକ ପରିବେଶରେ ନୂଆ ଗଭର୍ଣ୍ଣର ଭାରତୀୟ ଅର୍ଥନୀତିକୁ ନୂତନ ଦିଗ ଦେବ। ଜରୁରୀ ଯାହାକି ତାଙ୍କ ନେତୃତ୍ୱାଧୀନ ଏମପିସିର ପ୍ରଥମ ବୈଠକରେ ନିଷ୍ପତି ଯଥାର୍ଥ ଦିଗରେ ଯାଉଛି ବୋଲି କୁହାଯାଇପାରିବ।

# ମାଙ୍କଡ଼ ହାତରେ ଶାଳଗ୍ରାମ

ପଙ୍କଜ କୁମାର ପାଣିଗ୍ରାହୀ

ଆମ ଲୋକ କଥାରେ କୁହାଯାଉଥିବା ଏହି ଉକ୍ତିର ମର୍ମ କ'ଣ ଏବଂ
ସାଧାରଣ ଲୋକେ ଏହି ରୂଢି ଗୁଡିକୁ କିଭଳି ଢଙ୍ଗରେ ଦେଖୁଛନ୍ତି ?
ଏହି ମର୍ମରେ ଆଜି ସମୟରେ ଆମର ପରିସ୍ଥିତି ଏବଂ ଭବିଷ୍ୟ ବିଚାର କରି ଦେଖିବା...

ମାଙ୍କଡ଼ ଗୋଟିଏ ପଶୁ । ତାର ହିତାହିତ ଜ୍ଞାନ ବୋଲି କିଛି ନଥାଏ । ସେ କେବଳ ଖାଇବା ଏବଂ ନିଜର ସୁରକ୍ଷା ବ୍ୟତୀତ ଅନ୍ୟ କୌଣସି ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ । ଇତି ମଧ୍ୟରେ ତାର ମନୋରଞ୍ଜନ ପାଇଁ କେତେବେଳେ ଖେଳକୁଦ ତ ଆଉ କେତେବେଳେ ହିଂସାତ୍ମକ ଦୌଡରେ ନିଜକୁ ସାମିଲ୍ କରୁଥିବା ଦେଖିବାକୁ ମିଳିଥାଏ । ଖାଦ୍ୟ ଉପଯୋଗୀ କୌଣସି ଜିନିଷ ବ୍ୟତୀତ ଅନ୍ୟ କୌଣସି ବସ୍ତୁ, ପଦାର୍ଥ ଉପରେ ତାର କୌଣସି ଆଗ୍ରହ କିମ୍ବା ଜ୍ଞାନ ନଥାଏ । ତେଣୁ କୌଣସି ଖ୍ୟାଦ୍ୟ ବ୍ୟତୀତ ଅନ୍ୟ ଯାହା ତା ହାତରେ ପଡିଲେ ସେଗୁଡିକୁ କେବଳ ଏକ ଖେଳନା ଭଳି ବ୍ୟବହାର କରିବା ଛଡା ଆଉ କିଛି ଜାଣେ ନାହିଁ ସିଏ । ତା ନିଜ ବ୍ୟତୀତ ଆଉ କାହାର ଭଲ ଚିନ୍ତା କରିବା ମାଙ୍କଡ଼ ପାଇଁ ଏକ ସ୍ୱପ୍ନ, ହାସ୍ୟାସ୍ପଦ ବିଷୟ । ମଣିଷ ଶାଳଗ୍ରାମକୁ ଭଗବାନ ବୋଲି ପୂଜା କରୁଥିବା ବେଳେ ତାହା ମାଙ୍କଡ଼ ପାଇଁ ଗୋଟିଏ ପଥର ବ୍ୟତୀତ ଆଉ କିଛି ନୁହେଁ । ତେଣୁ ସେ ତାର ମହତ୍ୱ ତ ଦୂର ତା ବିଷୟରେ କୌଣସି କଥା ଭାବିବା ମଧ୍ୟ ତା ପାଇଁ ଏକ ବିଡମ୍ବନାର ବିଷୟ ।

ଠିକ୍ ସେହିଭଳି ଆମ ସମାଜରେ ରହିଛନ୍ତି କେତେକ ଅଜ୍ଞାନ ଧୂର୍ତ୍ତ ଯାହାଙ୍କୁ ଆମେ ରାଜନେତା ବୋଲି କହିଥାଉ । ସାମୁହିକ ସ୍ୱାର୍ଥରେ କାର୍ଯ୍ୟ କରି ଦେଶକୁ ଶାସନ କରିବା ପାଇଁ ଆମେ କିଛି ମଣିଷଙ୍କୁ ବାଛିଥାଉ । ସେମାନଙ୍କ ହାତରେ ଦେଶର ଶାସନ ଭାର ଟେକିଦେଇ ଆମେ ନିରବ ଯେ ସେମାନେ ଯାହା କରିବେ ଆମେ ସମସ୍ତେ ସେଇଥିରେ ରାଜି । ଯେଉଁମାନଙ୍କୁ ଦେଶର ଶାସନ ଭାର ଟେକିଦେବା ପାଇଁ ଚୟନ କରାଯାଇଥାଏ ସେମାନଙ୍କୁ ସାଧାରଣ ଲୋକଙ୍କ ସମର୍ଥନରେ ବଛାଯାଇଥାଏ । ବିଡମ୍ବନାର ବିଷୟ ଏହାକି ଯେ ସେମାନଙ୍କୁ ଚୟନ କରୁଥିବା ୮୦ ଭାଗରୁ ଅଧିକ ଲୋକ ନିଜର ନେତା ବା ମୁଖିଆଙ୍କ ବିଷୟରେ ସାମାନ୍ୟ ଜ୍ଞାନ ମଧ୍ୟ ପାଇନଥା'ନ୍ତି । କେବଳ କୁହେଳିକା, ପ୍ରହେଳିକା ଏବଂ ସ୍ୱଳ୍ପ କ୍ଷଣ ସ୍ୱାର୍ଥର ପ୍ରକୋପ, ପ୍ରଭାବରେ ସେମାନେ ନିଜର ସମର୍ଥନ ସାବ୍ୟସ୍ତ କରିଥା'ନ୍ତି । ଆଉ ଯେଉଁମାନେ ବଛାଯାଉଥିବା ନେତାଙ୍କ ବିଷୟରେ ସାମାନ୍ୟତମ ଜ୍ଞାନ ରଖିଥା'ନ୍ତି, ସେମାନେ ନିଜର ମତଦାନ କରିବା ପାଇଁ ଯାଆନ୍ତି ନାହିଁ । ତାହାର ସୁଯୋଗରେ କିମ୍ଭୂତ କିମ୍ବାକାର ମଣିଷ ଗୁଡିଏ ଯାହାଙ୍କ କୌଣସି ମାନବିକ, ନୈତିକ, ସାମାଜିକ ମୂଲ୍ୟବୋଧ କିମ୍ବା ଜ୍ଞାନ ନଥାଏ ସେମାନେ ହୁଅନ୍ତି ଆମର ଶାସକ !

ସେମାନେ ଶାସନ କ୍ଷମତାକୁ ଏକ ଖେଳଘର ଭଳି ବ୍ୟବହାର କରିଥା'ନ୍ତି ଯେମିତି ମାଙ୍କଡ଼ ଖେଳୁଥାଏ ଶାଳଗ୍ରାମ ସହିତ । ସେମାନଙ୍କ ଖେଳ ହୋଇଯାଇ ଥାଏ ସର୍ବସାଧାରଣ ଲୋକଙ୍କ ପାଇଁ କାଳ ! ତାହାପୁଣି ପାଞ୍ଚ ବର୍ଷ ପର୍ଯ୍ୟନ୍ତ ! ଅଦ୍ଭୁତ ସମ୍ବିଧାନ ଆମର ତାହାର ତୁଳନା ନାହିଁ ଯିଏ କ୍ଷମତାଧାରୀଙ୍କ ବିରୁଦ୍ଧରେ କିଛି କରିପାରେ ନାହିଁ । କେବଳ ନିରୀହ, ନିର୍ବୋଧଙ୍କୁ ଦଣ୍ଡ ବିଧାନ କରିବା ପାଇଁ ପ୍ରଯୁଜ୍ୟ ଭାରତୀୟ ସମ୍ବିଧାନ ଯେ କେମିତିକା ଗଣତାନ୍ତ୍ରିକ ସମ୍ବିଧାନ ସେକଥା ହୁଏତ କାହାକୁ ଅଗୋଚର ନୁହେଁ । ପାଞ୍ଚବର୍ଷ ମଧ୍ୟରେ ଖେଳ ଖେଳରେ ସେମାନେ ହୋଇଯା'ନ୍ତି କୋଟି କୋଟି ଟଙ୍କାର ମାଲିକ । ଆଉ ତା ପରେ ସେମାନେ କୁଆଡେ ସମାଜର ଜଣେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଯାହାଙ୍କୁ ଦିଆଯାଇ ଥାଏ ଦେଶର ସର୍ବୋଚ୍ଚ ସମ୍ମାନ ସମୂହ ଭାରତ ରତ୍ନ, ଭାରତ ପଦ୍ମ ବିଭୂଷଣ ଇତ୍ୟାଦି । ସାଧାରଣ ଲୋକେ ସେମାନଙ୍କୁ ସମାଜର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଭାବେ କେବଳ ପରିଗଣିତ କରନ୍ତି ନାହିଁ ବରଂ ସଭା ସମିତିରେ ସେମାନଙ୍କୁ ଡାକି ପ୍ରେରଣା ନେଇଥା'ନ୍ତି ସତେ ଯେମିତି ସେମାନେ ଜଣେ ଜଣେ ପ୍ରଭୁତୁଲ୍ୟ ଜ୍ଞାନୀ ବ୍ୟକ୍ତି । କି ଆଶ୍ଚର୍ଯ୍ୟଜନକ ଭାବନା ଆମର ଯେ ଏହାର ଆଉ ପରିବର୍ତ୍ତନ ? ! ହା ହା ହା ...

ସମାଜର ସବୁଠାରୁ ନ୍ୟୁନତମ କଦର୍ଯ୍ୟ ମାନସିକତା ବିଶିଷ୍ଟ ଅଜ୍ଞାନ ବ୍ୟକ୍ତିଙ୍କୁ କରାଯାଇ ଥାଏ ଆମର ଶାସକ । ସେମାନେ କୌଣସି କାର୍ଯ୍ୟ କରିବାରେ ଯାହା ଜ୍ଞାନ ରଖିଥା'ନ୍ତି ନକହିବା ଭଲ । ତଥାପି ନିର୍ବୋଧ ବାରମ୍ବାର ସେମାନଙ୍କୁ ହିଁ ନିର୍ବାଚିତ କରି ପଠାଇଥା'ନ୍ତି ଶାସନ କ୍ଷମତାକୁ । ତାହାର ମୁଖ୍ୟ କାରଣ ହେଲା ଯେ ସାଧାରଣ ନିର୍ବୋଧ ମଣିଷ ଗୁଡିକ ମଧ୍ୟ ଏତେ କର୍ମ କୁଡ଼ିଆ ଆଉ ଅଜ୍ଞାନ ଯେ ସେମାନେ କୌଣସି କଥାକୁ ବୁଝି ପାରନ୍ତି ନାହିଁ କି ଜାଣି ପାରନ୍ତି ନାହିଁ । କେବଳ କୁହେଳିକା, ପ୍ରହେଳିକାର ପ୍ରଭାବ ପ୍ରକୋପରେ ନିଜକୁ ଯାହା ଭଲ ଲାଗେ ସେଇଆ କରନ୍ତି । ବାସ୍ତବ ଅବାସ୍ତବ, ସତ୍ୟ ମିଥ୍ୟାର କୌଣସି ସମୀକ୍ଷା ଜ୍ଞାନ ନାହିଁ କାହାରି ପାଖରେ କହିଲେ ଅତ୍ୟୁକ୍ତି ହେବନାହିଁ । ଅଧିକନ୍ତୁ ନିଜର ସମସ୍ତ ରୋଜଗାରକୁ ଟେକି ଦିଅନ୍ତି ସେମାନଙ୍କ ହାତରେ ଯାହା ଦ୍ୱାରା ସମାଜ ଦିନକୁ ଦିନ ନିମ୍ନମୁଖୀ ହେବା ସହିତ ସାଧାରଣ ଲୋକଙ୍କ ଜୀବନ ବିପନ୍ନ ଅବସ୍ଥାକୁ ଅଗ୍ରସର ହେଉଛି । ଆଦୌ ସଚେତନତା ନାହିଁ ଏହି ସବୁ ବିଷୟରେ ଆମ ସମାଜରେ । ତଥାପି ଆମେ ବିଶ୍ୱ ଗୁରୁ ଭଳି ଏକ ମିଥ୍ୟା ଅବାନ୍ତର ଯୁକ୍ତିକୁ ବାଢିଥାଉ ଯାହା ଆମ ଘର ଭିତରେ ଚର୍ଚ୍ଚିତ ହେବା ବ୍ୟତୀତ ଅନ୍ୟାନ୍ୟ ଦେଶ ଗୁଡିକରେ ଆମର ସମ୍ମାନ ମାଟି ତଳେ ।

ଗଛ ଆମର, ପରିଶ୍ରମ ଆମର । ତାହାର ଫଳ ମଧ୍ୟ ଆମର । କି'ନ୍ତୁ ବର୍ଷ ବର୍ଷର ପରିଶ୍ରମର ଫଳକୁ କେବଳ ତୋଳିବା ପାଇଁ ଆଳସ୍ୟ କାରଣରୁ ଗଛ ଉପରେ ରହି ସେହି ଫଳକୁ ଖାଇ ତାର ଅଇଁଠା ଟିକିଏ ତଳକୁ ଫିଙ୍ଗିଦେବା ଫଳକୁ ଖାଇ ଆମେ ସନ୍ତୁଷ୍ଟ ? ! ସେହି ଭଳି ଆମର ଅର୍ଥକୁ ଆତ୍ମସାତ କରି ବିଳାସ ବ୍ୟସନରେ ରହି ତାଙ୍କରି ଅଇଁଠା ଟିକିଏ ପାଇଁ ଆମେ □ହିଁ ରହିଥାଉ ପାଞ୍ଚ ବର୍ଷ । ଆଉ ଟିକିଏ ଅଇଁଠା ମିଳିଗଲେ ସତେ ଯେମିତି ଶବରୀର ଅଇଁଠା ଖାଇ ରାମଚନ୍ଦ୍ର ତାକୁ ଧନ୍ୟ କରିଦେବା ଭଳି ଆମେ ମଧ୍ୟ ଧନ୍ୟ କରିଦେଉ ସେମାନଙ୍କୁ ପାଞ୍ଚ ବର୍ଷକୁ ଥରେ । କି ବିଚିତ୍ର ମାନସିକତା ଆମର ?! ତା ପାଇଁ ସେମାନଙ୍କୁ ଦାୟୀ କରାଯାଇ ପାରିବ ନାହିଁ, କିନ୍ତୁ ପରୋକ୍ଷରେ ସେମାନେ ହିଁ ଦାୟୀ ଯେତିକି ପ୍ରତ୍ୟେକ୍ଷରେ ସମ୍ପୂର୍ଣ୍ଣ ଦାୟୀ କେବଳ ଜନସାଧାରଣ ।

ଅଖଣ୍ଡ କ୍ଷମତାଧାରୀ ଶାସକ ଯୁକ୍ତ ବ୍ୟବସ୍ଥା କେବେହେଲେ ଗଣତନ୍ତ୍ର ହୋଇପାରିବ ନାହିଁ, ଯାହା ଆମ ଦେଶରେ ପ୍ରଚଳିତ । ସେହି ରାଜକୀୟ ଅଖଣ୍ଡ କ୍ଷମତାଧାରୀ ବ୍ୟବସ୍ଥାକୁ ପ୍ରଥମେ ପରିବର୍ତ୍ତନ କରାନଗଲେ ଯେ ଆମେ କେବେହେଲେ ଗଣତାନ୍ତ୍ରିକ ଶାସିତ ହୋଇ ପରିବା ନାହିଁ ଏହା ସର୍ବାଦୌ ଆଜିର ଆହ୍ୱାନ ! ଆମେରିକା, ଇଂଲଣ୍ଡ ଭଳି ବିଭିନ୍ନ ଉନ୍ନତ ରାଷ୍ଟ୍ର ଗୁଡିକରେ ଏମିତି ସମ୍ବିଧାନ ନାହିଁ ଯାହା ଆମ ଦେଶରେ ପ୍ରଚଳିତ । ଆମ ଦେଶର ସମ୍ବିଧାନ କେବଳ ଦୁଇଟି ଶବ୍ଦର ଗୋଟିଏ ଧାଡିରେ ସମାପ୍ତ ହୋଇଥାଏ ଯେଉଁଥିରେ କୋଟି କୋଟି ଲୁକାୟିତ ଆଇନ ରହିଛି ଯାହା କେବଳ ସାଧାରଣ ନିରୀହ ନିର୍ବୋଧ କିମ୍ବା ସଚ୍ଚୋଟ ଲୋକଙ୍କୁ ଦଣ୍ଡିତ କରିପାରେ । ତାଛଡା କୌଣସି କ୍ଷମତାଧାରୀଙ୍କ ପାଇଁ ଆମ ସମ୍ବିଧାନରେ ଯେଉଁ ଆଇନ ଅଛି ତାହା କେବଳ ସେମାନଙ୍କ ସୁରକ୍ଷା ପାଇଁ ବ୍ୟତୀତ ଦଣ୍ଡ ବିଧାନରେ ଆଦୌ ସହାୟକ ହୋଇନଥାଏ । ତେଣୁ ସାଧାରଣ ଜନତା ଆଜି ନିଷ୍ପେସିତ, ପ୍ରତାରିତ । ସାଧାରଣ ଲୋକଟିଏ ଚାହିଁଲେ ଜଣେ ଅସାମାଜିକ, ଅନୈତିକ କ୍ଷମତାଧାରୀଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିପାରିବ ନାହିଁ । କି'ନ୍ତୁ ଜଣେ କ୍ଷମତାଧାରୀ ସାଧାରଣ ଲୋକଙ୍କୁ ସହଜରେ ତଳିତଳାନ୍ତ କରି ଦେଇ ପାରିବ । ଏହିଭଳି ଏକ ସମ୍ବିଧାନର ପରିବର୍ତ୍ତନ ନହେବା ପର୍ଯ୍ୟନ୍ତ ଆମ ଦେଶ କେବେ ହେଲେ ବିକଶିତ ଦେଶର ମାନ୍ୟତା ପାଇବା ଅସମ୍ଭବ ।

ସେମାନଙ୍କ ମିଥ୍ୟା କୁହେଳିକା ପ୍ରହେଳିକାରେ ବିଭୋର ନିମଗ୍ନ ନିର୍ବୋଧ ଆମ ଯେ ବୁଝିନାହୁଁ ପ୍ରକୃତରେ ଗଣତନ୍ତ୍ର କ'ଣ । କେବଳ ତୁଣ୍ଡ ବଇଦାରେ ଆମେ ଏକ ଗଣତନ୍ତ୍ର ରାଷ୍ଟ୍ରର ନାଗରିକ ବୋଲି କହୁ । ଗଣତନ୍ତ୍ରର ପ୍ରକୃତ ଅର୍ଥକୁ ବୁଝି ନାହାନ୍ତି କେହି । ବରଂ କ୍ରୁର ରାଜତନ୍ତ୍ର ପଛରେ ରହିଥିବା ଅଖଣ୍ଡ ଗୁଣ୍ଡାରାଜ କାରଣରୁ ଭୟଭୀତ ହୋଇ ଅନେକ କଥାକୁ ବିଶ୍ୱାସକୁ ନେଇଥାଉ ଆମେ ଯାହା ସବୁ ସମ୍ପୂର୍ଣ୍ଣ ମିଥ୍ୟା । ସେହି ମିଥ୍ୟରୁ ନିଜକୁ କ୍ଷାନ୍ତ ରଖିବାକୁ ହେବ । ଅନ୍ୟଥା ବିକାଶର ସଜ୍ଞାକୁ ଆସନ୍ତା ୧୦୦ ବର୍ଷ ପର୍ଯ୍ୟନ୍ତ ମଧ୍ୟ ବୁଝିବାରେ ଅକ୍ଷମ ରହି କେବଳ ନିଷ୍ପେସିତ ପ୍ରତାରିତ ହୋଇ ରହିଥିବା ପିଢ଼ିକୁ ପିଢ଼ି ଯାହା ଆଜି ପର୍ଯ୍ୟନ୍ତ ଆମେ ଦେଖି ଆସୁଅଛେ । ସାଧାରଣ ମଣିଷ ପ୍ରଥମେ ଏଗୁଡ଼ିକୁ ବିଚାର କରିବାକୁ ହେବ ।

ଯେଉଁଆଡେ ଦେଖିବ ସ୍ୱାର୍ଥ ! କଥା କଥାରେ ସ୍ୱାର୍ଥ, ବ୍ୟବସାୟ ! କାହାର କାହାପ୍ରତି ଶ୍ରଦ୍ଧା ନରହିଲେ ମଧ୍ୟ କିଛି ଚଳିଥା'ନ୍ତା, କି'ନ୍ତୁ କ୍ରୋଧ, ଆକ୍ରୋଶ ଭାବ ଯେ ଆମକୁ ଦିନକୁ ଦିନ ତଳିତଳାନ୍ତ କରୁଛି ଏକଥା ବୁଝନ୍ତି ନାହିଁ କେହି । କି ସେମାନଙ୍କୁ ବୁଝାଇବା ପାଇଁ ନାହାନ୍ତି କେହି । ଯେଉଁମାନେ ଅଛନ୍ତି ସେମାନଙ୍କ କୌଣସି ସାମାଜିକ ମାନ୍ୟତା କିମ୍ବା ଗ୍ରହଣୀୟତା ନାହିଁ ଆଜି ସମୟରେ । ଏହିଭଳି ଏକ ପରିସ୍ଥିତି, ପରିବେଶରେ ଆମେ ଯେଉଁ ସବୁ ମିଛି ମିଛିକା ଉନ୍ନତିର ମାର୍ଗ ଗୁଡିକୁ ଦେଖୁଛେ ସେଗୁଡିକ କେବଳ ପାଣିରେ ଗାର ଭଳି । ସାଧାରଣ ନିର୍ବୋଧ ଜନସମୂହ ଏକତ୍ରିତ ହୋଇ ଏକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ନକଲେ ଆମେ ନଦେଖିଲେ ମଧ୍ୟ ଆଉ କିଛି ବର୍ଷ ପରେ ଯେ ଦେଶର ପରିସ୍ଥିତି ଭୟାବହ ହେବ ସେଇଥିରେ କୌଣସି ସନ୍ଦେହ ନାହିଁ । କାରଣ ଯାହା ସବୁ ମଣିଷକୁ ଆବଶ୍ୟକ ସେ ବିଷୟରେ କେହି କିଛି ଜାଣନ୍ତି ନାହିଁ କିମ୍ବା କେହି କୁହନ୍ତି ନାହିଁ । ଅନବାଶ୍ୟକ ବିଷୟକୁ ଆଲୋଚନା ଯୁକ୍ତି ତର୍କର କୌଣସି ମୂଲ୍ୟ ନାହିଁ ଯାହା ଆଜି ସର୍ବତ୍ର ପରିଲିକ୍ଷିତ । ଯାହାଙ୍କୁ ଆମେ ସମାଜର ଶିକ୍ଷିତ ଚତୁର ବୋଲି ଭାବୁଛେ ସେ ସମସ୍ତେ ସମ୍ପୂର୍ଣ୍ଣ ଅଜ୍ଞାନତାର ଚରମ ଶୀର୍ଷରେ । ସେମାନଙ୍କ କୁହେଳିକା, ପ୍ରହେଳିକାରେ ନିମଗ୍ନ ଯେ ସମାଜ ଏକ ଅନ୍ଧକାର ଗର୍ତ୍ତ ଅଭିମୁଖୀ ଏ କଥା ମଧ୍ୟ ଆଦୌ ବୁଝିନାହାନ୍ତି କେହି ।

ସଚେତନତା ସୃଷ୍ଟି କରି ସମାଜକୁ ଆଲୋକ ଦେଖାଇବା ଆମ କର୍ତ୍ତବ୍ୟ ବୋଲି ବିଚାରି ଏସବୁ ବର୍ଣ୍ଣନା କରିବାରେ କାହାର ଗ୍ରହଣୀୟତା ଉପରେ ଆମର ବିଶେଷ ଆଲୋକପାତ ନାହିଁ । କାରଣ ସତ୍ୟ ପ୍ରକଟ କଲେ ଯେ ଆଜି ସମୟରେ ଶତ୍ରୁ ସୃଷ୍ଟି ହୋଇଥା'ନ୍ତି ଏ କଥା କାହାକୁ କହିବା ଆବଶ୍ୟକ ନୁହେଁ । ତାହା ସମସ୍ତେ ଜାଣନ୍ତି । ତେଣୁ ଆମ କଥାର ବିଷୟକୁ ଚେତନାକୁ ନେଇ କିଛି ବିଚାରଭାବ ସୃଷ୍ଟି ହେଉଥବା ଲୋକେ ଆମ ସହିତ ଯୋଡି ହୋଇ ଅଧିକ ଜାଣିବାକୁ ଆଗ୍ରହୀ ହେଲେ ଆମ ଦ୍ୱାର ସବୁବେଳେ ଖୋଲା । କାହାକୁ ଯଦି ଅପ୍ରିୟ ସତ୍ୟ ଗୁଡିକ ଭଲ ନଲାଗୁଛି ତାହାଲେ ଆମର କୌଣସି ଶଙ୍କା କିମ୍ବା ଦୁଃଖ ନାହିଁ । ଆସନ୍ତୁ ସତ୍ୟର ଅନୁସନ୍ଧାନ କରି ଆମେ କ'ଣ କରୁଛେ ଏବଂ ଆମକୁ କ'ଣ କରିବା କଥା ସେଗୁଡିକୁ ସମୀକ୍ଷା କରି ଏକ ସୁନ୍ଦର ମଣିଷ ସମାଜ ସୃଷ୍ଟି କରିବା ବୋଲି ଆମର ଆହ୍ୱାନ । ଯଦି କାହାର ମଧ୍ୟ ବାସ୍ତବ ସତ୍ୟକୁ ଜାଣି ନିଜକୁ ତଥା ମଣିଷ ସମାଜକୁ ସୁଧାରିବା ଆଗ୍ରହ ନାହିଁ ତଥାପି ଆମେ ସତ୍ୟର ପ୍ରକଟ କରିଚାଲି ଥିବୁ । ପରିଣତି ଯାହା ହେବ ସମସ୍ତେ ଦେଖିବା....

ୟୁଟ୍ୟୁବ - ସାମାଜିକ ଜନମଂଚ (ଭାରତ)
ଛତ୍ରପୁର, ଗଂଜାମ- ୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.

# ଶାଶ୍ୱତ ପ୍ରେମର ଅମୃତ ଚେତନା

ନିରୂପମା ଭୂୟାଁ

ଆଜି ବିଶ୍ୱ ଭାଲେଣ୍ଟାଇନ ଡେ ତଥାକଥିତ ଭାବେ ବିଭିନ୍ନ ଭାବ, ବିଭିନ୍ନ ଢ଼ଙ୍ଗରେ ଅନୁଷ୍ଠିତ ହେଉଛି। ହେଲେ ଆମେ ସମସ୍ତେ ଭୁଲି ଯାଉଛେ ଯେ ବାସ୍ତବରେ ପ୍ରେମ କ'ଣ ? ପ୍ରେମ କେବଳ ଲିଭିଙ୍ଗ ଟୁଗେଦର ବାହାନା ବା ଦେହଭାବର ଭାବାର୍ଥ ନୁହେଁ। ଏହା ଅତ୍ୟନ୍ତ ପ୍ରାସଙ୍ଗିକ ଓ ମୂଲ୍ୟବୋଧଭିତ୍ତିକ ତଥା ଅନୁପ୍ରେରଣୀୟ। ଯେଉଁ ସାଧନା କରିଲେ ହୃଦୟରେ ପ୍ରେମ ଆସେ ତାହା ହିଁ କରିବା ଉଚିତ। ଆଉ ଯେଉଁଥିରେ କ୍ରୂରତା, କଠୋରତା, ହିଂସା ଆସେ ତାହା ଆପତତଃ ଲାଭଜନକ ହେଲେ ମଧ୍ୟ ତାହା ପାଖକୁ ଯିବାନାହିଁ। ଆମେମାନେ ଯଦି ଏପରି ଶକ୍ତି ଲାଭ କରିଥାଅ ଯାହାଦ୍ୱାରା ଚନ୍ଦ୍ର-ସୂର୍ଯ୍ୟ କକ୍ଷଚ୍ୟୁତ କରିପାରୁ, ପୃଥିବୀ ଭାଙ୍ଗି ଟୁକୁରା ଟୁକୁରା କରିପାରୁ ବା ସମସ୍ତଙ୍କୁ ଐଶ୍ୱର୍ଯ୍ୟଶାଳୀ କରି ଦେଇପାରୁ, କିନ୍ତୁ ଯଦି ହୃଦୟରେ ପ୍ରେମ ନଥାଏ, ତେବେ ଆମର କିଛି ବି ହୋଇନାହିଁ। ଯେ କେହି ପ୍ରେମ ପାଇଁ ଜୀବନ ଦାନ କରେ, ସେ ପ୍ରେମର ଜୀବନ ଲାଭ କରେ। ଯଦି ପ୍ରେମ ଥାଏ, ତେବେ ଅପରକୁ ମୋର ବୋଲି କୁହ କିନ୍ତୁ ସ୍ୱାର୍ଥ ରଖନାହିଁ। ଯିଏ ପ୍ରେମର ଅଧିକାରୀ, ନିଃସନ୍ଦେହ ଚିତ୍ତରେ ତାଙ୍କରି ଅନୁସରଣ କର, ମଙ୍ଗଳର ଅଧିକାରୀ ହେବ ହିଁ ହେବ। ପ୍ରେମକର, କିନ୍ତୁ ଆସକ୍ତ ହୁଅନାହିଁ, ଖୁବ୍ ଭଲପାଅ କିନ୍ତୁ ଦେହଘସା ହୁଅ ନାହିଁ। ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ-କାଞ୍ଚନ ପ୍ରତି ଆସକ୍ତିରୁ ଆସେ ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା' ହୋଇପଡ଼ନ୍ତି। ବିଷ ଅମୃତ ହୋଇଗଲା। ଆଉ ମା' କେବଳ ମା' - କାମିନୀ ନୁହେଁ। ପ୍ରତ୍ୟେକଙ୍କର ମା' ହିଁ ଜଗଜ୍ଜନନୀ। ପ୍ରତ୍ୟେକ ଝିଅ ହିଁ ନିଜ ମା'ର ବିଭିନ୍ନ ରୂପ, ଏହିପରି ଭାବିବାକୁ ହୁଏ। ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀ ଲୋକଙ୍କୁ ଛୁଇଁବା ଅନୁଚିତ - ଯେତେ ଦୂରେଇ ରହିପାର ସେତେ ଭଲ; ଏପରିକି ମୁଖ ଦର୍ଶନ ନକରିବା ଆହୁରି ଭଲ। ସୃଷ୍ଟିତତ୍ତ୍ୱ, ଗଣିତବିଦ୍ୟା ଓ ରସାୟନ ଶାସ୍ତ୍ର ଇତ୍ୟାଦିର ଆଲୋଚନାରେ କାମ-ରିପୁର ଦମନ ହୁଏ। ବିଷୟରେ ମନ ସଂଲଗ୍ନ ରହିବାକୁ ଆସକ୍ତି କହନ୍ତି, ଆଉ ସତ୍‌ରେ ସଂଲଗ୍ନ ରହିବାକୁ ଭକ୍ତି କହନ୍ତି। ପ୍ରେମ ଭକ୍ତିର ହିଁ କ୍ରମୋନ୍ନତି। ଭକ୍ତିର ଗାଢ଼ତ୍ୱ ହିଁ ପ୍ରେମ।

ପ୍ରେମ ଈଶ୍ୱରଙ୍କର ଏକ ନୈସର୍ଗିକ, ଚିର ଶାଶ୍ୱତ ଦାନ। ପ୍ରେମାସ୍ପଦଙ୍କ ପାଖରେ ପ୍ରେମିକ ତାର ସର୍ବସ୍ୱକୁ ଅଞ୍ଜଳି ଦେଇଦିଏ। ପ୍ରେମର କୌଣସି ପ୍ରତିଦାନ ନାହିଁ, ଏହା ନିସର୍ତ୍ତ। ଆଜିକାଲିର ବସ୍ତୁବାଦୀ, ଭୋଗବାଦ, ସଂସ୍କୃତି ମୂଲ୍ୟବୋଧ ବିହୀନ ସନ୍ଧୀକ୍ଷଣରେ ପହଞ୍ଚିଥିବାବେଳେ ଶରୀର ସର୍ବସ୍ୱ ପ୍ରେମକୁ ପ୍ରାଥମିକତା ଦିଆଯାଉଥିବାବେଳେ ନିଃସ୍ୱାର୍ଥ ଓ ଆତ୍ମ ସମର୍ପଣ ଭାବନାଯୁକ୍ତ ପ୍ରେମ କେବଳ ହିଁ ଅଚିନ୍ତନୀୟ ଓ ନିଜ ଗୁରୁ ବା ଇଷ୍ଟଙ୍କ ପ୍ରତି ଶ୍ରେଷ୍ଠ ସମର୍ପଣ। ଦ୍ୱାପରରେ ଶ୍ରୀରାଧାଙ୍କ କୃଷ୍ଣଭକ୍ତି ଓ ସମର୍ପଣର ଯେଉଁ ଶାଶ୍ୱତତା ତାହା ତ୍ରେତୟାରେ ପାଷାଣି ଅହଲ୍ୟାର ଚିରପ୍ରତିକ୍ଷୀତ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ପ୍ରତି ଯେଉଁ ଭାବନାଯୁକ୍ତ ଥିଲା ତାହାକୁ ଭାବିଲେ ଆଜିର ସମୟରେ ଏହା ନିଶ୍ଚିନ୍ତ ଭାବରେ ଅଚିନ୍ତନୀୟ। ନିଜ ଆରାଧ୍ୟ ପ୍ରିୟ ପରମ ପୁରୁଷ ଇଷ୍ଟଙ୍କ ପ୍ରତି ସତ୍, ଚିତ୍, ଶାଶ୍ୱତ ଭାବନାର ସମର୍ପଣ ଦ୍ୱାରା ହିଁ ଈଶ୍ୱରପ୍ରାପ୍ତି ସମ୍ଭବ। ଆଜି ତଥାକଥିତ ପାଶ୍ଚାତ୍ୟ ସଂସ୍କୃତିର ଭାଲେଣ୍ଟାଇନ୍ ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟତା କ'ଣ ? ପ୍ରେମ କ'ଣ କେବଳ ଶାରିରୀକ, ଏହା କ'ଣ କେବଳ ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ନିବିଦ୍ଧ। ଗୁରୁ-ଶିଷ୍ୟ, ଇଷ୍ଟ-ଅନୁଗତ, ମାଲିକ-ନୌକର, ପିତା-ପୁତ୍ର, ସ୍ୱାମୀ-ସ୍ତ୍ରୀ, ଭାଇ-ଭଉଣୀ, ବନ୍ଧୁ-ବନ୍ଧୁ ଭିତରେ ମା'-ପୁତ୍ରଙ୍କ ପ୍ରେମ ଭାବି ଦେଖିଲେ ? ମା'ର ପ୍ରତିଟି ମୁହୂର୍ତ୍ତ ତା ବାତ୍ସଲ୍ୟପ୍ରେମ ପିଲାଙ୍କ ପାଇଁ ହିଁ ପ୍ରତି ନିୟତରେ ଅମୃତଭରା। ଆସନ୍ତୁ ଏପରି ଏକ ଦିନରେ ତଥାକଥିତ ଶାରିରୀକ ପ୍ରେମକୁ ଜଳାଞ୍ଜଳି ଦେଇ ବିଶ୍ୱ ପିତାଙ୍କ ଶାଶ୍ୱତ ପ୍ରେମକୁ ଆବାହନ କରିବା। ଏହା ଭିତରେ ନିମଜ୍ଜିତ ହୋଇ ତାଙ୍କୁ ପାଇବାର ଯେଉଁ ଅମୃତ ଚେତନା ତାହାକୁ ବିଶ୍ୱ କଲ୍ୟାଣ ପାଇଁ ସମର୍ପଣ କରିବା ଏହା ହିଁ ଆଜିର ଦିବସର ଅନୁଚିନ୍ତନ ହେଉ।

ସଭାନେତ୍ରୀ, ସାଇବାବା ଏସଏଚଜି, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୯୩୭୪୭୦୯୮୦

# ମହାକୁମ୍ଭ ଭିଡ଼କୁ ଭୟ କରୁଛନ୍ତି : ଏହା ଫୋବିୟା ନୁହେଁ ତ ?

ଡାକ୍ତର ସମ୍ରାଟ କର

ପ୍ରୟାଗରାଜର ମହାକୁମ୍ଭରେ ଏବେ ସମଗ୍ର ଭାରତବାସୀ ଏକ ପ୍ରକାର ନିଜକୁ କୁମ୍ଭ ମନସ୍କ କରୁଥିବାବେଳେ ମୋର ଜଣେ ପରିଚିତ ସମାଜସେବୀ ବନ୍ଧୁ ତ୍ରିନାଥ ବାବୁ ନିଜେ କୁମ୍ଭମେଳାକୁ ଯିବେ କିମ୍ବା ନାହିଁ ଏ ନେଇ ମାନସିକ ଭାବେ ଦୋଦୁଲ୍ୟମାନ ସ୍ଥିତିରେ ଥିବାବେଳେ ମୋତେ ସାକ୍ଷାତକରି କହିଲେ ସାର ବିଶ୍ୱର ସର୍ବବୃହତ୍ତ ଧାର୍ମିକ ମହୋତ୍ସବ ମହାକୁମ୍ଭର ସଙ୍ଗମରେ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଅନେକ ବଡ଼ ବଡ଼ ନେତା, ବିଦେଶୀ କୂଟନୀତିଜ୍ଞ, ସମାଜର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଏବଂ ଅନେକ ସେଲିବ୍ରେଟି ଯଥା ଅନୁପଖେର, ହେମାମାଳିନୀ, ସୋନୁ ସୁଦ୍ ପ୍ରମୁଖ ମହାକୁମ୍ଭରେ ପବିତ୍ର ସ୍ନାନ କରି ସାରିଲେଣି। ଅଥଚ ଏକ ସାକ୍ଷାତକାରରେ ହାସ୍ୟ ଅଭିନେତ୍ରୀ ଭାରତୀ ସିଂହ ମହାକୁମ୍ଭକୁ ଯିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ତାଙ୍କ କହିବା ଅନୁଯାୟୀ ତାଙ୍କର କୁମ୍ଭ ମେଳାକୁ ଯିବାକୁ ବହୁତ ଇଚ୍ଛା ଥିଲେ ମଧ୍ୟ ସେଠାରେ ଯେଉଁଭଳି ଶ୍ରଦ୍ଧାଳୁଙ୍କ ଅଭୂତପୂର୍ବ ସମାଗମ ଓ ଭିଡ଼ ଘଟୁଛି ତେଣୁ ସେଠାରେ କୌଣସି ଅଘଟଣ ଘଟିବାର ସମ୍ଭାବନା ରହିଛି। ସେ ଏହା ମଧ୍ୟ କହିଛନ୍ତି ଯେ, ଏତେ ଲୋକଙ୍କ ଭିଡ଼ ଭିତରେ ସେ ଚେତାଶୂନ୍ୟ ହୋଇଯାଇପାରନ୍ତି କିମ୍ବା ତାଙ୍କ ପୁଅ ଓ ସେ ଅଲଗା ହୋଇଯାଇ ପାରନ୍ତି। ମୁଁ ତ୍ରିନାଥ ବାବୁଙ୍କ ଠାରୁ ଏସବୁ ଶୁଣିବା ପରେ କହିଲି ପବିତ୍ର ସଙ୍ଗମ ନଗରୀରେ ଆରମ୍ଭ ହୋଇଛି ବିଶ୍ୱ ପ୍ରସିଦ୍ଧ ମହାକୁମ୍ଭ। ସକଳ ପାପରୁ ମୁକ୍ତି ପାଇଁ ଜୀବନରେ ସଫଳତା ଲାଭ ପାଇଁ ବିଶ୍ୱର ପ୍ରତ୍ୟେକ କୋଣରୁ ଶ୍ରଦ୍ଧାଳୁମାନେ ଏଠି ଏକାଠି ହେଉଛନ୍ତି। କୁମ୍ଭ କେବଳ ଏକ ଧାର୍ମିକ ଆୟୋଜନ ନୁହେଁ ଏହା ମଧ୍ୟ ଜଣଙ୍କର ମାନସିକ, ଆସ୍ଥା, ବିଶ୍ୱାସ ଓ ପରମ୍ପରାର ଅଦ୍ୱିତୀୟ ମିଳନ। ନିର୍ଦ୍ଦିଷ୍ଟ ତିଥିରେ ପବିତ୍ର ନଦୀରେ ବୁଡ଼ ପକାଇଲେ ପାପ ମୋଚନ ତଥା ପୁଣ୍ୟ ଅର୍ଜନ କରିବାର ବିଶ୍ୱାସ ରହିଛି। ଏଥିରେ ନକ୍ଷତ୍ର ବିଜ୍ଞାନ, ଆଧ୍ୟାତ୍ମିକତା ଓ ଭୂଗୋଳର ମିଳନ ହେବା ସହ ଆସ୍ଥା ଓ ବିଜ୍ଞାନ ମଧ୍ୟରେ କୌଣସି ଯେ ପାର୍ଥକ୍ୟ ନାହିଁ ବରଂ ଉଭୟ ମିଳିତ ଭାବେ ମାନବତାର ମାର୍ଗ ଦର୍ଶନ କରନ୍ତି ମହାକୁମ୍ଭମେଳା ଆମକୁ ଏହି ଶିକ୍ଷା ଦିଏ। ତେବେ ବାସ୍ତବରେ ଏହା ହେଉଛି କିଛି ଲୋକମାନଙ୍କର ମାନସିକ ଭାବନାର ଏକ ପ୍ରକାର ଭୟ। ମାତ୍ର ମାତ୍ରାଧିକ ହେଲେ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରେ। ତାକୁ ରୋଗ ବୋଲି କୁହାଯାଏ। ଓ ମାନସିକ ରୋଗ ଚିକିତ୍ସକଙ୍କୁ ଦେଖାଇ ଔଷଧ ଖାଇଲେ ଏ ରୋଗରୁ ଉପଶମ ମିଳିଥାଏ।

ଫୋବିୟା କ'ଣ : ଫୋବିୟା ହେଉଛି କୌଣସି ସ୍ଥାନ, ବସ୍ତୁ, କାର୍ଯ୍ୟ ଓ ପରିସ୍ଥିତି ପ୍ରତି ଅହେତୁକ ଭୟ। ଯେପରିକି କେତେକ ଲୋକ ଭିଡ଼ ଭିତରକୁ ଯିବାକୁ ଭୟ କରନ୍ତି, ଉଚ୍ଚ ସ୍ଥାନକୁ ଯିବାକୁ ଭୟ କରନ୍ତି, ଘରୁ ରାସ୍ତାକୁ ଯିବାକୁ ଭୟ କରନ୍ତି, କୌଣସି ଜୀବଜନ୍ତୁ କିଛି କ୍ଷତି କରିବ ନାହିଁ ଜାଣି ମଧ୍ୟ ତାକୁ ଭୟ କରନ୍ତି। ସେଥିଯୋଗୁଁ ସେମାନେ ସେହି ସ୍ଥାନ, ବସ୍ତୁ ବା କାର୍ଯ୍ୟଠାରୁ ଦୂରେଇ ରହିବାକୁ ଚାହାନ୍ତି। ପ୍ରାୟ ପ୍ରତ୍ୟେକ ଲୋକଙ୍କ ଠାରେ ଏକ ପ୍ରକାର ଭୟ ଅଳ୍ପ ଅଧିକେ ଥାଏ ମାତ୍ର ଯେତେବେଳେ ଅତ୍ୟଧିକ ହୋଇ ମାନସିକ ବ୍ୟଥା ଦିଏ ଏବଂ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରେ ସେତେବେଳେ ଏହା ଏକ ରୋଗ ବୋଲି ଧରାଯାଏ। ଅସ୍ୱାଭାବିକ ପରିସ୍ଥିତିର ଭୟାବହତାକୁ ସମ୍ଭାବନା କରି ଲୋକଟିର ମନରେ କଷ୍ଟ ହୋଇଥାଏ। ତେଣୁ ସେ ଏପରି ପରିସ୍ଥିତି ଠାରୁ ଦୂରେଇ ରହିବାକୁ ଚେଷ୍ଟା କରେ ଏବଂ ଏହାର ସାମନା କଲେ ଆତଙ୍କିତ ହୋଇଯାଏ।

ଆଗାରୋଫୋବିୟା : କୌଣସି ପରିସ୍ଥିତି ପ୍ରତି ଅସ୍ୱାଭାବିକ ଭୟକୁ ଆଗାରୋଫୋବିୟା ବୋଲି କୁହାଯାଏ। ସାଧାରଣତଃ ଏ ପ୍ରକାର ଫୋବିୟା ଲୋକମାନଙ୍କ ଠାରେ ଅଧିକ ଦେଖାଯାଏ। ପୁରୁଷମାନଙ୍କ ତୁଳନାରେ ସ୍ତ୍ରୀ ଲୋକମାନଙ୍କ ଠାରେ ଅଧିକ ହୋଇଥାଏ। ଏ ପ୍ରକାର ଫୋବିୟାରେ ମନୁଷ୍ୟ ଯେତେବେଳେ ନିଜ ପରିବାର ବା ଚିରାଚରିତ ପରିସ୍ଥିତିରୁ ଦୂରେଇଯାଏ ତାକୁ ଅହେତୁକ ଭୟ ଲାଗିଥାଏ। ଗୋଟିଏ ପରିସ୍ଥିତିରୁ ଆଉ ଗୋଟିଏ ପରିସ୍ଥିତିକୁ ଗଲେ ଲୋକଟି ହଠାତ୍ ବିଚଳିତ ହୋଇପଡ଼େ। ତାକୁ ସାହାଯ୍ୟ କରିବାକୁ କେହି ନଥାନ୍ତି। ସେହି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ତା'ର ସାହାସ ହୁଏ ନାହିଁ କି ସେ ଉପାୟ ପାଏ ନାହିଁ। ତେଣୁ ସେ ବିବ୍ରତ ହୋଇଯାଏ। ଉଦାହରଣ ସ୍ୱରୂପ ଘର ଠାରୁ ଦୂରରେ ଏକା ରହିବା, ଭିଡ଼ ଭିତରେ ରହିଯିବା, ଟ୍ରେନ, ବସ୍ ଆଦିରେ ଏକାକୀ ବୁଲିବା ଇତ୍ୟାଦି କାର୍ଯ୍ୟଗୁଡ଼ିକୁ ସେ ସମ୍ମୁଖୀନ ହୋଇପାରେ ନାହିଁ। ଧୀରେ ଧୀରେ ପରିସ୍ଥିତି ଅଧିକ ଜଟିଳ ହୋଇଥାଏ। ଲୋକଟିର ନିଜର ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହୁଏ। ସେ ବାହାରକୁ ନ ଯାଇ ଘର ଭିତରେ ରହିବାକୁ ଭଲ ପାଏ। କେବଳ ଜଣେ ଦି'ଜଣ ବିଶ୍ୱସ୍ତ ଲୋକଙ୍କ ସହିତ ଘର ଛାଡ଼ିଯାଏ।

ପ୍ରଭାବ : ଏହା ସାଧାରଣତଃ ସ୍ତ୍ରୀଲୋକମାନଙ୍କ ଠାରେ ଅଧିକ ଦେଖାଦେଇଥାଏ। ଏ ରୋଗ ପ୍ରାୟତଃ ୨୫-୩୫ ବର୍ଷ ବୟସରେ ହଠାତ୍ ଆରମ୍ଭ ହୋଇଥାଏ। ଧୀରେ ଧୀରେ ଏହା ଅତ୍ୟଧିକ ହୋଇଥାଏ ଏବଂ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧାପ୍ରାପ୍ତ ହୋଇଥାଏ।

କାରଣ : ଏହା ସେରୋଟୋନିନ୍, ଗାବା, ଆଡ୍ରେନାଲିନ୍, ଡୋପାମିନ ଆଦି ମସ୍ତିଷ୍କରେ ଥିବା ସ୍ନାୟୁରସର ବିଶୃଙ୍ଖଳତା ଯୋଗୁଁ ହୋଇଥାଏ। ଏକ ସୂତ୍ରରୁ ଜଣାପଡ଼ିଛି ଯେ ନିଜର ରକ୍ତ ସମ୍ପର୍କୀୟ ଲୋକମାନଙ୍କ ଠାରେ ଏ ରୋଗ ଥିଲେ ଅନ୍ୟମାନଙ୍କୁ ହେବାର ସମ୍ଭାବନା ଅଧିକ ଥାଏ। ତେଣୁ ଏହା ବଂଶଗତ ହୋଇପାରେ।

ଚିକିତ୍ସା : ଏହି ରୋଗର ଲକ୍ଷଣ ଦେଖାଦେଲେ ଶୀଘ୍ର ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ। ଏହି ରୋଗର ଚିକିତ୍ସା, ଔଷଧ ଓ ମନସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା କରାଯାଇଥାଏ। ଏହି ରୋଗରେ ମନରୁ ଅହେତୁକ ଭୟ ଦୂର କରିବା ପାଇଁ ଔଷଧ ଅତ୍ୟନ୍ତ ଉପଯୋଗ ହୋଇଥାଏ। ମନସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା ରୋଗୀ ମନରେ ଜନ୍ମିଥିବା ଅହେତୁକ ଭୟକୁ ବୁଝାସୁଝା ଦ୍ୱାରା କମ୍ କରାଯାଇଥାଏ। ଫଳରେ ରୋଗୀ ମନରୁ ଭୟ କମିଯାଏ। ଏହି ରୋଗ ଯଦିଓ କୌଣସି କାରଣରୁ ଜନ୍ମ ନେଇ ନଥାଏ ତଥାପି ଅନେକ କ୍ଷେତ୍ରରେ ପରିସ୍ଥିତିର ଅନୁଭୂତି ହିଁ ତାର ଭୟର କାରଣ ହୋଇଥାଏ। ଏହାକୁ ରୋଗ ବୋଲି ଭାବି ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଚିକିତ୍ସା କଲେ ଏହି ରୋଗରୁ ଉପଶମ ମିଳିଥାଏ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ଜୀବନ ପ୍ରେମ ହିଁ ଆନନ୍ଦ

ଅପର୍ଣ୍ଣା ନାୟକ

ପ୍ରେମ ଓ ଶାନ୍ତି ହିଁ ମନୁଷ୍ୟର ଜୀବନକୁ ସୁଖମୟ କରିଦିଏ । ଏହି ପ୍ରେମ ଓ ଶାନ୍ତି ପାଇଁ ଆମକୁ କେତେଗୁଡ଼ିଏ ଦିଗ ପ୍ରତି ଗୁରୁତ୍ୱ ଦେବାକୁ ହେବ । ସେହି ସରଳ ମାର୍ଗ ଗୁଡ଼ିକ ହେଉଛି ସବୁବେଳେ ମନେରଖନ୍ତୁ ଈଶ୍ୱରଙ୍କ ପ୍ରତି ଭକ୍ତିଭାବ ରଖିବା ସହ ନିଜକୁ ସବୁବେଳେ ଭାଗ୍ୟବାନ ମନେ କରିବା ଉଚିତ । ଏହାଦ୍ୱାରା ମନ ମଧ୍ୟରୁ ସବୁ ଗ୍ଲାନି ଦୂର ହୋଇଯାଏ । ଏହାସବୁ ଅସଫଳତାକୁ ଦୂର କରିବାରେ ସହାୟକ ହୋଇଥାଏ । ଆଜିର ଏହି ବ୍ୟସ୍ତବହୁଳ ଜୀବନରେ ନିଜ ପାଇଁ କିଛି ସମୟ ରଖିବା ଉଚିତ । ଶାନ୍ତ ଓ ନିରୋଳାରେ କିଛି ମୁହୂର୍ତ୍ତ ବ୍ୟକ୍ତିର ସୃଜନଶୀଳତାକୁ ବୃଦ୍ଧି କରିବା ସହ ଏକାଗ୍ରତା ବୃଦ୍ଧି କରିଥାଏ । କେବଳ ସେତିକି ନୁହେଁ ଏହାଦ୍ୱାରା ଜୀବନର ଗୁଣାତ୍ମକମାନ ବୃଦ୍ଧି ହୋଇଥାଏ । ବର୍ଷ ପରେ ବର୍ଷ ବିତି ଚାଲିଛି । ସମୟ ଚକ୍ରରେ ବ୍ୟକ୍ତିର ଜୀବନ ହେଉଛି ଏକ ଛୋଟ ଅଣୁ ପରି । ଏହା ସହ ଜୀବନ ହେଉଛି କ୍ଷଣସ୍ଥାୟୀ । ଏପରି ଭାବିବା ଦ୍ୱାରା ମନର ସଂକୀର୍ଣ୍ଣତା ଦୂର ହୋଇଯାଏ । ଫଳରେ ବ୍ୟକ୍ତି ପ୍ରତ୍ୟେକ ମୁହୂର୍ତ୍ତକୁ ଉପଭୋଗ କରିପାରେ । ମନରେ ସବୁବେଳେ ଦୟାଭାବ ରଖିବା ଉଚିତ ।

ଏହାସହ କୌଣସି ଆଶା ନରଖି ଅନ୍ୟର ସେବା କରିବା ଉଚିତ । ଏହା ଜୀବନରେ ଶାନ୍ତି ଓ ପ୍ରେମକୁ ବଢ଼ାଇବାରେ ସହାୟକ ହୋଇଥାଏ । ହସ ମନୁଷ୍ୟର ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୋଇଥାଏ । ପ୍ରତ୍ୟେକ ଦିନ ସକାଳେ ଦର୍ପଣରେ ନିଜକୁ ଏକ ଛୋଟ ହସ ଉପହାର ଦେଇ ଦିନରୁ ଶୁଭାରମ୍ଭ କରିବା ଉଚିତ । ଏହାସହ ପ୍ରତିଦିନ ଭେଟୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଏହି ଉପହାର ଦେବା ଉଚିତ । ଏହା ବ୍ୟକ୍ତିକୁ ଶାନ୍ତ କରିବାରେ ସହାୟକ ହୋଇଥାଏ । ଏହା ବ୍ୟକ୍ତିର ସହ ଆତ୍ମବିଶ୍ୱାସକୁ ମଧ୍ୟ ବଢ଼ାଇଥାଏ । ସେହିପରି ବ୍ୟକ୍ତି ମନର ଶାନ୍ତି ପାଇଁ ପ୍ରତିଦିନ ଧ୍ୟାନ ଅଭ୍ୟାସ କରିବା ଉଚିତ । ଏହାମନରେ ଗଭୀର ବିଶ୍ୱାସ ଆଣିବା ସହ ମନକୁ ଉପଯୁକ୍ତ ବିଶ୍ରାମ ପ୍ରଦାନ କରିଥାଏ । କେବଳ ସେତିକି ନୁହେଁ ସବୁବେଳେ ନିଜକୁ ଜଣେ ଛାତ୍ର ଭାବେ ମାନିବା ଉଚିତ । ଏହା ମନରୁ ଅହଂ ଭାବ ଦୂର କରିଥାଏ । ଛାତ୍ର ଭଳି ସବୁବେଳେ ଜିଜ୍ଞାସୁ ହେବା ଉଚିତ । କାରଣ ପ୍ରତ୍ୟେକ ବସ୍ତୁରୁ ବ୍ୟକ୍ତି କିଛି ନା କିଛି ଶିକ୍ଷା ଗ୍ରହଣ କରିଥାଏ । ଉପରୋକ୍ତ ଦିବ୍ୟ ଚିନ୍ତନର ମାର୍ଗ ଆମ ସମସ୍ତଙ୍କ ଜୀବନକୁ ଆଧ୍ୟାତ୍ମିକମୟ ଓ ଆନନ୍ଦରେ ଭରି ଦେବ ନିଶ୍ଚୟ ଏହି କାମନା କରିବା।

ମେନ ସାଗର ପାନ ରୋଡ଼, ନଂ-୩, ବାଲାଜୀ ଡିପାର୍ଟମେଣ୍ଟାଲ
ଷ୍ଟୋର, ନୂଆଦିଲ୍ଲୀ, ପିନ-୧୧୦୦୪୬



ମହାଭାରତ
# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ତ୍ରିଦିବସୀୟ ଓ୍ୱାର୍ଲ୍ଡ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ



ଯୋଡା (ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ଅନ୍ତର୍ଗତ କେନ୍ଦ୍ରୀୟ ଖେଳ ପଡିଆ ଠାରେ ପୁରୁଷୋତ୍ତମ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପକ୍ଷର ଓ୍ୱାର୍ଲ୍ଡ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି, ଶୁକ୍ରବାର, ଶନିବାର ରବିବାର ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ପ୍ରଥମ ଦିନରେ ଦିନ ଏଗାର ଟା ସମୟରୁ ଅଭ୍ୟାସ ମ୍ୟାଚ ଆରମ୍ଭ ହୋଇଥିବା ବେଳେ ଶନିବାର ପୂର୍ବାହ୍ନ ୭.୩୦ ସମୟରେ ଆନୁଷ୍ଠାନିକ ଭାବେ ଏହା ର ଉଦଘାଟନ ଉତ୍ସବ ରଖାଯାଇଛି। ଏହି ତ୍ରିଦିବସୀୟ ଟୁର୍ନାମେ□ ରେ ଶ୍ରୀ ସାହୁ ଙ୍କ ହୋଟେଲ, ଶିଳ୍ପ ଓ ଖଣି ପ୍ରଭୃତି ର କର୍ମଚାରୀ ଙ୍କ ମଧ୍ୟରେ ହେଉଥିବା ବେଳେ ତନ୍ମଧ୍ୟରୁ ମୋଟ ୮ ଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରି ନିଜ ନିଜ ର ଖେଳ ପ୍ରଦର୍ଶନ କରିବେ, ଏହା ସହିତ ଉଦଯାପନୀ ଦିବସ ତଥା ରବିବାର ଦିନ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ରହିଥିବା ବେଳେ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ନେଇ ସି ଆଇ ଏ ଏଲ୍ ର ଉପସଭାପତି ବିକାଶ ଭାନୁ ଦାସ ଗଣମାଧ୍ୟମ କୁ ସୂଚନା ପ୍ରଦାନ କରିଛନ୍ତି। ତେବେ ପ୍ରଥମ ଦିନରେ ପୁରୁଷୋତ୍ତମ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଅଧ୍ୟକ୍ଷ ଦୁଃଶାସନ ସାହୁ , ମୁଖ୍ୟ ପରିଚାଳକ ଶ୍ରୀନିବାସ ସାହୁ , ଯୋଡା ପୌରାଧ୍ୟକ୍ଷ ଜଗଦୀଶ ପ୍ରସାଦ ସାହୁ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରୁଥିଲେ।

## ଜୟ ଭାଲୁବୁଢା ଫୁଟବଲ ଟୁର୍ଣ୍ଣାମେଣ୍ଟ ସମ୍ପୂର୍ଣ୍ଣ ହୋଇ ଯାଇଛି

ଟିଟଲାଗଡ଼ (ମହାଭାରତ)ବଲାଙ୍ଗୀର ସଇଁନ୍ତଳା ବ୍ଲକ ଅନ୍ତର୍ଗତ କନ୍ଧକେଲ ଗାଁ ସାବୁନ ବୁରେଇ ଖେଳ ପଡିଆ ଠାରେ ଛଅଦିନ ଧରି ଚାଲିଥିବା ବେଳେ ଆଠଟି ଦଳ ଅଂଶଗ୍ରହଣ କରି ଥିବା ବେଳେ ଟିଟିଲାଗଡ ଦଳ ଓ ଘୁଚିପାଳି ଦଳ ମଧ୍ୟ ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇ ଥିବା ବେଳେ ଟିଟିଲାଗଡ ଦଳ ୦,,୧ ଗୋଲରେ ବିଜୟୀ ହୋଇ ସହ ଟ୍ରଫିସହ ପୁରସ୍କାର ରାସୀ ପ୍ରଦାନ କରାଯାଇଥିଲା।ଉକ୍ତ କାର୍ଯ୍ୟକ୍ରମ ରେ ପୂର୍ବତନ ଜଙ୍ଗଲ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ଙ୍କ ସୁପୁତ୍ର ତଥା ସମାଜ ସେବୀ ସିମ୍ ରନ୍ ସିଂ ଭୋଇ ମୂଖ୍ୟ ଆତିଥ୍ୟ ଗ୍ରହଣ କରିଥିବା ବେଳେ ଜିଲ୍ଲାପରିଷଦ ପ୍ରମୋଦ ଭୋଇ ସମ୍ମାନିତ ଅତିଥି ଓ ଯୁବ ସାମ୍ବାଦିକ ଶୁଶାନ୍ତ ମେହେର ,ପ୍ରମୋଦ ପଣ୍ଡା। ଟିକେଲାଲ ମେହେର, ଅଧିକାରୀ ପଧାନ ଆତିଥ୍ୟ କରିଥିଲେ ,ସଜ୍ଜନ କୁଦେଇ ,ଡୋଳାମଣି ବଗର୍ତ୍ତୀ, ରେବତୀ ରମଣବାଙ୍କ ଖେଳପରିଚାଳନା କରିଥିବାବେଳେ ଭୀମା ଧାରାବିବରଣୀପ୍ରଦାନକରିଥିଲେ।ଶୁରେଶ ବାରିକ, ବବୁଲୁ ଭୋଇ, ମହେଶ୍ୱର କଅଁର, ମୁକେଶ ଭୋଇ ଓ ଜୟ ଭାଲୁବୁଢା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ନୂତନ ପ୍ଲାଣ୍ଟ ପ୍ରତିଷ୍ଠା ନିମନ୍ତେ ଜନ ଶୁଣାଣୀ



କୋଇଡା (ମହାଭାରତ) : ସୁନ୍ଦରଗଡ଼ ଜିଲ୍ଲା କୋଇଡା ଖଣି ଅଞ୍ଚଳ ଡ଼େଙ୍ଗୁଳା ପଞ୍ଚାୟତର ତେନ୍ତୁଳିଡ଼ିହି ଗ୍ରାମରେ ମେସର୍ସ ପ୍ରୟାନ ଓଡିଶା ମେଟାଲିକ୍ସ ପ୍ରାଇଭେଟ ଲିମିଟେଡ଼ କମ୍ପାନୀ ବାର୍ଷିକ ୨୪ ଲକ୍ଷ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ନୂତନ ଲୌହ ପଥର ବେନିଫିସିଏସନ ପ୍ଲାଣ୍ଟ ପ୍ରତିଷ୍ଠା ନିମେନ୍ତେ ତେନ୍ତୁଳି ଡ଼ିହି ଗ୍ରାମର ପ୍ରାଥମିକ ବିଦ୍ୟାଳୟ ନିକଟସ୍ଥ ଖେଳ ପଡ଼ିଆରେ ସର୍ବ ସାଧାରଣ ଜନଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଓଡ଼ିଶା ଓ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ଏହି ସର୍ବ ସାଧାରଣ ଜନଶୁଣାଣୀକୁ ଆୟୋଜନ କରିଥିଲେ। ପ୍ଲାଣ୍ଟ ସ୍ଥାପନ ହେଲେ ପାରିପାର୍ଶିକ ଗ୍ରାମ ଗୁଡିକରେ ପଡୁଥିବା ପ୍ରଭାବକୁ କିଭଳି ନିୟନ୍ତ୍ରଣ କରାଯିବ ସେ ବିଷୟରେ କମ୍ପାନୀ ପକ୍ଷରୁ ସର୍ବ ସାଧାରଣଙ୍କ ସମ୍ମୁଖରେ ଆଲୋକ ପାତ କରି ଜନସାଧାରଣଙ୍କ ମତାମତ ଲୋଡ଼ିଥିଲେ। ଏହି ଜନାଶୁଣାଣୀରେ ୪୧ରୁ ଉର୍ଦ୍ଧ କମ୍ପାନୀ ସପକ୍ଷରେ ମତାମତ ଆସିଥିବାବେଳେ ତେନ୍ତୁଳିଡ଼ିହି ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ କମ୍ପାନୀ ଗ୍ରହଣ କରିବା, ଗ୍ରାମର ସ୍କୁଲରେ ମୁଣ୍ଡା ଓ ହୋ ଭାଷା ଜାଣିଥିବା ଶିକ୍ଷକ ନିଯୁକ୍ତି, ଗ୍ରାମକୁ ଆଲୋକୀକରଣ, ପକ୍କା ରାସ୍ତା, ହାଇମାକ୍ସ ଲାଇଟ, ସମସ୍ତ ଘରକୁ ପାଇଖାନା, ବିଶୁଦ୍ଧ ପାନୀୟ ଜଳ ନିମନ୍ତେ ବୋରୱେଲ, ବୃକ୍ଷ ରୋପଣ, ପରିବହନ ରାସ୍ତାରେ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ପାଣି ଛି□ନ, ଗ୍ରାମର ସମସ୍ତ ପରିବାରର ଦୁଇଦୁଇ ଜଣକୁ ନିଯୁକ୍ତି ଦେବା ସମେତ ପ୍ଲାଣ୍ଟ ଚାଲିବା ଦ୍ୱାରା ପ୍ଲାଣ୍ଟରୁ ବାହାରୁ ଥିବା ନାଳି ପାଣି ଯେଉଁଭଳି ନିକଟସ୍ଥ ଜମିକୁ ନ ଯାଏ ସେଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଦାବୀ କରିଥିଲେ।ଏହି ସଭାକୁ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝି ସଭାପତିତ୍ୱ କରୁଥିବାବେଳେ ରାଉରକେଲା ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ଅନୁପ ମଲ୍ଲିକ, ବଣାଇଁ ଉପ ଜିଲ୍ଲାପାଳ ଅକ୍ଷୟ ପିଲେ, କୋଇଡ଼ା ଭାରପ୍ରାପ୍ତ ତହସିଲଦାର ଆଶିଷ କୁମାର ରାଉତ, କୋଇଡ଼ା (ଖ) ଜିଲ୍ଲା ପରିଷଦ ଅଶୋକ କୁମାର ନାଏକ, ବିଜେପିର କୋଇଡ଼ା ମଣ୍ଡଳ ସଭାପତି ରାମ ଚନ୍ଦ୍ର ପଳେଇ, ଡ଼େଙ୍ଗୁଳା ସରପଞ୍ଚ ବାବୁଲି ମୁଣ୍ଡା, ବଣାଇଁର ପୂର୍ବତନ ବିଧାୟକ ଦନାର୍ଦ୍ଦନ ଦେହୁରୀ, ଭୀମସେନ ଚୌଧୁରୀ ଓ କୋଇଡ଼ା ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାରଙ୍କ ସମେତ ଜନସାଧାରଣ ଉପସ୍ଥିତ ଥିଲେ । ସୁରକ୍ଷାକୁ ଦୃଷ୍ଟିରେ ରଖି କୋଇଡା ପୋଲିସ ଉପସ୍ଥିତ ଥିବାବେଳେ କମ୍ପାନୀ ପକ୍ଷରୁ ଆର.ଆର. ନାୟକ, ଟଙ୍କଧର ବେହେରା ଉପସ୍ଥିତ ଥିଲେ।

# ମାନପୁରରୁ ବେଙ୍ଗପାଟିଆ ରାସ୍ତା ସାଜିଛି ଲୋକଙ୍କ ମରଣଯନ୍ତା

ଦାନଗଦୀ : (ମହାଭାରତ )ଦାନଗଦୀ ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ପଞ୍ଚାୟତର ବେଙ୍ଗପାଟିଆ ଗାଁ କୁ ଯିବା ପାଇଁ ରାସ୍ତାଟି ବହୁତ ଖାଲ ଖମାରେ ଭର୍ତ୍ତୀ ହୋଇ ମରଣଯନ୍ତା ପାଲଟିଛି, ମାନପୁର ଗାଁ ରୁ ବେଙ୍ଗପାଟିଆ ଗାଁକୁ ଯିଏ ଯାଉଛି ସେ ମନରେ ଆଶଙ୍କା ଭିତରେ ଭଗବାନଙ୍କୁ ଡାକି ରାସ୍ତା ପାର ହେଉଛି। ମାନପୁରରୁ ବେଙ୍ଗ ପାଟିଆକୁ ସଂଯୋଗ କରୁଥିବା ଅଙ୍କାବଙ୍କା ଅଣ ଓସାରିଆ ରାସ୍ତାଟି ସମ୍ପୂର୍ଣ ଭାଙ୍ଗିରୁଜି ବିପଦପୂର୍ଣ୍ଣ ଭାବରେ ପରିଣତ ହୋଇଛି। ଏହି ବିପ୍ରଯ୍ୟସ୍ତ ରାସ୍ତାଟି ଉପରେ ଦୈନିକ ମାନପୁର ଦେଇ କଳିଙ୍ଗନଗର କଳ କାରଖାନା, ଦାନଗଦି ଓ ଯାଜପୁର ରୋଡ଼ ବଜାର, ହାଟ, ମେଡିକାଲ, ବ୍ଲକ, ବ୍ୟାଙ୍କ, କଲେଜ, ବିଦ୍ୟାଳୟକୁ ଶତାଧିକ ଲୋକ ଯାତାୟାତ କରନ୍ତି, ପଚାଶ ବର୍ଷ ହେବ ଗଠିତ ହୋଇଥିବା ଏହି ପୁରାତନ ଗାଁ ଟିର ଲୋକ ସଂଖ୍ୟା ୧୧୦୦ ରୁ ଉର୍ଦ୍ଧ ହୋଇଥିବା ବେଳେ ଘର ସଂଖ୍ୟା ୩୦୦ ରୁ ଉର୍ଦ୍ଧ ହେବ, ଏହି ଗାଁର ଅଧିକାଂଶ ଲୋକ ଚାଷୀ ଚାଷ ଉପରେ ନିର୍ଭର କରିଥାନ୍ତି, ଏହି ବିପଦ ସଂକୁଳ ରାସ୍ତାରେ ଚାଷୀମାନେ କୁଇଣ୍ଟାଲ କୁଇଣ୍ଟାଲ ପନିପରିବା ମୋଟର ସାଇକେଲ ଓ ସାଇକେଲ, ଅଟୋରେ ବିକ୍ରି କରିବା ପାଇଁ ଦାନଗଦି ଓ ଯାଜପୁରରୋଡ଼ ବଜାରକୁ ଯାତାୟାତ କରନ୍ତି, ସନ୍ଧ୍ୟା ସମୟରେ ଅନ୍ଧାର ରେ ଏହି ରାସ୍ତା କଡ଼ରେ ଆଲୋକ ର ବ୍ୟବସ୍ଥା ନ ଥିବାରୁ ଏହି ବିପଦ ସଂକୁଳ ରାସ୍ତାରେ ଦୈନିକ ଛୋଟ ବଡ଼ ଦୁର୍ଘଟଣା ମାନ ଘଟୁଛି, ଆଉ ଏକ ଦୁଃଖର କଥା ଏହି ଗାଁ କୁ ଯିବା ଏହି ରାସ୍ତାରେ ଉପରେ ଏକ ପୋଲ ଅଛି, ଏହି ପୋଲଟି ଗଣ୍ଡାନାଳ ଉପରେ ହୋଇଛି, ପୋଲର ଦୁଇ ପାର୍ଶ୍ୱରେ କିଛି ବ୍ୟାରିକେଡ଼ ନାହିଁ, ପୋଲ ଦୁଇ ସାଇଡ ରାସ୍ତା ମଧ୍ୟ ବିପଦ ପୂର୍ଣ୍ଣ ଭାବରେ ପଡି ରହିଛି, ବିଗତ ବର୍ଷ ରେ ଯେଉଁ ଅଧାପନ୍ତରିଆ କଂକ୍ରିଟ ରାସ୍ତା ଓ ପୋଲ କାମ ହୋଇଛି ତାହା ସମ୍ପୂର୍ଣ ନିମ୍ନ ମାନର, ଠିକାଦାର ନିମ୍ନ ମାନର ପୋଲ ଓ ରାସ୍ତା କରି ଅର୍ଥ ଚଳୁ କରିଦେଇଥିବାରୁ ଅଳ୍ପ ଦିନରେ ରାସ୍ତା ଭାଙ୍ଗିରୁଜି ଯାଇଛି। ଦାନଗଦି ବ୍ଲକ ପାଖରେ ଓ ଶିଳ୍ପ ନଗରୀ ପାର୍ଶ୍ୱରେ ଯଦି ବେଙ୍ଗ ପାଟିଆ ଗାଁର ସାଧାରଣ ମୌଳିକ ସୁବିଧା ଏମିତି କି ଯାତାୟାତ ପାଇଁ ରାସ୍ତାଟିଏ ଠିକ ଭାବେ ନାହିଁ, ଦୀପ ତଳ ଅନ୍ଧାର ପରି ଆଉ କେତେ ଦିନ ଅବହେଳିତ ହୋଇ ରହିବେ ଏହି ଗ୍ରାମବାସୀ, ସାଇକେଲରେ ବିଦ୍ୟାଳୟକୁ ଆସୁଥିବା ପିଲାମାନଙ୍କର ଦୁର୍ଘଟଣା ହେଲେ ଦାୟୀ ହେବ କିଏ? ପ୍ରଶାସନ ଓ ନେତାଙ୍କର ଶୁଭ ଦୃଷ୍ଟି କେବେ ପଡୁଛି ଏହି ବିପଦପୂର୍ଣ୍ଣ ରାସ୍ତା ଉପରେ ତାହା ଦେଖିବାକୁ ବାକି ରହିଲା।

## ବୋଲେରୋ ସହ ଫରଚୁନର ମହାମୁହିଁ ଧକ୍କା ୨ଆହତ

ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସୁଆମ ଶାସନ ରାସ୍ତା ନିକଟରେ ଏକ ବୋଲେରୋ ସହ ଫରଚୁନର ଗାଡି ମହାମୁହିଁ ଧକ୍କା ହୋଇଛି। ଦୁଇ ଗାଡ଼ି ମଧ୍ୟରେ ବସିଥିବା ସମସ୍ତ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି।ସୂଚନା ରୁ ପ୍ରକାଶ ୪ଟା ସମୟରେ ଏକ ବୋଲେରୋ ପାଟଣା ବଜାର ଅଭିମୁଖେ ଯାଉଥିବା ବେଳେ ଫରଚୁନର ଗାଡି ଟି ତ୍ରୀର୍ଥଯାତ୍ରା ସାରି ସୁଆମ ଶାସନ କୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ଦୁଇ ଗାଡି ମୁହାଁମୁହିଁ ହୋଇଥିଲେ। ଫଳରେ ଗାଡ଼ିରେ ବସିଥିବା ଯାତ୍ରୀ ମାନେ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ଘଟଣା ସ୍ଥଳରେ ପାଟଣା ପୋଲିସ ପହଞ୍ଚି ଦୁଇ ଗାଡିକୁ ଜବତ କରି ଥାନା କୁ ଆଣି ତଦନ୍ତ ଜାରି ରଖିଛି।



## ପିତାମାତା ଆମ ପାଇଁ ଜୀବନ୍ତ ଦେବତା

ବେଗୁନିଆ,(ମହାଭାରତ) ବାପାମାଆ ସର୍ବଦା ପିଲାମାନଙ୍କର ମଙ୍ଗଳ ଚିନ୍ତା କରନ୍ତି । ଏହି ମହତ ଉଦ୍ଦେଶ୍ୟକୁ ନେଇ ସ୍ଥାନୀୟ ପୋଡ଼ାଡିହ ସ୍ଥିତ ଭାରତୀୟ ବିଦ୍ୟା ନିକେତନ ପରିସରରେ ପିତୃମାତୃ ପୂଜନ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ଉକ୍ତ ଦିବସରେ ସମ୍ପାଦକ ଶୁଭକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଶିକ୍ଷାବିତ୍ ରଙ୍କନିଧି ବଳିଆରସିଂହ, ମୁଖ୍ୟ ବକ୍ତା ସାହିତ୍ୟିକ ତଥା ଶିକ୍ଷକ ଅଖିଳେଶ ମହାପାତ୍ର, କୋଷାଧ୍ୟକ୍ଷ ସୁରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ସହିତ ପିତାମାତା



ହେଉଛନ୍ତି ମାର୍ଗଦର୍ଶକ ବୋଲି କହିଥିବା ବେଳେ ବାପା ମାଆ ହେଉଛନ୍ତି ପ୍ରତ୍ୟେକ ସନ୍ତାନର ମୁଣ୍ଡ ଉପରେ ଛାତ ସଦୃଶ । ତାଙ୍କ ଆଶୀର୍ବାଦ ବିନା ସମାଜରେ ଜଣେ ଭଲ ମଣିଷ ହୋଇ ଛିଡ଼ା ହେବା କଷ୍ଟକର ବୋଲି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ସାହିତ୍ୟିକ ତଥା ବାଙ୍କୋଇ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରଙ୍କନିଧି ବଳିଆରସିଂହ ବକ୍ତବ୍ୟ ରଖିଥିଲେ। କାର୍ଯକ୍ରମରେ ପ୍ରଧାନ ଅଚାର୍ଯ୍ୟା ସୁକାନ୍ତି ନାୟକ ସ୍ୱାଗତ ଭାଷଣ ଓ ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ ।ଗୁରୁମା ଜ୍ୟୋତ୍ସ୍ନାମୟୀ ଜେନା, ଗୀତାଞ୍ଜଳି ପ୍ରଧାନ, ଭାରତୀ ପ୍ରହରାଜ, ବିଷ୍ଣୁପ୍ରିୟା ତ୍ରିପାଠୀ, ସୁଜାତା ପାଣିଗ୍ରାହୀ, ସୁଜାତା ମହାନ୍ତି, ମୋନାଲିସା ପଟ୍ଟନାୟକ,ସୁଧଲତା ପାତ୍ର, ରୂପଶ୍ରୀ ବେହେରା ପ୍ରମୁଖ ଗୁରୁମା ମାନେ ସହଯୋଗ କରିଥିବା ବେଳେ କୁନି କୁନିପିଲାମାନେ 'ମା ମମତାମୟୀ ' ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସମସ୍ତ ଶିକ୍ଷାର୍ଥୀ ମାନେ ପିତାମାତାମାନଙ୍କୁ ପୂଜା କରିବାର ଅପୂର୍ବ ଦୃଶ୍ୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ଥିଲା । ବାପା ମାଆ ମାନେ ପିଲାମାନଙ୍କ ଭବିଷ୍ୟତ ଗଢ଼ିବା ଲକ୍ଷ୍ୟରେ ସେମାନଙ୍କର ଚରିତ୍ର ଗଠନ ପାଇଁ ଗୁରୁ ଦେଉ ନଥିବା ହେତୁ ପିଲା ମାନଙ୍କ ଗଠନ ସଠିକ୍ ଭାବେ ହୋଇ ପାରୁନାହିଁ, ତେଣୁ ଆମେ ଯେପରି ସେମାନଙ୍କୁ ଗଢ଼ିବା ସେମାନେ ସେହିପରି ହେବେ ବୋଲି ମୁଖ୍ୟ ବକ୍ତା ଶ୍ରୀଯୁକ୍ତ ମହାପାତ୍ର ମନ୍ତବ୍ୟ ରଖିଥିଲେ । ଶେଷରେ ଗୁରୁମା ଚିନ୍ମୟୀ ମହାପାତ୍ର ସମସ୍ତ ପିତାମାତା ଅଭିଭାବକ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକ କଲେ ମେଳି, ଛାତ୍ରଛାତ୍ରୀ ସଫେଇ କଲେ ଧୂଳି

ଅସ୍ତରଙ୍ଗ(ମହାଭାରତ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନରେ ଅନେକ ଶିକ୍ଷା କେନ୍ଦ୍ର ରୁ ଆସୁଛି ଭିନ୍ନ ଭିନ୍ନ ଦୃଶ୍ୟ, ଏକବିଂଶ ଶତାବ୍ଦୀ ରେ ଯେତେବେଳେ ସରକାର ଙ୍କ ପରିବତ୍ତିର୍ତନ ହୋଇଛି ସେହି ସମୟ ରେ ଶିକ୍ଷା ବ୍ୟବସ୍ଥା ଓ ପିଲା ମାନଙ୍କ ବିକାଶ ଦିଗରେ ରାଜ୍ୟ ହେଉ କି କେନ୍ଦ୍ର ସରକାର ସବୁବେଳେ ଚେଷ୍ଟା ଜାରି ରଖିଛନ୍ତି, କିନ୍ତୁ କେନ୍ଦ୍ରାପଟି ପଞ୍ଚାୟତ ରଘୁନାଥପୁର ପ୍ରାଥମିକ ବିଦ୍ୟାଳୟ ପରିସରରୁ ଆସିଛି ଏକ ବିଚିତ୍ର ଦୃଶ୍ୟ, ଏଠି ବିଦ୍ୟାଳୟ ପରିସରରେ ଶିକ୍ଷକ ଶିକ୍ଷୟତ୍ରୀ ମାନେ ବସି ମେଳି କରୁଥିବା ବେଳେ ବିଦ୍ୟାଳୟ ପରିସରରେ ଛୋଟ ଛୋଟ ଛାତ୍ର ଛାତ୍ରୀ ଙ୍କ ହାତରେ ଝାଡୁ ଧରାଇ ବିଦ୍ୟାଳୟ ର ଧୂଳି ସଫେଇ କରାଯାଉଛି। ଏହି ଦୃଶ୍ୟ କ୍ୟାମେରା ରେ କୟଦ ହେବା ପରେ କିଛି ଶିକ୍ଷକ ଘଟଣା ସ୍ଥଳରୁ ଉଠି ପଳାଇବା ସହ ଛାତ୍ର ଛାତ୍ରୀ ମାନଙ୍କୁ ପଳେଇଯିବା ପାଇଁ କହିଥିଲେ, ଶିକ୍ଷା ବ୍ୟବସ୍ଥା ପରିବର୍ତ୍ତନ ର ଏହା କଣ ସଠିକ ବ୍ୟବସ୍ଥା କି? ଆଜିର ସମସ୍ତ ବିଦ୍ୟାଳୟ କୁ ଆଧୁନିକକରଣ କରିବା ପାଇଁ ସମସ୍ତ ବନ୍ଦୋବସ୍ତ ହେଉଛି, ପିଲା ମାନେ ସ୍ୱତନ୍ତ୍ରତା ଭିତରେ ନିଜ ର ଶିକ୍ଷା ଓ ଶିକ୍ଷଣୀୟ ବ୍ୟବସ୍ଥା କୁ ଭିତ୍ତି କରି ଭବିଷ୍ୟତ ଗଢିବା ଆମ ସରକାର ଙ୍କର ଏକ ଉତ୍ତମ ଲକ୍ଷ ରହିଥିବା ବେଳେ ଏଠି ବାସ୍ତବ ରେ ପିଲା ମାନଙ୍କ ସହିତ କେଉଁ ଭଳି ବ୍ୟବହାର ପ୍ରଦର୍ଶନ କରାଯାଉଛି ତାହା ସମ୍ପୂର୍ଣ୍ଣ ଭାବେ ହୃଦୟବିଦାରକ, ବିଦ୍ୟାଳୟ ପରିସର ସଫେଇ ରଖିବା ପାଇଁ ସରକାର ଙ୍କ ତରଫରୁ ପିଅନ ମାନଙ୍କୁ ନିଯୁକ୍ତି ଦିଆଯାଇଛି କିନ୍ତୁ କାହିଁ ପିଅନ ଙ୍କ ସ୍ଥାନରେ ପିଲା ପୁଣି କୁନି କୁନି ଛାତ୍ରଛାତ୍ରୀ ଙ୍କୁ ଏହି କାର୍ଯ୍ୟ ରେ



ଲଗାଇ। କେତେ ଯଥାର୍ଥ, ଆଜି କୀ ବୁଦ୍ଧିଜୀବୀ ଙ୍କ ମହଲ ରେ ଏହି ପ୍ରସ୍ତାବ ଉପରେ ଆଲୋଚନା ହେବାବେଳେ ବୁଦ୍ଧିଜୀବୀ ମହଲ ରେ ଏହି ଘଟଣା କୁ ତୀବ୍ର ନିନ୍ଦା କରାଯାଇଛି। ତାହେଲେ କେଉଁ ଉଦ୍ଧେଶ୍ୟ ରେ ଛାତ୍ରଛାତ୍ରୀ ମାନଙ୍କୁ ପାଠ, ଶିକ୍ଷା ନୀତି ବାହାରେ ଏହିଭଳି କାର୍ଯ୍ୟ ରେ ନିୟୋଜିତ କରାଯାଇଥିଲା ତାହା ବାସ୍ତବ ରେ ସାମାଜିକ ଦୃଷ୍ଟିକୋଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି, ଏହି ସଂକ୍ରାନ୍ତ ରେ ଆମେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଶତ୍ରୁଘ୍ନ ବେହେରା ଙ୍କ ମତାମତ ନେବା ପରେ ସେ ଏହି ଘଟଣା ଉପରେ ତଦନ୍ତ କରି ଆଗାମୀ ଦିନ ରେ ପଦକ୍ଷେପ ନେବେ ବୋଲି ଦର୍ଶାଇଛନ୍ତି, ଏବେ ଦେଖିବାକୁ ବାକି ରହିଲା ସରକାରୀ ଅଧିକାରୀ ଏହି ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି କି ଏହାକୁ ଘଣ୍ଟ ଘୋଡାଇ ବାକୁ ପ୍ରୟାସ କରୁଛନ୍ତି ।

## ବିଭିନ୍ନ ଦାବୀ ପୂରଣ ନେଇ ଡ଼ିଏଲଆର ସଙ୍ଘ ପକ୍ଷରୁ ପାରାଦୀପ ବନ୍ଦର ପ୍ରଶାସନକୁ ଦାବିପତ୍ର ପ୍ରଦାନ





ପାରାଦୀପ(ମହାଭାରତ): ପାରାଦୀପ ବନ୍ଦରର ସ୍ଥାୟୀ କର୍ମଚାରୀ ଙ୍କ ପରି ଡ଼ିଏଲଆର କର୍ମଚାରୀ ମାନଙ୍କୁ ଭିଡ଼ିଏ, ବୋନସ, ମେଡିକାଲ ସୁବିଧା ଏବଂ ଫିମେଲ କ୍ଲିନିଙ୍ଗ ଗ୍ୟାଙ୍ଗ ସ୍କିମ ରେ ଅନ୍ତର୍ଭୁକ୍ତ କରିବା ସହ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରାଇବା ନେଇ ଶୁକ୍ରବାର ଦିନ ଏକ ଦାବିପତ୍ର ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଙ୍କୁ ପ୍ରଦାନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ପାରାଦୀପ ପୋର୍ଟ ଡ଼ିଏଲଆର ଆଣ୍ଡ କଣ୍ଟ୍ରାକ୍ଟର ଓ୍ୱାର୍କମେନ ଆସୋସିଏସନ ର ସଭାପତି ପ୍ରକାଶ ତ୍ରିପାଠୀ ଙ୍କ ନେତୃତ୍ୱରେ ଶତାଧିକ ଡ଼ିଏଲଆର କର୍ମଚାରୀ ଏକାଠି ହୋଇ ଏକ ଶୋଭାଯାତ୍ରା ରେ ବନ୍ଦର ପ୍ରଶାସନିକ ପ୍ରବେଶ ଫାଟକ ନିକଟରେ ପହଞ୍ଚିଥିଲେ । ସେଠାରେ ଆୟୋଜିତ ଏକ ସଭାରେ ସଭାପତି ଶ୍ରୀ ତ୍ରିପାଠୀ ଙ୍କ ସମେତ ସଂଘର ସାଧାରଣ ସମ୍ପାଦକ ଅଭିମନ୍ୟୁ ବେହେରା,କାର୍ଯ୍ୟକାରୀ ସଭାପତି ପରେଶ ମୁର୍ମୁ, ଉପସଭାପତି ସୁବ୍ରତ ପ୍ରଧାନ ଓ ରତ୍ନାକର ଜେନା,ଉପଦେଷ୍ଟା ସର୍ବେଶ୍ୱର ବଳିୟାରସିଂହ ଓ ଶିଶିର କୁମାର ନାୟକ,ଡିଏଲଆର ସଂଘର ବରିଷ୍ଠ ସଦସ୍ୟ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ନରହରି ସ୍ୱାଇଁ, ଧନେଶ୍ୱର ସାହୁ, ସୁମନ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଡ଼ିଏଲଆର ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରି ଦାବୀ ପୂରଣ ନହେଲେ ତୀବ୍ର ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବା ଚେତାବନୀ ଦେଇଥିଲେ। ଏହାପରେ ସମସ୍ତ ନେତୃମଣ୍ଡଳୀ ବନ୍ଦର ପ୍ରଶାସନ ଭବନରେ ଦାବୀ ପତ୍ର ପ୍ରଦାନ ପୂର୍ବକ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ପାଇଁ ଅନୁରୋଧ କରିଥିଲେ ।

## ଏସବିଆଇ ଲିଡ୍ ବ୍ୟାଙ୍କ ଦ୍ୱାରା ଡିସିସି, ଡିଏଲଆରସି ଓ ଡିଏଲଆରଏସି ବୈଠକ

ସମ୍ବଲପୁର:(ମହାଭାରତ) ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ ) ଲିଡ୍ ବ୍ୟାଙ୍କ ଦ୍ୱାରା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଡିସିସି, ଡିଏଲଆରସି ଓ ଡିଏଲଆରଏସି ମିଟିଂ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସମ୍ବଲପୁର ଜିଲ୍ଲାପାଳ, ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର,(ଆଇ.ଏ.ଏସ.),ଜିଲ୍ଲା ଉନ୍ନୟନ ଅଧିକାରୀ ଶ୍ରୀ ପ୍ରସନ୍ନ କୁମାର ପାତ୍ର,ଡ଼ିଡ଼ିଏମ-ନାବାର୍ଡ-ଶ୍ରୀ ଦେବେନ୍ଦ୍ର କୁମାର ଦାଶ,ଏଲଡ଼ିଓ-ଆରବିଆଇ-ସେବାଶ୍ରୀ ସାହୁ,ଏଲଡ଼ିଏମ-ସମ୍ବଲପୁର-ଶ୍ରୀ ଦେବକିଶୋର ନାୟକ, ନିର୍ଦ୍ଦେଶକ-ଆରଏସଇଟିଆଇ-ଶ୍ରୀ ସୁବାଶ ଚନ୍ଦ୍ର ତ୍ରିପାଠୀ ଙ୍କ ସମେତ ପ୍ରମୁଖ ଅଧିକାରୀ ଓ ବ୍ୟାଙ୍କ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ଏହି ସଭା ରେ ସମ୍ବଲପୁର ଜିଲ୍ଲାର ବ୍ୟାଙ୍କ ଗୁଡିକର ଅଭିବୃଦ୍ଧି, ତ୍ରୈମାସିକ ଅଭିବୃଦ୍ଧି, କୃଷି ଏବଂ ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋ (ଏମଏସଏମଇ/ଏମ୍ଏସ୍ଏମ୍ଇ) ଗୁଡିକର ଅର୍ଥନୈତିକ କ୍ଷେତ୍ର ରେ ଉନ୍ନତି, ବ୍ୟାଙ୍କ ଗୁଡ଼ିକର ସୁରକ୍ଷା ବ୍ୟବସ୍ଥା, ୨୦୨୪ ସେପ୍ଟେମ୍ବର ଏବଂ ଡିସେମ୍ବର ଅବସ୍ଥିତ ବୈଠିକ ସମୀକ୍ଷା ବୈଠିକ ତଥ୍ୟ, ବ୍ୟାଙ୍କ ର କ୍ରେଡିଟ୍-ଡିପୋଜିଟ୍ ଅନୁପାତ, ପ୍ରାଥମିକ କ୍ଷେତ୍ର ଋଣ ର ବଣ୍ଟନ, ବାର୍ଷିକ ଋଣ ଯୋଜନାର ସଫଳତା, ସରକାର ଙ୍କ ଦ୍ୱାରା ପ୍ରଚଳିତ ଯୋଜନା ଗୁଡ଼ିକ (ଏନ୍ଆରଏଲଏମ୍, ଏନ୍ୟୁଆରଏଲଏମ୍), ଏବଂ ଗ୍ରାହକଙ୍କୁ ଉଚିତ ସୁବିଧା ଦେବା ବିଷୟରେ ଆଲୋଚନା ହୋଇଥିଲା।

## ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ପାଇଁ ସଚେତନତା ଶିବିର

କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଗଜାପଥର ଠାରେ ଜଙ୍ଗଲ କୁ ନିଆଁ ଦାଉରୁ ରକ୍ଷା ପାଇଁ ସଚେତନତା ସଭା ବନାଞ୍ଚଳ ଅଧିକାରୀ ରବିନ୍ଦ୍ର କୁମାର ମହାନ୍ତ ଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକ ଯୋଗଦେଇ ଥିଲାବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ମୁଖ୍ୟ ବକ୍ତା ଭାବେ ବାବା ଧିରେନ୍ଦ୍ର ଆଚାର୍ଯ୍ୟ, ସମାଜ ସେବୀ ହରିଶ୍ଚନ୍ଦ୍ର ହାଇବୁରୁ , ସମିତି ସଭ୍ୟା ଲିଲିମଣି ହିଙ୍ଗୁଳା, ଓ ଗଜାପଥର ବନ କମିଟି ସଭାପତି ନୀଳ ହାଇବୁରୁ ପ୍ରମୁଖ ଉପସ୍ଥିତ ରହି କିପରି ଜଙ୍ଗଲ କୁ ନିଆଁ ଦାଉରୁ ରକ୍ଷା କରିବା ସେ ବିଷୟରେ ଆଲୋଚନା କିଣିଥିଲେ୍ୟ ଏହି କାର୍ଯ୍ୟକ୍ରମ କୁ ସହଯୋଗ କରିଥିଲେ ଫରେଷ୍ଟ ଗିରିଜାନନ୍ଦନ ଦଳେଇ, ବିଜୟ କୁମାର ମହାନ୍ତ, ବିଶ୍ୱଜିତ ମହାନ୍ତ, ଚିତ୍ରମଣୀ ହୋ , ବନରକ୍ଷୀ ସନତ କୁମାର ମହାନ୍ତ ଓ ବନବିଭାଗ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ସଭାରେ ପରଦା ମାଧ୍ୟମ ରେ ଗାଁ ଲୋକଙ୍କୁ ପ୍ରଦର୍ଶିତ ହୋଇଥିଲା। ଏହି ସଭାକୁ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।

## ଏ ଟିଏମ ବନ୍ଦ ହୋଇ ପଡ଼ିଥିବାରୁ ,ଗ୍ରାହକ ହନ୍ତସନ୍ତ

ଯୋଡା,(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ସ୍ଥିତ ବନେଇ କଳା ଏନ୍ ଏ ସି ଗେଟ୍ ଛକ ଠାରେ ଥିବା ଦୁଇଟି ଏ ଟି ଏମ କାଉ□ର ବନ୍ଦ ପଡ଼ି ରହିଥିବାରୁ ଗ୍ରାହକ ହନ୍ତସନ୍ତ ହେଉଛନ୍ତି । ପୌର କାର୍ଯ୍ୟାଳୟ ସମ୍ମୁଖରେ ଏସ ବି ଆଇ ର ଗୋଟିଏ ଏ ଟି ଏମ ଓ ବ୍ଲକ କାର୍ଯ୍ୟାଳୟ ରାସ୍ତାରେ ଗୋଟିଏ ବ୍ୟାଙ୍କ୍ ଅଫ ଇଣ୍ଡିଆ ର ଏ ଟି ଏମ କାଉ□ର ରହିଥିଲା ।ବ୍ୟାଙ୍କ୍ ଅଫ ଇଣ୍ଡିଆ କାଉ□ର ଟିରେ ଗତ ଏକ ବର୍ଷ ରୁ ଉର୍ଦ୍ଧ୍ୱ ହେବ ଏ ଟି ଏମ ଲୁଟ ଘଟଣା ପରେ ଏହାକୁ ସମ୍ପୂର୍ଣ ଭାବେ ବନ୍ଦ କରି ଦିଆ ଯାଇଛି ।ସେହିପରି ଏକ ମାସ ରୁ ଉର୍ଦ୍ଧ୍ୱ ହେବ ପୌର କାର୍ଯ୍ୟାଳୟ ଠାରେ ଥିବା ଏ ଟି ଏମ କାଉ□ର ଟି ବନ୍ଦ ପଡ଼ିଛି ।ପ୍ରତିଦିନ ଟଙ୍କା ଉଠାଣ କରିବାକୁ ଆସୁଥିବା ଗ୍ରାହକ ମାନେ ବନ୍ଦ ପଡ଼ିଥିବାରୁ ଫେରି ଯାଉଥିବା ଦେଖିବାକୁ ମିଳିଛି ।ଯୋଡା ସହର ର ବନେଇ କଳା ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ,ଏଠାରେ ବ୍ଲକ ଅଫିସ,ଖଣି ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟ,ପୌର କାର୍ଯ୍ୟାଳୟ,ବିଦ୍ୟୁ କାର୍ଯ୍ୟାଳୟ,ମହିଳା ମହାବିଦ୍ୟାଳୟ,ସମ୍ୱନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ, ଆ ହାର କେନ୍ଦ୍ର ସମେତ ବହୁ ବେସରକାରୀ କାର୍ଯ୍ୟାଳୟ ରହିଛି ।ପ୍ରତିଦିନ ଯୋଡା ସହର ବାସୀ ଓ ବିଭିନ୍ନ ଗ୍ରାମାଞ୍ଚଳ ରୁ ଏଠାକୁ ଆସିଥାନ୍ତି ।ଏ ଟି ଏମ ବନ୍ଦ ଯୋଗୁଁ ଲୋକେ ପଇସା ଉଠାଇବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି ।ବ୍ୟାଙ୍କ କତୃପକ୍ଷ ତୁରନ୍ତ ଏଟି ଏମ ସେବା ଯୋଗାଇ ଦେବା ପାଇଁ ଜନ ସାଧାରଣ ଦାବି କରିଛନ୍ତି।

## ପାରାଦୀପ ବନ୍ଦର ଚିକିତ୍ସାଳୟ ପକ୍ଷରୁ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ



ପାରାଦୀପ (ମହାଭାରତ): କର୍କଟ ରୋଗ ବା କ୍ୟାନ୍ସର ଏବଂ ଏହାର ନିରାକରଣ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ପାରାଦୀପ ବନ୍ଦର ପ୍ରାଧିକରଣ ଚିକିତ୍ସାଳୟ ର ସମ୍ମିଳନୀ କକ୍ଷରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୁରୁଷ ଓ ମହିଳା ମାନଙ୍କ ସାଧାରଣ କର୍କଟ ରୋଗ, ପ୍ରତିଷେଧକ ଟୀକା ଗ୍ରହଣ ଇତ୍ୟାଦି ସମ୍ପର୍କରେ ସଚେତନ କରାଯାଇଥିଲା। କଟକ ର ଏଚସିଜି ପଣ୍ଡା କ୍ୟାନ୍ସର ହସ୍ପିଟାଲ ଓ ପାରାଦୀପ ବନ୍ଦର ଚିକିତ୍ସାଳୟ ମିଳିତ ସହଯୋଗରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ ମହିଳା ମାନଙ୍କୁ ସ୍ତନ ଓ ଗର୍ଭାଶୟ କର୍କଟ ରୋଗ ର କାରଣ ଏବଂ ଏହାର ଯଥାଶୀଘ୍ର ଚିହ୍ନଟ ଏବଂ ଚିକିତ୍ସା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ବନ୍ଦର ଚିକିତ୍ସାଳୟ ର ମୁଖ୍ୟ ଚିକିତ୍ସାଧିକାରୀ ଡା. ବି.ବି.ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏପରି ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ କୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ୨୦୩୦ ସୁଦ୍ଧା ଉଭୟ ଦେଶର ଦ୍ୱିପାକ୍ଷିକ ବାଣିଜ୍ୟିକ କାରବାରକୁ ୫୦୦ ବିଲିୟନ ଡଲାରକୁ ଉନ୍ନୀତ କରିବାକୁ ଲକ୍ଷ୍ୟ : ମୋଦୀ

ନୂଆଦିଲ୍ଲୀ, ୧୪।୨(ପିଆଇବି): ଭାରତ-ଆମେରିକା ମିଳିତ ପ୍ରେସ କନଫରେନ୍ସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦବୋଧନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭବ୍ୟ ସ୍ୱାଗତ ଓ ଆତିଥେୟତା ପ୍ରଦର୍ଶନ କରିଥିବାରୁ ସେ ସର୍ବପ୍ରଥମେ ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଥିଲେ । ଭାରତ ଓ ଆମେରିକାର ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୂତ କରିଥିବାରୁ ଟ୍ରମ୍ପଙ୍କ ନେତୃତ୍ୱକୁ ମୋଦୀ ଧନ୍ୟବାଦ ଜ୍ଞାପନ କରିଥିଲେ ।ପ୍ରଥମ ପାଳିରେ ଉଭୟ ରାଜନେତା ଯେଉଁ ଉତ୍ସାହ ଓ ଉଦ୍ଦୀପନା ଦେଖାଇଥିଲେ ତାହା ଆଜି ବି କାଏମ ରହିଥିବା ମୋଦୀ ଉଲ୍ଲେଖ କରିଥିଲେ । ପ୍ରଥମ ପାଳିରେ ପରିଲକ୍ଷିତ ହୋଇଥିବା ସଫଳତା ଉଭୟ ପକ୍ଷ ଭିତରେ ହୋଇଥିବା ଆଲୋଚନା ଓ ପାରସ୍ପରିକ ବୁଝାମଣା ଯୋଗୁଁ ସମ୍ଭବ ହୋଇପାରିଥିବା ମୋଦୀ କହିଥିଲେ । ଭାରତ ଓ ଆମେରିକା ଭିତରେ ରହିଥିବା ପାରସ୍ପରିକ ସହଯୋଗ ଓ ସୌହାର୍ଦ୍ଦ୍ୟ ସମଗ୍ର ବିଶ୍ୱକୁ ପରିବର୍ତନ କରିବାରେ ସଫଳ ହେବ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ପ୍ରତିକ୍ରିୟା ପ୍ରକାଶ କରିଥିଲେ ।ରାଷ୍ଟ୍ରପତି ଟ୍ରମ୍ପଙ୍କ ମେକ ଆମେରିକା ଗ୍ରେଟ ଏଗେନ ବା 'ମାଗା' ଆହ୍ୱାନ ପରି ବିକଶିତ ଭାରତ ୨୦୪୭ ଆଡକୁ ସାରା ଭାରତ ଅଗ୍ରସର ହେଉଥିବା ମୋଦୀ କହିଥିଲେ । ବିକଶିତ ଭାରତ ମାନେ ମେକ ଇଣ୍ଡିଆ ଗ୍ରେଟ ଏଗେନ ବା 'ମିଗା' ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଉଲ୍ଲେଖ କରିଥିଲେ । ଏହି 'ମାଗା' ଓ 'ମିଗା'କୁ ନେଇ ଉଭୟ ଦେଶ ମିଳିତ ଭାବେ କାମ କରୁଛନ୍ତି ମୋଦୀ କହିଥିବା ବେଳେ ନୂଆ ଲକ୍ଷ୍ୟ ପାଇଁ ଉଭୟ ଦେଶର 'ମେଗା' ସହଭାଗିତା କାମ ଦେବ ବୋଲି ମତପ୍ରକାଶ କରିଥିଲେ ।୨୦୩୦ ସୁଦ୍ଧା ଉଭୟ ଦେଶର ଦ୍ୱିପାକ୍ଷିକ ବାଣିଜ୍ୟିକ କାରବାରକୁ ୫୦୦ ବିଲିୟନ ଡଲାରକୁ ଉନ୍ନୀତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ପ୍ରଧାନମନ୍ତ୍ରୀ ମୋଦୀ ଉଲ୍ଲେଖ କରିଥିଲେ । ପାରସ୍ପରିକ ବାଣିଜ୍ୟିକ ରାଜିନାମାରେ ଉପନୀତ ହେବା ପାଇଁ ତାଙ୍କ ଟିମ କାମ କରୁଥିବା ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ।



ଭାରତର ଶକ୍ତି ନିରାପତ୍ତା ପାଇଁ ତୈଳ ଓ ଗ୍ୟାସ ବାଣିଜ୍ୟକୁ ମଜଭୂତ କରାଯାଉଛି ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ । ଶକ୍ତି କ୍ଷେତ୍ରରେ ଅଧିକ ପୁଞ୍ଜି ନିବେଶ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ସେହିପରି ଆଣବିକ ଶକ୍ତି କ୍ଷେତ୍ରରେ ଛୋଟ ମୋଡ୍ୟୁଲାର ରିଆକ୍ଟର ଦିଗରେ ସହଯୋଗ ବୃଦ୍ଧି ନେଇ ଆଲୋଚନା ହୋଇଥିବା ସୂଚନା ମିଳିଛି ।

ଭାରତର ପ୍ରତିରକ୍ଷା କ୍ଷେତ୍ରରେ ସବୁ ବେଳେ ଆମେରିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି । ତେବେ ମିଳିତ ବିକାଶ, ମିଳିତ ଉତ୍ପାଦନ ଓ ପ୍ରଯୁକ୍ତି ବିଦ୍ୟା ବିନିମୟ କ୍ଷେତ୍ରରେ ଦୁଇ ଦେଶ ଭିତରେ ସବୁ ବେଳେ ସହଭାଗିତା ରହିଆସିଥିବା ପ୍ରଧାନମନ୍ତ୍ରୀ ମୋଦୀ ଉଲ୍ଲେଖ କରିଥିଲେ । ଆଗାମୀ ଦିନରେ ନୂଆ ପ୍ରଯୁକ୍ତି ବିଦ୍ୟା ଓ ଯନ୍ତ୍ରପାତି ଯୋଗୁଁ ଉଭୟ ଦେଶର ଦକ୍ଷତା ବୃଦ୍ଧି ପାଇବ ବୋଲି ମୋଦୀ ଆଶାପ୍ରକଟ କରିଥିଲେ । ଖୁବଶୀଘ୍ର ଅଟୋନୋମସ ସିଷ୍ଟମସ ଇଣ୍ଡଷ୍ଟ୍ରୀ ଆଲାଏନ୍ସ ପ୍ରସ୍ତୁତ କରିବା ପାଇଁ ଭାରତ ଚେଷ୍ଟା କରିବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିକ୍ରିୟା ଦେଇଥିଲେ । ପରବର୍ତୀ ଦଶନ୍ଧି ପାଇଁ ପ୍ରତିରକ୍ଷା ସହଯୋଗ ନେଇ ଖସଡା ପ୍ରସ୍ତୁତ କରାଯିବ ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଥିଲେ । ପ୍ରତିରକ୍ଷା କ୍ଷେତ୍ରରେ ଆନ୍ତଃ କାର୍ଯ୍ୟକ୍ଷମତା, ଲଜିଷ୍ଟିକ୍ସ ଓ ମରାମତି ଉପରେ ବିଶେଷ ପ୍ରାଧାନ୍ୟ ଦିଆଯିବ ବୋଲି ସୂଚନା ଦିଆଯାଇଛି ।

ଏକବିଂଶ ଶତାବ୍ଦୀ ହେଉଛି ପ୍ରଯୁକ୍ତି ବିଦ୍ୟାର ଯୁଗ । ଏହି କ୍ଷେତ୍ରରେ ଦୁଇ ଦେଶ ଭିତରେ ଦ୍ୱିପାକ୍ଷିକ ସହଯୋଗ ସମଗ୍ର ମାନବଜାତିକୁ ନୂଆ ଦିଗ ଓ ଦିଗଦର୍ଶନ ଦେବ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । କୃତ୍ରିମ ବୁଦ୍ଧିମତା, ସେମି କଣ୍ଡକ୍ଟର, କ୍ୱାଂଟମ, ବାୟୋ ଟେକ୍ନୋଲଜି ଓ ଅନ୍ୟାନ୍ୟ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଉଭୟ ଦେଶ କାମ କରିବେ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ସୂଚନା ଦେଇଥିଲେ । ଟ୍ରଷ୍ଟ ବା ଟ୍ରାନ୍ସଫର୍ମିଙ୍ଗ ରିଲେସନସିପ ୟୁଟିଲାଇଜିଂ ଷ୍ଟ୍ରାଟେଜିକ ଟେକ୍ନୋଲଜି ଉପରେ ଉଭୟ ଦେଶର ସହମତି ରହିଥିବା କୁହାଯାଇଛି ।

ଖଣିଜ ଓ ଫାର୍ମାସ୍ୟୁଟିକାଲ ଦ୍ରବ୍ୟର ଏକ ମଜଭୂତ ସପ୍ଲାଏ ଚେନ ପ୍ରତିଷ୍ଠା କରିବା ଦିଗରେ ଗୁରୁତ୍ୱ ଦିଆଯାଇଛି । ଲିଥିୟମ ଓ ଅନ୍ୟାନ୍ୟ ଖଣିଜ ସମ୍ପଦର ଉତୋଳନ ଓ ପ୍ରକ୍ରିୟାକରଣ ଉପରେ କାମ କରିବାକୁ ଚେଷ୍ଟା ଚାଲିଥିବା ପ୍ରଧାନମନ୍ତ୍ରୀ ସୂଚନା ଦେଇଥିଲେ । ମହାକାଶ ବିଜ୍ଞାନ କ୍ଷେତ୍ରରେ ବି ଆମେରିକା ସହ ଭାରତର ସହଯୋଗ ରହିଥିବା ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ଉଭୟ ଇସ୍ରୋ ଓ ନାସାର ମିଳିତ ସହଯୋଗରେ ପ୍ରସ୍ତୁତ କରାଯାଇଥିବା 'ନିସାର' ଉପଗ୍ରହ ଖୁବଶୀଘ୍ର ଭାରତୀୟ ଜ୍ଞାନ କୌଶଳରେ ନିର୍ମିତ ଯାନରେ ମହାକାଶକୁ ଉତକ୍ଷେପଣ କରାଯିବ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ।ଗଣତନ୍ତ୍ର ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତିଷ୍ଠା ଦିଗରେ ଭାରତ ଓ ଆମେରିକା କାମ କରିଆସୁଥିବା କୁହାଯାଇଛି । ଇଣ୍ଡୋ ପାସିଫିକ କ୍ଷେତ୍ରରେ ଶାନ୍ତି, ସ୍ଥିରତା ଓ ସମୃଦ୍ଧି ବୃଦ୍ଧି କରିବା ଲକ୍ଷ୍ୟରେ ଉଭୟ ଦେଶ ମିଳିତ ଭାବେ କାମ କରିବେ ବୋଲି କୁହାଯାଇଛି । ତେବେ ଏନେଇ 'କ୍ୱାଡ'ର ବିଶେଷ ଭୂମିକା ରହିଥିବା ଉଲ୍ଲେଖ କରାଯାଇଛି । ଚଳିତବର୍ଷ ଭାରତରେ ଅନୁଷ୍ଠିତ ହେବାକୁ ରହିଥିବା 'କ୍ୱାଡ' ଶିଖର ସମ୍ମିଳନୀରେ ସହଯୋଗୀ ରାଷ୍ଟ୍ରଗୁଡିକ ସହ ନୂଆ ନୂଆ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇବ ବୋଲି ପ୍ରଧାନମନ୍ତ୍ରୀ ମତପୋଷଣ କରିଥିଲେ । ଆଇଏମଇସି ଓ ଆଇ୨ୟୁ୨ ଅଧୀନରେ ଆର୍ଥିକ କରିଡର ଓ ଯୋଗାଯୋଗ ଭିତିଭୂମି କ୍ଷେତ୍ରରେ ଦୁଇ ଦେଶ ମିଳିତ ଭାବେ କାମ କରିବେ ବୋଲି ଉଲ୍ଲେଖ କରାଯାଇଛି ।ଆତଙ୍କବାଦକୁ ଦମନ କରିବା କ୍ଷେତ୍ରରେ ଉଭୟ ଭାରତ ଓ ଆମେରିକା ମିଳିତ ଭାବେ କାମ କରିଆସୁଥିବା ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ । ସୀମାପାର ଆତଙ୍କବାଦ ମୂଳୋତ୍ପାଟନ କରିବାକୁ ଉଭୟ ଦେଶ ପ୍ରତିବଦ୍ଧ ବୋଲି ବି ସୂଚନା ଦିଆଯାଇଥିଲା ।୨୦୦୮ ମସିହାରେ ଭାରତରେ ନରସଂହାର କରିଥିବା ଅଭିଯୁକ୍ତକୁ ପ୍ରତ୍ୟାବର୍ତନ କରିବା ପାଇଁ ରାଷ୍ଟ୍ରପତି ଟ୍ରମ୍ପ ରାଜି ହୋଇଥିବାରୁ ପ୍ରଧାନମନ୍ତ୍ରୀ ତାଙ୍କୁ ଅଶେଷ ଧନ୍ୟବାଦ ଜଣାଇଥିଲେ । ତେବେ ଏନେଇ ଏବେ ଭାରତୀୟ ଅଦାଲତ ବିହିତ କାର୍ଯ୍ୟାନୁଷ୍ଠାନ ନେବ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଉଲ୍ଲେଖ କରିଥିଲେ ।

ଆମେରିକାରେ ବସବାସ କରୁଥିବା ଭାରତୀୟ ସମୁଦାୟ ଦୁଇ ଦେଶ ଭିତରେ ଦ୍ୱିପାକ୍ଷିକ ସମ୍ପର୍କକୁ ବୃଦ୍ଧି କରିବା ଦିଗରେ ବିଶେଷ ସହାୟକ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ । ପ୍ରବାସୀମାନଙ୍କ ଭିତରେ ସମ୍ପର୍କକୁ ଦୃଢ କରିବାକୁ ଖୁବଶୀଘ୍ର ଲସ ଆଞ୍ଜେଲସ ଓ ବୋଷ୍ଟନ ସହରରେ ଭାରତୀୟ ଦୂତାବାସ ଖୋଲିବାକୁ ଯାଉଥିବା ପ୍ରଧାନମନ୍ତ୍ରୀ ସୂଚନା ଦେଇଥିଲେ । ଭାରତରେ ବିଦେଶୀ କ୍ୟାମ୍ପସ ଖୋଲିବାକୁ ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ବିଭିନ୍ନ ଆମେରିକୀୟ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନକୁ ନିମନ୍ତ୍ରଣ କରିଥିଲେ । ଭାରତ ସହ ବନ୍ଧୁତାକୁ ବଜାୟ ରଖି ଉଲ୍ଲେଖନୀୟ ପ୍ରତିବଦ୍ଧତା ପାଇଁ ଏହି ଅବସରରେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ପ୍ରଧାନମନ୍ତ୍ରୀ ମୋଦୀ ଧନ୍ୟବାଦ ଜଣାଇଥିଲେ । ୨୦୨୦ ମସିହାରେ ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଆଗମନକୁ ଭାରତବାସୀ ମନେ ରଖିଛନ୍ତି ଓ ଆଗାମୀ ଦିନରେ ବି ସେ ଆଉଥରେ ଆସିବାକୁ ଭାରତବାସୀ ଆଗ୍ରହ ରଖିଥିବା ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ । ଭାରତର ୧.୪ ବିଲିୟନ ଅଧିବାସୀଙ୍କ ପକ୍ଷରୁ ଟ୍ରମ୍ପ ପୁଣିଥରେ ଭାରତ ଆସିବାକୁ ପ୍ରଧାନମନ୍ତ୍ରୀ ମୋଦୀ ଅନୁରୋଧ ଜଣାଇଥିଲେ ।

# ଭଗବାନ ବୁଦ୍ଧଙ୍କ ଶିକ୍ଷାରେ ରହିଛି ପରିବେଶ ସଙ୍କଟର ସମାଧାନ : ପିଏମ ମୋଦି

ବ୍ୟାଙ୍କକ, ୧୪।୨: ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଥାଇଲଣ୍ଡରେ ଆୟୋଜିତ ପ୍ରେସମିଟକୁ ଭିସି ଜରିଆରେ ସଂବୋଧିତ କରିଛନ୍ତି । ଏହି ଅବସରରେ ସେ ଭଗବାନ ବୁଦ୍ଧଙ୍କ ବାର୍ତ୍ତା କଥା ଉଠାଇଥିଲେ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଆଜି ବିଶ୍ୱ ପରିବେଶ ସଙ୍କଟରେ ଘେରି ରହିଛି । ଭଗବାନ ବୁଦ୍ଧଙ୍କ ଶିକ୍ଷାରେ ପରିବେଶ ସଙ୍କଟର ସମାଧାନ ରହିଛି ।

ସେ କହିଛନ୍ତି ଯେ, ପରିବେଶ ସଙ୍କଟ ଓ ଚାପ ପରି ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଭଗବାନ ବୁଦ୍ଧଙ୍କ ଶିକ୍ଷା ମିଶିଥାଏ । ତାଙ୍କ ସଂଯମର ସିଦ୍ଧାନ୍ତ ଆଜି ବୈଶ୍ୱିକ ଚ୍ୟାଲେଂଜ ସାମ୍ନା କରିବାରେ ଆମର ମାର୍ଗଦର୍ଶନ କରିଥାଏ । ଆଜି ସଂଘର୍ଷ ଦେଶ ଓ ଲୋକଙ୍କ ମଧ୍ୟରେ ନାହିଁ ବରଂ ଏହାଠାରୁ ଆଗକୁ ବଢି ପରିବେଶ ସଙ୍କଟ ଯାଏ ପହଂଚିଛି । ଏହାଦ୍ୱାରା ଆମର ଗ୍ରହ ପାଇଁ ବିପଦ ସୃଷ୍ଟି ହୋଇପାରେ । ହିନ୍ଦୁ ଧର୍ମ ବୌଦ୍ଧ ଧର୍ମ ଓ ଅନ୍ୟ ଏସିଆ ପରମ୍ପରା ଆମକୁ ଶିକ୍ଷା ଦେଇଥାଏ ଯେ, ଆମେ ନିଜକୁ ପରିବେଶରୁ ଭିନ୍ନ ନଦେଖି ଏହାର ଅଂଶ ମାନିବା ଆବଶ୍ୟକ ।



# କାଶ୍ମୀରର କେତେକ ଅଂଚଳରେ ସର୍ବନିମ୍ନ ତାପମାତ୍ରା ଶୂନ୍ୟ ତଳକୁ

ଶ୍ରୀନଗର, ୧୪।୨(ମହାଭାରତ)- କାଶ୍ମୀରର କେତେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ଶୂନ୍ୟ ତଳକୁ ରେକର୍ଡ଼ କରାଯାଇଛି । ଏହା ସତ୍ୱେ ସମ୍ପୂର୍ଣ୍ଣ ଅଂଚଳରେ ରାତି ତାପମାତ୍ରାରେ ମାମୁଲି ସୁଧାର ପରିଲକ୍ଷିତ ହୋଇଛି ।ପାଣିପାଗ ବିଭାଗ ଅନୁସାରେ, ଶ୍ରୀନଗର ସହରରେ ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୧.୩ ଡ଼ିଗ୍ରୀ ସେଲସିୟସ୍ ରେକର୍ଡ଼ କରାଯାଇଛି । ଯାହାକି ଗତ ରାତିରେ ୧ ଡ଼ିଗ୍ରୀ ଅଧିକ ରହିଛି । ଅନନ୍ତନାଗରେ ପହଲଗାମର ପର୍ଯ୍ୟଟକ ରିସୋର୍ଟକୁ ଛାଡି ଯେଉଁଠି ଥଣ୍ଡାର ସାମ୍ନା କରିବାକୁ ପଡୁଛି । ଘାଟିର ଅନ୍ୟ ସମସ୍ତ ପାଣିପାଗ କେନ୍ଦ୍ର ଗୁଡିକରେ ରାତି ତାପମାତ୍ରାରେ ବୃଦ୍ଧି ଦେଖିବାକୁ ମିଳିଛି ।ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ପହଲଗାମରେ ତାପମାତ୍ରା ବିଯୁକ୍ତ ୪.୫ ଡ଼ିଗ୍ରୀ ସେଲସିୟସ୍, ବାରାମୁଲା ଜିଲ୍ଲାର ଗୁଲମର୍ଗର ସ୍କି ରିସୋର୍ଟରେ ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୩.୬ ଡ଼ିଗ୍ରୀ ସେଲସିୟସ ରେକର୍ଡ଼ କରାଯାଇଛି, ଯାହାକି ଗତ ରାତିର ବିଯୁକ୍ତ ୭.୫ ଡ଼ିଗ୍ରୀ ସେଲସିୟସ ଠାରୁ ଅଧିକ ରହିଛି । ପାଣିପାଗ ବିଭାଗ ଅନୁସାରେ, ଜମ୍ମୁ-କାଶ୍ମୀରରେ ଫେବୃଆରୀ ୧୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସାଧାରଣତଃ ଶୁଷ୍କ ରହିବା ନେଇ ଆଶା କରାଯାଉଛି ।

# ପାକିସ୍ତାନରେ ପୁଣି ବୋମା ବିସ୍ଫୋରଣ, ୧୧ ମୃତ

ନୂଆଦିଲ୍ଲୀ, ୧୪।୨(ମହାଭାରତ): ପାକିସ୍ତାନ ବଲୁଚିସ୍ତାନରେ ପୁଣି ବୋମା ବିସ୍ଫୋରଣ । କୋଇଲା ଖଣିକୁ କାମ କରିବାକୁ ଯାଉଥିବା ୧୧ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ଏହି ବିସ୍ଫୋରଣ ହରନାଇ ଅଞ୍ଚଳରେ ହୋଇଛି । ବୋସ୍ଫୋରଣରେ ପ୍ରାଣ ହରାଇଥିବା ସମସ୍ତ ଶ୍ରମିକ ଅଟନ୍ତି । ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ସୂଚନା ଅନୁଯାୟୀ, ଶ୍ରମିକମାନେ ପାକିସ୍ତାନର କ୍ୱେଟା ସହରର ହରନାଇରେ ବସ୍ ଯୋଗେ କୋଇଲା ଖଣିକୁ ଯାଉଥିଲେ । ଏହି ସମୟରେ, ରାସ୍ତା କଡ଼ରେ ଏକ ଆଇଇଡି ବୋମା ବିସ୍ଫୋରଣ ହୋଇଥିଲା । ଏଥିରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଆହତ ହୋଇଛନ୍ତି। ସୂଚନା ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଛି । ବିସ୍ଫୋରଣ କିଏ ଏବଂ କାହିଁକି କରିଛି ସେ ବିଷୟରେ ଏପର୍ଯ୍ୟନ୍ତ କୌଣସି ସୂଚନା ମିଳିନାହିଁ । ୧୦୦ ଦିନ ଭିତରେ ପାକିସ୍ତାନରେ ଦ୍ୱିତୀୟ ବୋମା ବିସ୍ଫୋରଣ। ନଭେମ୍ବର ୯, ୨୦୨୪ ମସିହାରେ ପାକିସ୍ତାନ ବେଲୁଚିସ୍ତାନର କ୍ୱେଟା ଷ୍ଟେସନ ବିସ୍ଫୋରଣରେ ୨୦ ଜଣଙ୍କର ମୃତ୍ୟୁ ହୋଇଥିଲା । ଘଟଣାରେ ୩୦ରୁ ଅଧିକ ଆହତ ହୋଇଥିଲେ । ବିସ୍ଫୋରଣ ପରେ ଷ୍ଟେସନରେ ଦୌଡଧାପଡ କରିଥିଲେ ଯାତ୍ରୀ । ପାକିସ୍ତାନରେ ଏପର୍ଯ୍ୟନ୍ତ ହୋଇଥିବା ସମସ୍ତ ବୋମା ବିସ୍ଫୋରଣରେ ଓରଉ ବ୍ୟବହାର କରାଯାଇଛି । ପାକିସ୍ତାନରେ ଓରଉ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ପ୍ରଶ୍ନ ଉଠିଛି ।

# ମଧ୍ୟପ୍ରଦେଶର ସେନା ଫାୟାରିଂ ଜୋନରେ ବିସ୍ଫୋରଣ : ଜଣେ ମୃତ, ୨ ଗୁରୁତର

**ନୂଆଦିଲ୍ଲୀ,** ୧୪।୨(ମହାଭାରତ): ମଧ୍ୟପ୍ରଦେଶର ଦାତିଆ ଜିଲ୍ଲାରୁ ଏକ ଭୟଙ୍କର ଦୁର୍ଘଟଣାର ଖବର ଆସିଛି । ସୂଚନା ଅନୁଯାୟୀ, ଦାତିଆରେ ଥିବା ସେନା ଫାୟାରିଂ ରେଞ୍ଜରେ ବିସ୍ଫୋରଣ ଯୋଗୁଁ ଜଣେ ସାଧାରଣ ନାଗରିକର ମୃତ୍ୟୁ ହୋଇଛି । ଏହା ସହିତ ଆଉ ଦୁଇ ଜଣ ଆହତ ହୋଇଥିବା ଖବର ମଧ୍ୟ ସାମ୍ନାକୁ ଆସିଛି । ଅଧିକାରୀ ମାନେ କହିଛନ୍ତି ଯେ ପରିସ୍ଥିତିର ତଦାରଖ କରିବା ପାଇଁ ସ୍ଥାନୀୟ ଅଧିକାରୀ ଏବଂ ସେନା କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଏହା ସହିତ, ଆହୁରି ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରାଯାଉଛି। ସୂଚନା ଅନୁଯାୟୀ, ଶୁକ୍ରବାର ଦିନ ଦାତିଅ। ଜିଲ୍ଲାରେ ଥିବା ଏକ ସେନା ଫାୟାରିଂ ରେଞ୍ଜରେ ଏକ ଗୋଳା-ବାରୁଦ ବିସ୍ଫୋରଣ ହୋଇଥିଲା । ଏହି ଦୁର୍ଘଟଣାରେ ଜଣେ ୧୭ ବର୍ଷୀୟ ନାବାଳକର ମୃତ୍ୟୁ ହୋଇଥିବା ପୋଲିସ କହିଛି । ସେହି ସମୟରେ, ଅନ୍ୟ ଦୁଇଜଣ ସାଧାରଣ ନାଗରିକ ଗୁରୁତର ଆହତ ହୋଇଛନ୍ତି । ଅଧିକାରୀଙ୍କ ଅନୁଯାୟୀ, ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ପୀଡିତ ମାନଙ୍କ ମଧ୍ୟରୁ ଜଣେ ତଳେ ପଡ଼ିଥିବା ଏକ ବିସ୍ଫୋରଣ ହୋଇନଥିବା ବାରୁଦ ଖଣ୍ଡ ଉଠାଇ ନେଇଥିଲେ ।

# ପାକିସ୍ତାନରୁ ପଠାଯାଇଥିବା ୩୦ କିଲୋଗ୍ରାମ ହେରୋଇନ ଜବତ କଲା ପଂଜାବ ପୋଲିସ

ଚଣ୍ଡୀଗଡ, ୧୪।୨(ମହାଭାରତ): ପଞ୍ଜାବ ପୋଲିସ ଅମୃତସର ସ୍ଥିତ ସୀମାବର୍ତ୍ତୀ ଅଞ୍ଚଳରେ ୩୦ କିଲୋଗ୍ରାମ ହେରୋଇନ ଉଦ୍ଧାର କରିଛି ।ଏହି ହେରୋଇନ ପାକିସ୍ଥାନରୁ ପଞ୍ଜାବ ପଠାଯାଇଥିଲା ।ପଞ୍ଜାବ ପୋଲିସ ମହାନିର୍ଦ୍ଦେଶକ ଗୌରବ ଯାଦବ ଆଜି ଏକ୍ସରେ ଏହି ସୁଚନା ଦେଇଛନ୍ତି ।ସେ କହିଛନ୍ତି ଯେ ଚଳିତବର୍ଷ ନିଶା ପଦାର୍ଥର ଏହା ଏପର୍ଯ୍ୟନ୍ତର ସବୁଠାରୁ ବଡ ପୁନରୁଦ୍ଧାର ।ପୋଲିସ ମହାନିର୍ଦ୍ଦେଶକ ଯାଦବଙ୍କ ଅନୁସାରେ ହେରୋଇନର ଏହି ସାମଗ୍ରୀ ପାକିସ୍ଥାନରୁ ପଠାଯାଇଥିବା ଡ୍ରୋନ ମାଧ୍ୟମରେ ଘରିଣ୍ଡା ଥାନା ଅଞ୍ଚଳରେ ପକାଯାଇଥିଲା ।ମୁଖବିରଙ୍କ ସୁଚନା ମୁତାବିକ ଅମୃତସର ଦେହାତ ପୋଲିସ ହେରୋଇନକୁ ଉଦ୍ଧାର କରି ଜଣେ ବ୍ୟକ୍ତିଙ୍କୁ ଘଟଣାସ୍ଥଳରୁ ଗିରଫ କରିଥିଲା ।ଗିରଫ କରାଯାଇଥିବା ଏହି ବ୍ୟକ୍ତି ଦୀର୍ଘ ଦିନ ଧରି ଏହି କାମରେ ଜଡିତ ଥିବା କୁହାଯାଉଛି ।ଏହି କଳା କାରବାରରେ ଆହୁରି ଅନେକ ଲୋକ ଜଡିତ ହୋଇପାରନ୍ତି ।ଏହି ସମ୍ବନ୍ଧରେ ଏକ ଏଫଆଇଆର ଥାନା ଘରିଣ୍ଡାରେ ରେକର୍ଡ ହୋଇଛି।

# ମୋଦୀ ଓ ରାହୁଲ କରିବେ ନିର୍ବାଚନ କମିଶନ ଚୟନ

ନୂଆଦିଲ୍ଲୀ,୧୪।୨(ମହାଭାରତ): ଖବୁଶୀଘ୍ର ଦେଶକୁ ମିଳିବ ନୂଆ ନିର୍ବାଚନ କମିଶନ । ଏନେଇ ଆଇନ ମନ୍ତ୍ରଣାଳୟ ତରଫରୁ ଫେବୃଆରୀ ୧୭ କୁ ବୈଠକ ଡକାଯାଇଛି । ଏହି କମିଟିରେ ଏବେ ୩ ଜଣ ସଦସ୍ୟ ରହିଛନ୍ତି । ଶାସକ ଦଳରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମେଘୱାଲ ଏବଂ ବିରୋଧୀଦଳର ନେତା ରାହୁଲ ଗାନ୍ଧୀ ଚୟନ କମିଟି ବୈଠକରେ ସାମିଲ ହେବେ । ଏବେର ମୁଖ୍ୟ ନିର୍ବାଚନ ଅଧିକାରୀ ରାଜୀବ କୁମାରଙ୍କ କାର୍ଯ୍ୟକାଳ ଫେବୃଆରୀ ୧୮ ତାରିଖରେ ଶେଷ ହେଉଛି । ମୁଖ୍ୟ ନିର୍ବାଚନ କମିଶନ ଓ ନିର୍ବାଚନ ସମ୍ବନ୍ଧିତ ଅନ୍ୟ କର୍ମଚାରୀଙ୍କ ଚୟନ ନେଇ ୨୦୨୩ ରେ ଏକ ନୂଆ ଆଇନ ପାରିତ ହୋଇଥିଲା । ଏହି ଆଇନ ଏବେ ପ୍ରଥମ ଥର କାର୍ଯ୍ୟକାରୀ ହେବାକୁ ଯାଉଛି । ରାଜୀବ କୁମାରଙ୍କ ମେ ୨୦୨୨ରେ ମୁଖ୍ୟ ନିର୍ବାଚନ କମିଶନ ଭାବେ ନିଯୁକ୍ତ କରାଯାଇଥିଲା । ତାଙ୍କ ନେତୃତ୍ୱରେ




୨୦୨୪ ଲୋକସଭା ନିର୍ବାଚନ କରାଯାଇଥିଲା । ଏହାସହ କାଶ୍ମୀରରେ ଗୋଟିଏ ଦଶକ ଧରି ବନ୍ଦ ଥିବା ବିଧାନସଭା ନିର୍ବାଚନ ମଧ୍ୟ ସଫଳତାର ସହ ଆୟୋଜନ କରିଥିଲେ ରାଜୀବ କୁମାର । ତାଙ୍କ ନେତୃତ୍ୱରେ ଲୋକସଭା ନିର୍ବାଚନ ପରେ ମହାରାଷ୍ଟ୍ର, ହରିଆଣା, ଝାଡଖଣ୍ଡ ଓ ଦିଲ୍ଲୀ ବିଧାନସଭା ମଧ୍ୟ ହୋଇଛି । ଏସବୁ ଭିତରେ କିନ୍ତୁ ବେଶ ବିବାଦ ଘେରକୁ ଆସିଛନ୍ତି ରାଜୀବ କୁମାର । ଇଭିଏମରେ ଭୋଟ ଟ୍ୟାମ୍ପରିଂ, ଭୋଟର ତାଲିକା, ଭୋଟ ଗଣତି ପ୍ରକିୟା ଭଳି ଅନେକ ପ୍ରସଙ୍ଗରେ ପକ୍ଷପାତିତା ହୋଇଥିବା ନେଇ ବିରୋଧୀ ଅଭିଯୋଗ ଆଣିଛନ୍ତି । ଏବେ ଏବେ ସୁପ୍ରିମକୋର୍ଟ ମଧ୍ୟ ଇଭିଏମରୁ ତଥ୍ୟ ହଟାଇବା ପ୍ରସଙ୍ଗରେ ମୁଖ୍ୟ ନିର୍ବାଚନ କମିଶନଙ୍କୁ କଡା ତାଗିଦ କରିଛନ୍ତି ।

# ପୁଲୱାମା ସହିଦଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କଲେ ପିଏମ ମୋଦି

ନୂଆଦିଲ୍ଲୀ, ୧୪।୨(ମହାଭାରତ): ପୁଲୱାମା ସହିଦଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସୋସିଆଲ ମିଡିଆ ଏକ୍ସରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ୨୦୧୯ ପୁଲୱାମାରେ ଆମେ ହରାଇଥିବା ବୀରଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରୁଛି । ଆଗାମୀ ପିଢି ସେମାନଙ୍କ ବଳିଦାନ ଓ ଦେଶ ପ୍ରତି ନିଷ୍ଠାକୁ କେବେ ଭୁଲି ପାରିବେ ନାହିଁ ।

# ଆଜି ୧ଲକ୍ଷ କଳ୍ପବାସୀ କଲେ ପବିତ୍ର ସ୍ନାନ

ମହାକୁମ୍ଭନଗର, ୧୪।୨(ମହାଭାରତ): -ମହାକୁମ୍ଭ ୨୦୨୫ରେ ମାଘ ପୂର୍ଣ୍ଣିମା ପରେ କଳ୍ପବାସୀଙ୍କ ବିଦାୟ ଜାରି ରହିଛି । ଶୁକ୍ରବାର ସକାଳେ ୧ ଲକ୍ଷ କଳ୍ପବାସୀ ପବିତ୍ର ସ୍ନାନ କରିଛନ୍ତି। ମହାକୁମ୍ଭରେ ମାଘ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତିଦିନ ପ୍ରାୟ ୧୦ ଲକ୍ଷ କଳ୍ପବାସୀ ଅମୃତସ୍ନାନ କରିଛନ୍ତି ଏବଂ ମାଘ ପୂର୍ଣ୍ଣିମାର ଦ୍ୱିତୀୟ ଦିନ ୫ ଲକ୍ଷ ଏବଂ ଶୁକ୍ରବାର ସକାଳ ୮ଟା ପର୍ଯ୍ୟନ୍ତ ୧ଲକ୍ଷ କଳ୍ପବାସୀ ପବିତ୍ର ସ୍ନାନ କରିଛନ୍ତି ।ମହାକୁମ୍ଭ ସମୟରେ କଳ୍ପବାସୀମାନେ ସାଧନା ପୁର୍ବକ ଗୋଟିଏ ମାସ ପର୍ଯ୍ୟନ୍ତ ତ୍ରିବେଣୀ ସଙ୍ଗମରେଅମୃତସ୍ନାନ କରିଥିଲେ ଏବଂ ଧାର୍ମିକ ଅନୁଷ୍ଠାନରେ ଯୋଗ ଦେଇଥିଲେ ।ମାଘ ପୁର୍ଣ୍ଣିମାଠାରୁ କଳ୍ପବାସୀଙ୍କ ବିଦାୟ ଚାଲିଛି ।ମହାକୁମ୍ଭ ମହାଶିବରାତ୍ରି ପରେ ହେବ ।କଳ୍ପବାସୀଙ୍କ ବିଦାୟ ପରେ ପ୍ରୟାଗରାଜର ଜିଲ୍ଲାଧୀକାରୀ ଏବଂ ମହାକୁମ୍ଭ ମେଳା ଅଧିକାରୀ କହିଛନ୍ତି ,କଳ୍ପବାସୀଙ୍କ ବିଦାୟ ଏକ ଗୁରୁତ୍ୱପୁର୍ଣ୍ଣମୁହୁର୍ତ୍ତ ଅଟେ ।ଆମେ ଗର୍ବିତ ଯେ ଆମେ ମହାକୁମ୍ଭ ସମୟରେ କଳ୍ପବାସୀଙ୍କ ସେବା କରିବାର ସୁଯୋଗ ପାଇଛୁ।

# ମଣିପୁରରେ ସିଆରପିଏଫ ଯବାନଙ୍କ ଗୁଳିରେ ୨ ସାଥୀଙ୍କ ମୃତ୍ୟୁ, ନିଜକୁ ବି କଲେ ଗୁଳି

ଇମ୍ଫାଲ, **୧୪।୨(ମହାଭାରତ):** ମଣିପୁରର ଇମ୍ଫାଲ ପଶ୍ଚିମ ଜିଲ୍ଲା ସ୍ଥିତ ସିଆରପିଏଫ ଶିବିରରେ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି । ସିଆରପିଏଫର ୧୨୦ବି ବାଟାଲିୟନର ଜଣେ ଯବାନ ତାଙ୍କର ଦୁଇଜଣ ସାଥୀଙ୍କ ଉପରକୁ ଗୁଳି ଚଳାଇଛନ୍ତି । ଘଟଣାସ୍ଥଳରେ ହିଁ ସେମାନଙ୍କର ମୃତ୍ୟୁ ହୋଇଛି । ଏହାପରେ ଯବାନ ନିଜକୁ ବି ଗୁଳି କରିଥିଲେ।

ଅଧିକାରୀଙ୍କ ମୁତାବକ ଇମ୍ଫାଲ ପଶ୍ଚିମ ଜିଲ୍ଲାର ଲାମ୍ଫେଲ ସ୍ଥିତ ସିଆରପିଏଫ ଶିବିରରେ ଗତକାଲି ରାତି ସାଢେ ୮ଟା ବେଳେ ଏହି ଘଟଣା ଘଟିଛି । ଅଭିଯୁକ୍ତ ହାବିଲଦାର ସଂଜୟ କୁମାର ତାଙ୍କ ବନ୍ଧୁକରୁ ଗୁଳି ଚଳାଇଥିଲେ, ଯେଉଁଥିରେ ଜଣେ କନଷ୍ଟେବଲ ଓ ଉପନିରୀକ୍ଷକଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଏହାପରେ କୁମାର ନିଜକୁ ଗୁଳି କରିଥିଲେ । ତାଙ୍କୁ ହସ୍ପିଟାଲ ନିଆଯାଇଥିଲା, ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା । ଏହି ଗୁଳିକାଣ୍ଡରେ ଅନ୍ୟ ୮ଜଣ ଆହତ ହୋଇଛନ୍ତି, ସେମାନଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଛି ।

# ଆମେରିକାରେ ମୋଦୀଙ୍କ ବୟାନକୁ ନେଇ ଟାର୍ଗେଟ କଲେ ରାହୁଲ

**ନୂଆଦିଲ୍ଲୀ, ୧୪।୨(ମହାଭାରତ):** ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଆମେରିକା ଗସ୍ତ ସମୟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ କରିଥିଲେ । ଏହି ସମୟରେ, ଜଣେ ସାମ୍ବାଦିକ ଗୌତମ ଆଦାନୀଙ୍କ ମାମଲା ସମ୍ପର୍କରେ ଏକ ପ୍ରଶ୍ନ ପଚାରିଥିଲେ। ପ୍ରଶ୍ନର ଉତ୍ତର ଦେବା ସମୟରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ଦୁଇ ଦେଶର ନେତା ବ୍ୟକ୍ତିଗତ ବିଷୟରେ କଥା ହୁଅନ୍ତି ନାହିଁ। ଏବେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ତାଙ୍କ ବୟାନକୁ ଟାର୍ଗେଟ କରିଛନ୍ତି । ସେ କହିଥିଲେ ଯେ ଅିମେରିକାରେ ମଧ୍ୟ ମୋଦୀ ଜି ଅିଦାନୀ ଜିଙ୍କ ଦୁର୍ନୀତିକୁ ଘୋଡାଇ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କଟାକ୍ଷ କରି ରାହୁଲ ଗାନ୍ଧୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, ଦେଶରେ ଆଦାନୀଙ୍କୁ ନେଇ ପ୍ରଶ୍ନ ପଚରାଗଲେ ମୋଦୀ ନିରବ ରୁହନ୍ତି ବିଦେଶରେ ଯେତେବେଳେ ଏନେଇ ପଚରାଯାଏ, ତାହା ଏକ ବ୍ୟକ୍ତିଗତ ମାମଲା ହୋଇଯାଏ । ଆମେରିକାରେ ମଧ୍ୟ ମୋଦୀ ଜି ଆଦାନୀ ଜିଙ୍କ ଦୁର୍ନୀତିକୁ ଘୋଡାଇ ଦେଇଥିଲେ ! ଯେତେବେଳେ ବନ୍ଧୁଙ୍କ



ପକେଟ ପୂରଣ କରିବା ମୋଦୀ ଜିଙ୍କ ପାଇଁ 'ରାଷ୍ଟ୍ର ନିର୍ମାଣ' ହୋଇଥାଏ, ସେତେବେଳେ ଲାଞ୍ଚ ନେବା ଏବଂ ଦେଶର ସମ୍ପତ୍ତି ଲୁଟ କରିବା 'ବ୍ୟକ୍ତିଗତ ମାମଲା' ହୋଇଯାଏ । ବାସ୍ତବରେ ସାମ୍ବାଦିକ ସମ୍ମିଳନୀରେ ଜଣେ ସାମ୍ବାଦିକ ମୋଦୀଙ୍କୁ ପଚାରିଥିଲେ କି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ସାକ୍ଷାତରେ ବ୍ୟବସାୟୀ ଗୌତମ ଆଦାନୀଙ୍କ ବିରୋଧରେ ମାମଲା ଉପରେ ଆଲୋଚନା ହୋଇଥିଲା କି ? ଏହି ପ୍ରଶ୍ନ ପଚରାଯିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, ଭାରତ ଏକ ଗଣତାନ୍ତ୍ରିକ ଦେଶ ଏବଂ ଆମର ସଂସ୍କୃତି 'ବସୁଧୈବ କୁଟୁମ୍ବକମ୍'ର, ଆମେ ସମଗ୍ର ବିଶ୍ୱକୁ ଗୋଟିଏ ପରିବାର ବୋଲି ମାନିଥାଉ । ମୁଁ ପ୍ରତ୍ୟେକ ଭାରତୀୟଙ୍କୁ ମୋର ବୋଲି ମାନିଥାଏ। ଏପରି ବ୍ୟକ୍ତିଗତ ପ୍ରସଙ୍ଗରେ, ଦୁଇଟି ଦେଶର ମୁଖ୍ୟ ଭେଟନ୍ତି ନାହିଁ କିମ୍ବା କଥାବାର୍ତ୍ତା କରନ୍ତି ନାହିଁ । ବାସ୍ତବରେ ଜୋ ବାଇଡେନଙ୍କ କାର୍ଯ୍ୟକାଳ ସମୟରେ, ଆମେରିକାର ନ୍ୟାୟ ବିଭାଗ ଆଦାନୀଙ୍କ ଉପରେ ଦୁର୍ନୀତିର ଅଭିଯୋଗ ଆଣିଥିଲା । ଅଭିଯୋଗ ଥିଲା ଯେ ସୌରଶକ୍ତି ଚୁକ୍ତିନାମାରେ ଲାଭ ପାଇବା ପାଇଁ ଆଦାନୀ ଭାରତୀୟ ଅଧିକାରୀମାନଙ୍କୁ ୨୫୦ ନିୟୁତ ଡଲାର (ପ୍ରାୟ ୨୧୦୦ କୋଟି ଟଙ୍କା) ଲାଞ୍ଚ ଦେଇଥିଲେ ।



ମହିଳା ପ୍ରିମିୟର ଲିଗ୍ ଉଦ୍‌ଘାଟନୀ ମ୍ୟାଚ୍ ପୂର୍ବରୁ ଟ୍ରଫି ସହ ବେଙ୍ଗାଲୁରୁ ଓ ଗୁଜରାଟ ଦଳର ଅଧିନାୟିକା ସ୍ମୃତି ମନ୍ଧାନା ଓ ଆସେଲ୍ ଗାର୍ଡନର।

# ଚାମ୍ପିଅନ୍ସ ଟ୍ରଫି ୨୦୨୫: ବିଜେତାଙ୍କ ପାଇଁ ରେକର୍ଡ ପୁରସ୍କାର ରାଶି ଘୋଷଣା

ନୂଆଦିଲ୍ଲୀ,୧୪।୨: ଆନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଆଜି ଆଗାମୀ ଚାମ୍ପିଅନ୍ସ ଟ୍ରଫି ପାଇଁ ରେକର୍ଡ ମୋଟ ୬.୯ ମିଲିୟନ ଆମେରିକୀୟ ଡଲାର ପୁରସ୍କାର ରାଶି ଘୋଷଣା କରିଛି। ଏହା ୨୦୧୭ ରେ ଆଠ ଦଳ ବିଶିଷ୍ଟ ଏହି ଇଭେଣ୍ଟର ପୂର୍ବ ସଂସ୍କରଣ ଇଂଲଣ୍ଡରେ ଅନୁଷ୍ଠିତ ହୋଇଥିବା ୪.୫ ମିଲିୟନ ଡଲାର ପୁରସ୍କାର ରାଶିଠାରୁ ୫୩ ପ୍ରତିଶତ ଅଧିକ। ଟୁର୍ଣ୍ଣାମେଣ୍ଟର ବିଜେତା ୨.୨୪ ମିଲିୟନ ଡଲାର (ପ୍ରାୟ ୧୯.୪୫ କୋଟି ଟଙ୍କା) ପୁରସ୍କାର ରାଶି ପାଇବ ଏବଂ ଉପବିଜେତା ୨୦୨୫ ଚାମ୍ପିଅନ୍ସ ଟ୍ରଫିରେ ୧.୧୨ ମିଲିୟନ ଡଲାର (ପ୍ରାୟ ୯.୭୩ କୋଟି ଟଙ୍କା) ପୁରସ୍କାର ରାଶି ପାଇବ।

ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ଭଳି ଚାମ୍ପିଅନ୍ସ ଟ୍ରଫି ବିଜେତା ବିଜେତା ମଧ୍ୟ ବଡ ପୁରସ୍କାର ପାଇବ। ତଥାପି, ୨୦୨୪ ମସିହାର ଆଇସିସି ପୁରୁଷ ଟି୨୦ ବିଶ୍ୱକପର ପୁରସ୍କାର ରାଶି ଚାମ୍ପିଅନ୍ସ ଟ୍ରଫିର ପ୍ରାୟ ୮୦-୯୦ ପ୍ରତିଶତ ଥିଲା। ଯାହା ପ୍ରତିଯୋଗିତାରେ ୨୦ଟି ଦଳ ଥିଲେ।

ସମସ୍ତ ଆଠଟି ଦଳ ଅତି କମରେ ୨.୨୯ କୋଟି ଟଙ୍କା (୨୬୫ ହଜାର ଡଲାର) ଘରକୁ ନେବେ ଏବଂ ସେମାନଙ୍କ ଚୂଡ଼ାନ୍ତ ସ୍ଥାନ ଦ୍ୱାରା ସେମାନେ ପାଇବାକୁ ଥିବା ପୂର୍ଣ୍ଣ ପରିମାଣ ନିର୍ଣ୍ଣୟ କରାଯିବ। ଆଠଟି ଦଳ ମଧ୍ୟରୁ ପ୍ରତ୍ୟେକ ଅଂଶଗ୍ରହଣ ପାଇଁ ୧.୦୮ କୋଟି ଟଙ୍କା ପାଇବେ। ଯେତେବେଳେ ସପ୍ତମ ଏବଂ ଅଷ୍ଟମ ସ୍ଥାନରେ ଥିବା ଦଳ ଅତିରିକ୍ତ ୧.୨୧ କୋଟି ଟଙ୍କା ପାଇବେ। ପଞ୍ଚମ ଏବଂ ଷଷ୍ଠ ସ୍ଥାନରେ ଥିବା ଦଳ ଅତିରିକ୍ତ ୩.୦୪ କୋଟି ଟଙ୍କା ପାଇବେ। ଯେତେବେଳେ ପରାଜିତ ସେମିଫାଇନାଲିଷ୍ଟମାନେ ୨.୬୫ କୋଟି ଟଙ୍କା ପାଇବେ। ସ୍ଥାନ ଦ୍ୱାରା ନିର୍ଣ୍ଣିତ ପୁରସ୍କାର ରାଶି ବ୍ୟତୀତ, ଗୋଷ୍ଠୀ ପର୍ଯ୍ୟାୟରେ ପ୍ରତ୍ୟେକ ବିଜୟ ପ୍ରତ୍ୟେକ ଥର ସେମାନଙ୍କ ଚୂଡ଼ାନ୍ତ ଗଣନାରେ ଆଉ ୨୯.୫ ଲକ୍ଷ ଟଙ୍କା ଯୋଡିବାରେ ସାହାଯ୍ୟ କରିବ। ଗତ ବର୍ଷ, ଆଇସିସି ବହୁ-ଦଳୀୟ ଇଭେଣ୍ଟରେ ପୁରୁଷ ଏବଂ ମହିଳା ଚାମ୍ପିଅନଙ୍କ ପାଇଁ ପୁରସ୍କାର ରାଶି ସମାନ କରିବା ପାଇଁ ଏକ ପ୍ରମୁଖ ପଦକ୍ଷେପ ନେଇଥିଲା। ତେଣୁ, ଗତ ବର୍ଷ ୟୁଏଇରେ ଟି୨୦ ବିଶ୍ୱକପ୍ ଜିତିଥିବା ମହିଳା ଦଳ (ନ୍ୟୁଜିଲ୍ୟାଣ୍ଡ) ପ୍ରାୟ ୨୦ କୋଟି ଟଙ୍କା (ପ୍ରାୟ) ପାଇଥିଲା, ଯାହା ପୁରୁଷ ଦଳ ତୁଳନାରେ ବହୁତ କମ୍ ଥିଲା। ଆଠ ବର୍ଷର ବ୍ୟବଧାନ ପରେ ଚାମ୍ପିଅନ୍ସ ଟ୍ରଫି ପୁଣି ଥରେ ଖେଳାଯିବ ଏବଂ ୧୯୯୬ ପରେ ପାକିସ୍ତାନରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ଆଇସିସି ଇଭେଣ୍ଟ ହେବ। ଏହି ଟୁର୍ଣ୍ଣାମେଣ୍ଟ କରାଚୀରେ ବୁଧବାର, ଫେବୃଆରୀ ୧୯ ରେ ଆୟୋଜକ ପାକିସ୍ତାନ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ମୁକାବିଲା ସହିତ ଆରମ୍ଭ ହେବ।




# ଚାମ୍ପିଅନ୍ସ ଟ୍ରଫି : ଆଘାତ ତାଲିକାରେ ନ୍ୟୁଜିଲାଣ୍ଡ ପେସର ସିୟର୍ସ



ନୂଆଦିଲ୍ଲୀ,୧୪।୨: ୨୦୨୫ ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ନ୍ୟୁଜିଲାଣ୍ଡକୁ ଏକ ବଡ଼ ଝଟକା ଲାଗିଛି ଦଳର ବୋଲର ବେନ୍ ସିୟର୍ସ ଆଘାତ ଯୋଗୁଁ ଟୁର୍ଣ୍ଣାମେଣ୍ଟରୁ ବାଦ ପଡ଼ିଛନ୍ତି ସିୟର୍ସଙ୍କ ସ୍ଥାନରେ ନ୍ୟୁଜିଲାଣ୍ଡ ଜାକବ ଡଫିଙ୍କୁ ଦଳରେ ସାମିଲ କରିଛି ସେ ପାକିସ୍ତାନରେ ଚାଲିଥିବା ତ୍ରିକୋଣୀୟ ସିରିଜରୁ ଆଘାତ ଯୋଗୁଁ ବାଦ ପଡ଼ିଛନ୍ତି ଚାମ୍ପିଅନ୍ସ ଟ୍ରଫିରେ ନ୍ୟୁଜିଲାଣ୍ଡର ପ୍ରଥମ ମ୍ୟାଚ୍ ପାକିସ୍ତାନ ବିପକ୍ଷରେ ଅଛି ଏହି ମ୍ୟାଚ୍ ୧୯ ଫେବୃଆରୀରେ ଖେଳାଯିବ।

ଶୁକ୍ରବାର ନ୍ୟୁଜିଲାଣ୍ଡ କ୍ରିକେଟ୍ ବୋର୍ଡ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି ଏହି ସୂଚନା ଦେଇଛି ବୋର୍ଡ କହିଛି ଯେ ବେନ୍ ସିୟର୍ସ ଆହତ ହୋଇଛନ୍ତି। ଏହି କାରଣରୁ, ସିଅର୍ସ ୨୦୨୫ରେ ହେବାକୁ ଥିବା ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ଖେଳିପାରିବେ ନାହିଁ। ସିୟର୍ସଙ୍କ ବାମ ଗୋଡରେ ସମସ୍ୟା ଅଛି। ତାଙ୍କ ସୁସ୍ଥତା ପାଇଁ ଅତି କମରେ ୨ ସପ୍ତାହ ଲାଗିବ।ସିୟର୍ସ ବାଦ ପଡ଼ିବା ପରେ ନ୍ୟୁଜିଲାଣ୍ଡ ଜାକବ ଡଫିଙ୍କୁ ଦଳରେ ସାମିଲ କରିଛି। ସେ ଏପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ ପାଇଁ ୧୦ଟି ଦିନିକିଆ। ମ୍ୟାଚ୍ ଖେଳି ସାରିଛନ୍ତି। ଏହି ସମୟ ମଧ୍ୟରେ ଡଫି ୧୮ଟି ୱିକେଟ୍ ନେଇଛନ୍ତି। ତାଙ୍କର ସର୍ବୋତ୍ତମ ପ୍ରଦର୍ଶନ ହେଉଛି ଗୋଟିଏ ମ୍ୟାଚ୍‌ରେ ୪୧ ରନ ଦେଇ ୩ଟି ୱିକେଟ୍ ନେଇଥିଲେ। ଡଫି ୧୮ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ମଧ୍ୟ ଖେଳିଛନ୍ତି ସେ ଏହି ଫର୍ମାଟରେ ୧୯ଟି ୱିକେଟ ନେଇଛନ୍ତି। ପୂର୍ବରୁ ଭାରତର ବୁମରା, ଅଷ୍ଟ୍ରେଲିଆର ତିନି ଷ୍ଟାର ଷ୍ଟାର୍କ, ହେଜେଲଉଡ୍ ଓ କମିନ୍ସ ବାଦ୍ ପଡ଼ିସାରିଛନ୍ତି।

# ଗୌତିଙ୍କ ଉପରେ ଖପ୍ପା ବିସିସିଆଇ



ନୂଆଦିଲ୍ଲୀ,୧୪।୨: ଅଷ୍ଟ୍ରେଲିଆ ଗସ୍ତ ପରେ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ୧୦-ସୂତ୍ରୀ ନିର୍ଦ୍ଦେଶାବଳୀ ଜାରି କରିଥିଲା। ଯାହାକୁ ଇଂଲଣ୍ଡ ସିରିଜରେ ନିକଟରେ ଅନୁସରଣ କରାଯାଇଥିବା ଦେଖିବାକୁ ମିଳିଥିଲା। ଏବେ ୨୦୨୫ ଚାମ୍ପିଅନ୍ସ ଟ୍ରଫି ସମୟରେ ଯେକୌଣସି ବିଦେଶ ଗସ୍ତରେ ଅନୁସରଣ କରାଯିବ।

ଏହି ୧୦ଟି ନିର୍ଦ୍ଦେଶାବଳୀ ପ୍ରତି ବିସିସିଆଇ କେତେ ଗମ୍ଭୀର, ତାହାର ସବୁଠାରୁ ବଡ଼ ଉଦାହରଣ ଘରୋଇ କର୍ମଚାରୀଙ୍କ ରହିବା ବ୍ୟବସ୍ଥାରୁ ଅନୁମାନ। ଭାରତର ହେଡ୍ କୋଚ୍ ଗମ୍ଭୀରଙ୍କ ବ୍ୟକ୍ତିଗତ ସହାୟକ ଅଷ୍ଟ୍ରେଲିଆ। ଗସ୍ତ ବେଳେ ଅଲଗା ରହିଥିଲେ। ଯାହକୁ ନେଇ ଖପ୍ପା ହୋଇଥିଲା ମ୍ୟାନେଜିଂ କମିଟି। ହେଲେ ଏବେ ବିସିସିଆଇର କଡ଼ା ନିର୍ଦ୍ଦେଶ ପରେ ସେ ଖେଳାଳିଙ୍କ ସହ ସେହି ସମାନ ହୋଟେଲରେ ରହିବେ।

ପିଟିଆଇ ରିପୋର୍ଟରେ ଦାବି କରାଯାଇଛି ଯେ, ଇଂଲଣ୍ଡର ଘରୋଇ ସିରିଜ୍ ସମୟରେ ତାଙ୍କୁ ସବୁଠି ଦେଖାଯାଇଥିଲେ ମଧ୍ୟ ପ୍ରଶିକ୍ଷକ ଦଳର ଜଣେ ସଦସ୍ୟଙ୍କ ବ୍ୟକ୍ତିଗତ ସଚିବ (ପିଏ), ଯିଏ ନିୟମିତ ଭାବରେ ଟିମ୍ ହୋଟେଲରେ ରହୁଥିଲେ। ବର୍ତ୍ତମାନ ଏକ ପୃଥକ ସୁବିଧାରେ ରହୁଛନ୍ତି। ଯଦିଓ ରିପୋର୍ଟରେ ଗମ୍ଭୀରଙ୍କ ନାମ ନାହିଁ, ଭାରତୀୟ ପ୍ରଶିକ୍ଷକ ଦଳର କୌଣସି ସଦସ୍ୟ (ମୁଖ୍ୟ ପ୍ରଶିକ୍ଷକଙ୍କ ବ୍ୟତୀତ) ଦଳ ସହିତ ଯାତ୍ରା କରୁଥିବା ପିଏ ନାହାଁନ୍ତି। ଏହା ବ୍ୟତୀତ, ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ଦଳ ବୈଠକରେ ଗମ୍ଭୀରଙ୍କ ପିଏଙ୍କ ଉପସ୍ଥିତି ଅଷ୍ଟ୍ରେଲିଆରେ ଥିବା ବିସିସିଆଇ ଅଧିକାରୀମାନଙ୍କୁ ବିରକ୍ତ କରିଥିଲା।

# କିଟ୍‌କୁ ସ୍ପୋର୍ଟଷ୍ଟାର ଏସେସ୍ ପୁରସ୍କାର ୨୦୨୫

ଭୁବନେଶ୍ୱର, ୧୪।୨: କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ କିଟ୍ ବିଶ୍ୱବିଦ୍ୟାଳୟକୁ ସମ୍ମାନଜନକ ସ୍ପୋର୍ଟଷ୍ଟାର ଏସେସ୍ ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି। କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଇଆସୁଥିବା ଦେଶର ଏକମାତ୍ର ବିଶ୍ୱବିଦ୍ୟାଳୟ ଭାବେ କିଟ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଶୁକ୍ରବାର ମୁମ୍ବାଇଠାରେ 'ସ୍ପୋର୍ଟଷ୍ଟାର' ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ଏହି ସମ୍ମାନ ଗ୍ରହଣ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟକୁ ସ୍ପୋର୍ଟଷ୍ଟାର ପକ୍ଷରୁ ୨୦୨୨ ପରେ ଦ୍ୱିତୀୟ ଥର ଏହି ପୁରସ୍କାର ପ୍ରଦାନ କରାଯାଇଥିବାରୁ ଶ୍ରୀ ସାମନ୍ତ ସ୍ପୋର୍ଟଷ୍ଟାରକୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି କ୍ରୀଡ଼ାକୁ ପ୍ରୋତ୍ସାହନ ଦେଉଥିବା ରାଜ୍ୟ ଭାବରେ ମଧ୍ୟପ୍ରଦେଶ, କର୍ପୋରେଟ ଭାବରେ ରିଲିଆନ୍ସ ଓ ପବ୍ଲିକ ସେକ୍ଟର ୟୁନିଟ ଭାବରେ ରେଳବାଇ (ଆରଏସପିବି)କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱନାଥନ୍ ଆନନ୍ଦଙ୍କ ସମେତ ବହୁ କ୍ରୀଡ଼ାବିତ୍, କୋଚ୍ ଓ ପ୍ରାକ୍ତନ କ୍ରୀଡ଼ାବିତ୍ ପ୍ରମୁଖ ଉପସ୍ଥିତ ଥିଲେ।



ସୂଚନାଯୋଗ୍ୟ, ୨୦୦୪ ମସିହାରୁ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ନେତୃତ୍ୱରେ କିଟ୍ ଓ କିସ୍ କ୍ରୀଡ଼ାର ବିକାଶ, କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହ ଓ ପ୍ରୋତ୍ସାହନ ଯୋଗାଇ ଦେଇ ଆସୁଛି। କିଟ୍ ଓ କିସ୍‌ରେ ଉନ୍ନତ ଓ ଅନ୍ତର୍ଜାତୀୟମାନର କ୍ରୀଡ଼ା ଭିତ୍ତିଭୂମି ଜରିଆରେ ଉଭୟ ଅନୁଷ୍ଠାନରୁ ଏପର୍ଯ୍ୟନ୍ତ ୨୩ ଜଣ ଅଲିମ୍ପିଆନ୍, ୩ଜଣ ପାରାଅଲିମ୍ପିଆନ୍, ୧୧ ଅର୍ଜୁନ ପୁରସ୍କାର ବିଜେତା ଓ ଜଣେ ଖେଳରନ୍ ପୁରସ୍କାର ବିଜେତା ସୃଷ୍ଟି ହୋଇପାରିଛନ୍ତି। ଏହା ସହ ଉଭୟ ଅନୁଷ୍ଠାନରୁ ୫ ହଜାରରୁ ଊର୍ଦ୍ଧ୍ୱ ଆଞ୍ଚଳିକ, ଜିଲ୍ଲାସ୍ତରୀୟ, ରାଜ୍ୟସ୍ତରୀୟ, ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ସୃଷ୍ଟି ହୋଇ ପାରିଛନ୍ତି। କିଟ୍ ଓ କିସ୍‌ର ଏହି ସଫଳତା ସ୍ପୋର୍ଟଷ୍ଟାର ବିଚାରକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

ଏକ ଶିକ୍ଷାନୁଷ୍ଠାନ ଭାବରେ କିଟ୍ ଓ କିସ୍ ବର୍ଷ ବର୍ଷ ଧରି ଅନେକ କ୍ରୀଡ଼ା ପୁରସ୍କାର ଜିତିଆସିଛି। ୨୦୨୩ରେ କିଟ୍‌କୁ ପ୍ରଥମ ସିଆଇଆଇ ସ୍ପୋର୍ଟସ ବିଜିନେସ ପୁରସ୍କାର 'ବେଷ୍ଟ ସ୍ପୋର୍ଟସ ଫେସିଲିଟି' ପୁରସ୍କାର ମିଳିଥିଲା। ଏହା ପୂର୍ବରୁ ୨୦୨୨ରେ ଭାରତ ସରକାରଙ୍କ ଦ୍ୱାରା ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର; ଏଫସିସିଆଇ ଇଣ୍ଡିଆ କ୍ରୀଡ଼ା ପୁରସ୍କାର ୨୦୨୨; ଦି ହିନ୍ଦୁ ଦ୍ୱାରା ସ୍ପୋର୍ଟଷ୍ଟାର ଆସେସ୍ ପୁରସ୍କାର ୨୦୨୨ ଏବଂ କ୍ରୀଡ଼ା ଏବଂ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ପାଇଁ ସର୍ବୋତ୍ତମ ଅବଦାନ ପାଇଁ ୨୦୧୯ରେ କିଟ୍‌କୁ ଓଡ଼ିଶା ସରକାରଙ୍କ ଦ୍ୱାରା ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରରେ ମଧ୍ୟ ସମ୍ମାନିତ କରାଯାଇଛି।

# କୋହଲି ସବୁଠାରୁ ଲୋକପ୍ରିୟ ଖେଳାଳି

ନୂଆଦିଲ୍ଲୀ,୧୩।୨: ଇଣ୍ଡିଆ ଟୁଡେ ଏବଂ ସି-ଭୋଟର ଭାରତର ସବୁଠାରୁ ପ୍ରିୟ କ୍ରୀଡାବିତ୍‌ଙ୍କ ବିଷୟରେ ମୁଡ ଅଫ ଦି ନେସନ ସର୍ଭେ କରିଥିଲା।ଏହି ସର୍ଭେ ଫେବୃଆରୀ ୨ରୁ ୯ ମଧ୍ୟରେ କରାଯାଇଥିଲା। ସର୍ଭେ ବିଶ୍ଳେଷଣ କରିବା ପରେ, ଫଳାଫଳରେ ବିରାଟ କୋହଲିଙ୍କ ନାମ ଶୀର୍ଷରେ ଆସିଥିଲା, ଯାହାର ଅର୍ଥ ହେଉଛି ବିରାଟ କୋହଲି ଭାରତର ସବୁଠାରୁ ପ୍ରିୟ ଖେଳାଳି ସର୍ଭେ ତାଲିକାରେ ଟିମ ଇଣ୍ଡିଆର ପୂର୍ବତନ ଅଧିନାୟକ ଧୋନୀଙ୍କ ନାମ ଦ୍ୱିତୀୟ ସ୍ଥାନରେ ଅଛି ଏହା ପରେ ରୋହିତ ଶର୍ମା ତାଲିକାର ତୃତୀୟ ସ୍ଥାନରେ, ଶୁଭମନ ଗିଲ ଚତୁର୍ଥ ସ୍ଥାନରେ ଏବଂ ଟିମ ଇଣ୍ଡିଆର ବର୍ତ୍ତମାନର ଟି-୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପଞ୍ଚମ ସ୍ଥାନରେ ଅଛନ୍ତି।

# ମେଣ୍ଡିସଙ୍କ ଅଭୂତପୂର୍ବ ବ୍ୟାଟିଂ

ନୂଆଦିଲ୍ଲୀ,୧୪୨: ଶ୍ରୀଲଙ୍କାର ଉଇକେଟକିପର-ବ୍ୟାଟ୍ସମ୍ୟାନ୍ କୁସାଲ ମେଣ୍ଡିସ ପୁଣି ଥରେ ଶତକ ହାସଲ କରି ନିଜ ପ୍ରତିଭାର ପ୍ରମାଣ ଦେଇଛନ୍ତି। କଲମ୍ବୋରେ ଖେଳାଯାଉଥିବା ଦ୍ୱିତୀୟ ତଥା ଶେଷ ଏକଦିବସୀୟ ମ୍ୟାଚ୍‌ରେ ଏହି ଡାହାଣହାତୀ ବ୍ୟାଟ୍ସମ୍ୟାନ ଶତକ ମାରିଛନ୍ତି।୧୧୫ ବଲ୍‌ରେ ସେ ୧୦୧ ରନ୍ କରିଛନ୍ତି ମେଣ୍ଡିସଙ୍କ ଷ୍ଟ୍ରାଇକ ରେଟ୍ ୮୭ରୁ ଅଧିକ ରହିଛି। ବଡ଼ କଥା ହେଉଛି ଏହି ଖେଳାଳି ତାଙ୍କ ଇନିଂସରେ ଗୋଟିଏ ବି ଛକା ନ ମାରି ଶତକ ହାସଲ କରିଛନ୍ତ।କେବଳ ସେତିକି ନୁହେଁ ସେ ୧୧୫ ବଲ୍‌ରୁ ୫୦ ବଲ୍‌ରେ ଗୋଟିଏ ବି ରନ୍ କରି ନ ଥିଲେ।

ଯେତେବେଳେ ମେଣ୍ଡିସ କ୍ରିଜ୍‌କୁ ଆସିଥିଲେ, ସେତେବେଳେ ଅଷ୍ଟ୍ରେଲିୟ ଦ୍ରୁତ ବୋଲରମାନେ ଦବ୍‌ଦବା ରହିଥିଲା ମଇଦାନରୁ ଲାଭ ମିଳୁଥିବାରୁ ଶ୍ରୀଲଙ୍କା ଶୀଘ୍ର ପଥୁମ୍ ନିସାଙ୍କାଙ୍କ ଉଇକେଟ ହରାଇଥିଲା। ଏହି ଖେଳାଳି ୨୦ ବଲ୍‌ରେ ମାତ୍ର ୬ ରନ କରିପାରିଥିଲେ। ଏହା ପରେ ମେଣ୍ଡିସ ଏବଂ ନିଶାନ ମାଦୁଷ୍କା ଚମତ୍କାର ବ୍ୟାଟିଂ କରି ଶ୍ରୀଲଙ୍କାଙ୍କୁ ବଡ଼ ସ୍କୋର ଆଡ଼କୁ ନେଇଥିଲେ। ମାତ୍ର ନିଜର ଇନିଂସରେ ମେଣ୍ଡିସ ଅନେକ ଡଟ୍ ବଲ ଖେଳିଥିଲେ। ମୋଟାମୋଟି ଦେଖିଲେ ସେ ତାଙ୍କ ଇନିଂସରେ ମୋଟ ୫୦ ବଲ୍‌ରେ କୌଣସି ରନ୍ କରିପାରି ନ ଥିଲେ। ଏହା ସତ୍ତ୍ୱେ ମେଣ୍ଡିସ ୫୦ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୧୧୩ ବଲ୍‌ରେ ଶତକ ହାସଲ କରିବାରେ ସଫଳ ହୋଇଥିଲେ।

ମେଣ୍ଡିସଙ୍କ ଶତକ ଯୋଗୁ ଶ୍ରୀଲଙ୍କା ୫୦ ଓଭରରେ ୨୮୧ ରନ୍ କରିପାରିଛି। ଅଧିନାୟକ ଚରିତ ଅସଲାଙ୍କା ମଧ୍ୟ ୭୮ ରନର ଏକ ଚମତ୍କାର ଇନିଂସ ଖେଳିଛନ୍ତି । ମାଦୁଷ୍କା ୫୧ ରନ କରିଛନ୍ତି ଜାନିଥ ଲିଆନାଗେ ମଧ୍ୟ ୩୨ ରନର ଅପରାଜିତ ଇନିଂସ ଖେଳିଛନ୍ତି। ମେଣ୍ଡିସଙ୍କ ଶତକ ସ୍ୱତନ୍ତ୍ର ଥିଲା। କାରଣ ସେ ୨୦୨୦ ପରଠାରୁ ସମସ୍ତ ଫର୍ମାଟରେ ୮ଟି ଶତକ ମାରିଛନ୍ତି। ତାଙ୍କର ରେ ମୋଟ ୫ଟି ଶତକ ଅଛି। ଏହା ବ୍ୟତୀତ ସେ ଟେଷ୍ଟରେ ୧୦ଟି ଶତକ ମଧ୍ୟ ମାରିଛନ୍ତି। ଶ୍ରୀଲଙ୍କା ଦଳ ପ୍ରଥମ ରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ସିରିଜରେ ୧-୦ରେ ଆଗୁଆ। ଅଛି ଏମିତିରେ ଯଦି ଦଳ ଦ୍ୱିତୀୟ ଏକଦିବସୀୟ ମ୍ୟାଚ ଜିତିଯାଏ ତେବେ ମେଣ୍ଡିସ ହିରୋ ସାଜିବେ।

# ଭାଲୁମୁଣ୍ଡା ବିଜୟୀ

ବଙ୍ଗୋମୁଣ୍ଡା,୧୪।୦୨- ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ କପିଲାଭଟା ପଞ୍ଚାୟତ ବରତୁଣ୍ଡା ଗାଁ ରେ ମାଁ ଦ୍ୱାରସେନି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଚତୁର୍ଥ ଦିବସ ରେ ପହଞ୍ଚିଛି ।ଆୟୋଜିତ ଚତୁର୍ଥ ଦିବସ ରେ ମୁଖ୍ୟ ଅତିଥି ଭାବେ ଏପିଓ ଲକ୍ଷ୍ମଣ କୁମାର ବୁଡେକ, ସମ୍ମାନୀୟ ଅତିଥି ଭାବେ ଜେଇ ମିହିର କୁମାର ପଣ୍ଡା, ବିପିସି ଶୁଭାଶିଷ ତ୍ରିପାଠୀ, ବିପିଏ ଜିତେନ୍ଦ୍ର ରଣା, ଖଇରା ଜିଓ ଟେଗ ବସୁଦେବ ରଣା, ପରମାନନ୍ଦ ପୁଟେଲ, ଦୁର୍ଦ୍ଦକ୍ଷ ହଂସ, କେଦାର ଭୋଇ, ତେଜରାଜ ଭୋଇ, ଶୋଭାକର ନାଗ, ପରମେଶ୍ୱର ମହାନନ୍ଦ,ଧର୍ମେନ୍ଦ୍ର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଚତୁର୍ଥ ଦିବସ ମ୍ୟାଚ ରେ ଅଶୁର୍ଲା ଓ ଭାଲୁମୁଣ୍ଡା ଦଳ ମଧ୍ୟରେ ଖେଳ ହୋଇଥିବା ବେଳେ ଅଶୁର୍ଲା ଦଳ କୁ ପରାସ୍ତ କରି ଭାଲୁମୁଣ୍ଡା ଦଳ ବିଜୟୀ ହୋଇଛି । ନବୀନ ପୁଟେଲ ଓ ଅଙ୍କିତ ରାଉତ ଖେଳ ପରିଚାଳନା କରିଥିଲେ ଆୟୋଜକ କମିଟି ର ଆଶିଷ ଯାନୀ, ଅଙ୍କିତ ରାଉତ, ଯୋଗିନ ଭୋଇ, ମହେଶ୍ୱର ପୁଟେଲ, ଇନ୍ଦ୍ର ଭୋଇ, ଡୋଲେଶ୍ୱର ଭୋଇ,ମକରଧ୍ୱଜ ନାଗ,ପ୍ରତାପ ନାଗ ପ୍ରମୁଖ ସହ ଆୟୋଜକ କମିଟି ର ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ।



# ସ୍ୱାମୀ ବିବେକାନନ୍ଦ ମେମୋରିଆଲ କ୍ଲବର ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ପାରାଦୀପ,୧୪।୨: ସ୍ୱାମୀ ବିବେକାନନ୍ଦ ମେମୋରିଆଲ କ୍ଲବ ଆନୁକୂଲ୍ୟରେ ଏହାର ୧୦ମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାରାଦୀପ ନେହେରୁବଙ୍ଗଳା ସ୍ଥିତ ପଡିଆରେ ଶୁକ୍ରବାର ଦିନ ଉଦଘାଟିତ ହୋଇଯାଇଛି ।ଏହି ଅବସରରେ ବିଶିଷ୍ଟ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟ ର ଶୁଭ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବିଜେପି ସଭାପତି ତଥା ପରିଷଦ ସୁବ୍ରତ ପ୍ରଧାନ, ସ୍ଥାନୀୟ ପାରିଷଦ ଜୟନ୍ତୀ ମଦେଲୀ, ବରିଷ୍ଠ ସାମ୍ବାଦିକ ଶଶାଙ୍କ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭବେ ଯୋଗଦେଇଥିବା ବେଳେ ଅକ୍ଷୟ ସ୍ୱାଇଁ, ମଣ୍ଟୁ ବାରିକ ଓ ରଞ୍ଜିତ ରାୟ ଅତିଥି ଭାବେ ଉପସ୍ଥିତ ଥିଲେ ଚଳିତ ଫେବୃଆରୀ ୧୪ ରୁ ୨୩ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୦ ଦିନ ଧରି ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୧୬ ଟି କ୍ରିକେଟ ଟିମ ଅଂଶଗ୍ରହଣ କରୁଛନ୍ତି ଏବଂ ଆସନ୍ତା ୨୩ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ତେବେ ବନ୍ଦର ସହର ଠାରୁ ଦୂରରେ ଥିବା ନେହେରୁବଙ୍ଗଳା ଅଞ୍ଚଳବାସୀ ଙ୍କ ପାଇଁ ବିବେକାନନ୍ଦ ମେମୋରିଆଲ କ୍ଲବ ର ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ ବେଶ ମନୋରଞ୍ଜନ ର ଖୋରାକ ଯୋଗାଇବ।

# କ୍ରିକେଟ ପରେ ବ୍ୟବସାୟରେ ଏଣ୍ଟ୍ରି କଲେ ଯୁବରାଜ



ମୁମ୍ବାଇ,୧୪।୨: ଭାରତୀୟ ଟିମ୍‌ର ପୂର୍ବତନ ଅଲ୍‌ରାଉଣ୍ଡର ଯୁବରାଜ ସିଂହ କ୍ରିକେଟ ଜଗତରେ ସେ ସିକ୍ସର କିଙ୍ଗ ଭାବେ ଜଣାଶୁଣା କ୍ରିକେଟରୁ ସନ୍ୟାସ ନେବା ପରେ ସେ ଏବେ ବ୍ୟବସାୟୀ ଭାବେ ମାର୍କେଟରେ ନିଜକୁ ପ୍ରସ୍ତୁତ କରୁଛନ୍ତି। ଯୁବିଙ୍କ ପାଖରେ ଏବେ ବଡ ବଡ ବ୍ୟବସାୟୀ କମ୍ପାନୀଙ୍କ ଭିଡ ଲାଗିଛି। ଯେଉଁଥିରୁ ସେ ଖୁବ୍ ପଇସା କମାଉଛନ୍ତି। ମିଡିଆ। ରିପୋର୍ଟ ଅନୁସାରେ ଯୁବରାଜଙ୍କ ନେଟଓ୍ୱର୍ଥ ପାଖାପାଖି ୩୨୦ କୋଟି ଟଙ୍କା ଅଛି। ଯୁବିଙ୍କର ଅନେକ ଷ୍ଟାର୍ଟଅପ୍ ଆରମ୍ଭ କରିସାରିଲେଣି। ଯେଉଁଥିରୁ ଜବରଦସ୍ତ ଅର୍ଥ ଉପାର୍ଜୁଛନ୍ତି ତାଙ୍କର ବ୍ୟକ୍ତିଗତ ପ୍ରପଟି ପାଖାପାଖି ୫୦ କୋଟିରୁ ଅଧିକ। ଯୁବରାଜ ସିଂହଙ୍କ ପାଖରେ ମୁମ୍ବାଇରେ ଦୁଇଟି ଆଲିସାନ ଆପାର୍ଟମେଣ୍ଟ ଅଛି। ନିକଟରେ ଭାରତୀୟ କ୍ରିକେଟ ଟିମ୍ ପୂର୍ବ ଦିଗ୍ଗଜ ଅଲ୍‌ରାଉଣ୍ଡର ଯୁବରାଜ ସିଂହ ଅଲଟ୍ରା ପ୍ରିମିୟମ ସ୍ପିରିଟ୍ ବ୍ରାଣ୍ଡ ଫିନୋ ଟକିଲା ଲଞ୍ଚ କରିଛନ୍ତି। ମାନେ ଏଣିକି ସେ ମଦ ବ୍ୟବସାୟରେ ନିବେଶ କରିବେ।

ଏମିତିକି ପୁଳା ପୁଳା ରୋଜଗାର କରିବେ। ଯଦିଓ ଯୁବରାଜ ଅନେକ ବ୍ୟବସାୟୀଙ୍କ ସହ ମିଶି ଆମେରିକା ମାର୍କେଟରେ ଲଞ୍ଚ କରିଛନ୍ତି। ଯୁବି ଖୁବ୍ ଶୀଘ୍ର ଏହାକୁ ଭାରତରେ ଲଞ୍ଚ କରିବେ। ଏଥିପାଇଁ ପ୍ରସ୍ତୁତି ବି ଶେଷ ପର୍ଯ୍ୟାୟରେ ଚାଲିଛି । ଯୁବି ଏହି ବ୍ରାଣ୍ଡକୁ ଆମେରିକାର ଶିକାଗୋରେ ଆୟୋଜିତ ଗୋଟିଏ ଇଭେଣ୍ଟରେ ଲଞ୍ଚ କରିଥିଲେ। ୨୦୨୫ ଏପ୍ରିଲ୍ ଭିତରେ ଏହି ବ୍ୟବସାୟକୁ ଯୁବି ଭାରତ ଆଣିବାର ବହୁତ ସମ୍ଭାବନା ରହିଛି।

# କୋରିଆଠୁ ହାରିଲା ଭାରତ

କ୍ୱିଙ୍ଗଡାଓ (ଚୀନ୍): ଚଳିତ ଏସୀୟ ବ୍ୟାଡ୍‌ମିଣ୍ଟନ ଦଳଗତ ପ୍ରତିଯୋଗିତାର ନିଜର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୨-୩ରେ କୋରିଆଠୁ ହାରିଯାଇଛି। ତେବେ ପୂର୍ବରୁ ନିଜର ପ୍ରଥମ ମ୍ୟାଚ୍‌ରେ ୫-୦ରେ ମକାଉକୁ ହରାଇଥିବା ଭାରତ ଗ୍ରୁପ୍-ଡିରେ ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛି। ଗୁରୁବାର ମିଶ୍ରିତ ଯୁଗଳରେ ଧ୍ରୁବ କପିଲ ଓ ତନିଷା କ୍ରଷ୍ଟୋ ୨୧-୧୧, ୧୨-୨୧, ୧୫-୨ରେ କୋରିଆର ଜୁ କି ଡନ୍‌ଙ୍କଠୁ ଏବଂ ମହିଳା ଏକକରେ ମାଳବିକା ବଂଶୁଦ ୯-୨୧, ୧୦-୨୧ରେ ୟୁ ଜିନ୍ ସିମ୍‌ଙ୍କଠୁ ହାରିଯିବାରୁ ଭାରତ ୦-୨ରେ ପଛରେ ରହିଥିଲା। ପୁରୁଷ ଏକକରେ ସତୀଶ କୁମାର କରୁଣାକରନ ୧୭-୨୧, ୨୧-୧୮, ୨୧-୧୯ରେ ଚୋ ଜିଓନିଓପ୍‌ଙ୍କୁ ଏବଂ ମହିଳା ଯୁଗଳରେ ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ ୧୯-୨୧, ୨୧-୧୬, ୨୧-୧୧ରେ କିମ୍ ମିନ୍ ଜି ଓ କିମ୍ ୟୁ ଜୁଙ୍ଗ୍‌ଙ୍କୁ ହରାଇ ସ୍ଥିତି ୨-୨ କରିବା ସହ ଭାରତ ପାଇଁ ଆଶା ସଞ୍ଚାର କରିଥିଲେ।

# ବିବାହ ବନ୍ଧନରେ କ୍ରିକେଟର ଲଳିତ ଯାଦବ

ନୂଆଦିଲ୍ଲୀ,୧୪।୨ :ଦିଲ୍ଲୀ କ୍ୟାପିଟାଲ୍ସର ପୂର୍ବତନ ଅଲରାଉଣ୍ଡର ଲଳିତ ଯାଦବ ବିବାହ କରିଛନ୍ତି। ଜୁଲାଇ ୨୦୨୪ରେ ନିର୍ବନ୍ଧ କରିଥିବା ଲଳିତ ୧୩ ଫେବୃଆରୀ ୨୦୨୫ରେ ମୁସ୍କାନ ଯାଦବଙ୍କୁ ବିବାହ କରିଥିଲେ। ରିପୋର୍ଟ ଅନୁସାରେ, ବିବାହ ଉତ୍ସବରେ ଉଭୟ ପରିବାରର ନିକଟତର ଲୋକମାନେ ଉପସ୍ଥିତ ଥିଲେ। ବିବାହ ବହୁତ ଧୁମଧାମରେ ଅନୁଷ୍ଠିତ ହୋଇଥିଲା ମୁସକାନଙ୍କୁ ଏକ ସୁନ୍ଦର ଲାଲ ଲେହେଙ୍ଗାରେ ଦେଖିବାକୁ ମିଳିଥିଲା ଯେତେବେଳେ ଲଳିତ କ୍ରିମ ରଙ୍ଗର ଶେରାନିରେ ବହୁତ ସୁନ୍ଦର ଦେଖାଯାଉଥିଲେ। ଲଳିତ ଯାଦବଙ୍କ ବିବାହ ପରେ, ତାଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ଦଳର ସାଥୀଙ୍କଠାରୁ ଅଭିନନ୍ଦନ ମିଳୁଛି।ମୁକେଶ କୁମାର, କୁଳଦୀପ ଯାଦବ ଏବଂ ଖଲିଲ ଅହମ୍ମଦଙ୍କ ଭଳି ଖେଳାଳିମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।୨୮ ବର୍ଷୀୟ ଅଲରାଉଣ୍ଡର ଲଳିତ ଯାଦବଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଲକ୍ଷ ଟଙ୍କାରେ ୨୦୨୦ ମସିହାରେ କିଣିଥିଲା। ତାଙ୍କୁ ସେହି ସିଜିନରେ ଖେଳିବାର ସୁଯୋଗ ମିଳିନଥିଲା । ସେ ୨୦୨୧ ମସିହାରେ ତାଙ୍କର ଡେବ୍ୟୁ କରିଥିଲେ। ସେହି ସିଜନରେ ତାଙ୍କୁ ୭ଟି ମ୍ୟାଚ ଖେଳିବାକୁ ମିଳିଥିଲା। ଏଥିରେ ସେ ୬୮ ରନ କରିଥିଲେ ଏବଂ ୪ୱିକେଟ ନେଇଥିଲେ ୨୦୨୨ ମେଗା ନିଲାମରେ, ଦିଲ୍ଲୀ କ୍ୟାପିଟାଲ୍ସ ତାଙ୍କୁ ୬୫ ଲକ୍ଷ ଟଙ୍କାରେ କିଣିଥିଲା। ସେହି ସିଜନରେ, ସେ ୧୨ଟି ମ୍ୟାଚରେ ୧୬୧ ରନ କରିଥିଲେ ଏବଂ ୪ଟିକେଟ ନେଇଥିଲେ। ସେ ୨୩ ଏବଂ ୨୪ ସିଜିନରେ କେବଳ ୮ଟି ମ୍ୟାଚ ଖେଳିବାକୁ ପାଇଥିଲେ। ଯେଉଁଥିରେ ସେ ୭୬ ରନ କରିଥିଲେ ଏବଂ ୨ ୱିକେଟ ନେଇଥିଲେ। ତାଙ୍କୁ ୨୦୨୫ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ମୁକ୍ତ କରିଥିଲା ଏବଂ ସେ ମେଗା ନିଲାମରେ ବିକ୍ରୟ ହୋଇନଥିଲେ।



Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ